

ଯିଏ ମୃତ୍ୟୁ ପର୍ଯ୍ୟନ୍ତ ମଧ୍ୟ କିଛି ଦାନ ନ କରେ, ତାହାଠାରୁ ବଳି ହତଭାଗ୍ୟ ଆଉ କେହି ନାହାନ୍ତି। - ସେକ୍ସପିୟର



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ରିଜିଓନାଲ ଆଉଟରିଚ ବ୍ୟୁରୋ ପକ୍ଷରୁ ଏକଦିବସୀୟ କର୍ମଶାଳା, ଜିକେଏମ୍ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ପରିସର, ଜାଭିୟର ଛକ, ପୂର୍ବାହ୍ନ ୧୦ଟା।
- ବେସରକାରୀ ଅନୁଦାନ ଓ ଅଣ ଅନୁଦାନ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀ ସଂଘର ବିକ୍ଷୋଭ, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- କମ୍ରେଡ ଗୁରୁଦାସ ଦାସଗୁପ୍ତାଙ୍କ ରାଜ୍ୟସ୍ତରୀୟ ସ୍ମୃତିସଭା, ରୋଟାରୀ କ୍ଲବ, ଅପରାହ୍ନ ୫ଟା।
- ରାଜ୍ୟସ୍ତରୀୟ ଗଣକବି ବୈଷ୍ଣବ ପାଣିଙ୍କ ୧୩୭ତମ ଜୟନ୍ତୀ ସମାରୋହ, ଉତ୍କଳ ଅଡିଟୋରିୟମ, ସନ୍ଧ୍ୟା ୬ଟା।
- ସୁବାର୍ତ୍ତା ଓ ଓଡ଼ିଶା ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମିଳିତ ଆନୁକୂଲ୍ୟରେ ଆଲୋଚନାଚକ୍ର, ଗୀତଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ମ୍ୟୁଜିକ ସର୍କଲର ବାର୍ଷିକ ମ୍ୟୁଜିକ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ନୃତ୍ୟଶାଳା ପକ୍ଷରୁ କଳାକୃତି ସାଂସ୍କୃତିକ ସନ୍ଧ୍ୟା, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**କଟକ**
- କଟକ ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କ ପକ୍ଷରୁ ଆର୍‌ସିଡିସିସ୍ତରୀୟ ଆଲୋଚନାଚକ୍ର, ଶହୀଦ ଭବନ, ପୂର୍ବାହ୍ନ ୧୦ଟା।

**ପୁରୀ**
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସାଂସ୍କୃତିକ କାର୍ଯ୍ୟକ୍ରମ, ମଧୁବନ, ଅପରାହ୍ନ ୨ଟା।
- ପଞ୍ଚଗବ୍ୟ ଚିକିତ୍ସକ ସମ୍ମିଳନୀ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ଅପରାହ୍ନ ୩ଟା।

**ବାଲିଅନ୍ତା**
- ବିଶ୍ୱଶାନ୍ତି ମହାଯଜ୍ଞ, ମା' ଜାଗୁଲାଇ ପୀଠ, ବେଣୁପୁର, ପୁରୁଣାପାଟଣା, ସକାଳ ୯ଟା।

# ୯ ସହରରେ ହେବ ଅତ୍ୟାଧୁନିକ ଶୌଚାଳୟ

**ଭୁବନେଶ୍ୱର,୧୮।୧୧(ବ୍ୟୁରୋ)**

ରାଜ୍ୟ ସରକାର ଖୁବ୍‌ଶୀଘ୍ର ବିଭିନ୍ନ ସ୍ଥାନରେ ପଞ୍ଚତାରକା ତଥା ଅତ୍ୟାଧୁନିକ ଶୌଚାଳୟ ପ୍ରକଳ୍ପ ଆରମ୍ଭ କରିବାକୁ ଯୋଜନା ରଖିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ରାଜ୍ୟର ୯ ସହରରେ ଏହି ପ୍ରକଳ୍ପ ଆରମ୍ଭ ହେବ। ବର୍ତ୍ତମାନ ସୁଦ୍ଧା ୫ ସହରରେ ଏଥିଲାଗି କାମ ଆରମ୍ଭ ହୋଇସାରିଥିବା ସୂଚନା ଦେଇଛନ୍ତି ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଜି. ମାଥି ଭାଥାନନ୍। ସିଏଫ୍‌ଏଆର୍ ଏବଂ ଏହାର ସହଯୋଗୀ ଅନୁଷ୍ଠାନ ସଖା, ସ୍ୱାଭିମାନ, ହେଲପ୍‌ଏଜ ଇଣ୍ଡିଆ ପକ୍ଷରୁ ସୋମବାର ସ୍ଥାନୀୟ ଇଡିକଲ୍ ଅଡିଟୋରିୟମ୍‌ଠାରେ ଆୟୋଜିତ ବିଶ୍ୱ ଶୌଚାଳୟ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ମାଥି ଭାଥାନନ୍ ରାଜ୍ୟର ସର୍ବସାଧାରଣ ଶୌଚାଳୟଗୁଡ଼ିକରେ ୨୪ ଘଣ୍ଟିଆ ପାଣି ଏବଂ ବିଦ୍ୟୁତ୍ ସଂଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ।

ବିଶ୍ୱ ଶୌଚାଳୟ ଦିବସ ଅବସରରେ ଏକ ବିଶାଳ ପଦଯାତ୍ରା ଶିଶୁଭବନ ଛକଠାରୁ ବାହାରି ଇଡିକଲ୍ ଅଡିଟୋରିୟମ୍ ପର୍ଯ୍ୟନ୍ତ ଯାଇଥିଲା। ମାଥି ଭାଥାନନ୍ ଏହାର ଶୁଭାରମ୍ଭ କରାଇଥିଲେ। ଏହି ଅବସରରେ ବହୁସଂଖ୍ୟାରେ ଦିବ୍ୟାଙ୍ଗ, କିନ୍ନର ଏବଂ ବିଭିନ୍ନ କଲେଜ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଶୌଚାଳୟ ବ୍ୟବହାର ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସନ୍ନ୍ୟାସ ବେହେରା, ଲିଙ୍କନ ଚୌଧୁରୀ, ମୀରା ପରିଡ଼ା ପ୍ରମୁଖ ପଦଯାତ୍ରାରେ ଯୋଗଦେଇଥିଲେ। ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଯୁଗଳ କିଶୋର ସାହୁଙ୍କ ନେତୃତ୍ୱରେ ବହୁସଂଖ୍ୟାରେ ବରିଷ୍ଠ ନାଗରିକ ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ ନାଟକ ପରିବେଷଣ ମାଧ୍ୟମରେ ଦେଖଣାହାରିଙ୍କୁ ସଚେତନତାର ବାର୍ତ୍ତା ପ୍ରଦାନ କରାଯାଇଥିଲା। ପରେ ପରେ ଅନୁଷ୍ଠିତ ସଭାରେ ସିଓ୍ୱାଇଏସ୍‌ଡି ପ୍ରକଳ୍ପ ପରିଚାଳକ ବସନ୍ତ କୁମାର ନାୟକ, ହେଲପ୍‌ଏଜ ଇଣ୍ଡିଆ ରାଜ୍ୟ ମୁଖ୍ୟ ଭାରତୀ ଚକ୍ରଙ୍କ ସହ ମହେନ୍ଦ୍ର ଧଳ, ମିହିର ମହାନ୍ତି, ଏଲିସା ପଟ୍ଟନାୟକ ପ୍ରମୁଖ ଶୌଚାଳୟ ବ୍ୟବହାରର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଏବଂ ବିଭାଗୀୟ ପ୍ରମୁଖ ସଚିବ ଚଳିତବର୍ଷ ଲାଗି ବିଶ୍ୱ ଶୌଚାଳୟ ଦିବସର ସ୍ୱତନ୍ତ୍ର ପୁସ୍ତିକା ଉନ୍ମୋଚନ କରିଥିଲେ।



ସଚେତନତା ବାର୍ତ୍ତା ନେଇ ବାହାରିଥିବା ପଦଯାତ୍ରା।

**ବିଶ୍ୱ ଶୌଚାଳୟ ଦିବସ**



ମନ୍ତ୍ରୀ ପ୍ରତାପ ଜେନା ସ୍ୱତନ୍ତ୍ର ପୁସ୍ତିକା ଉନ୍ମୋଚନ କରୁଛନ୍ତି।

## ମାଲକାନଗିରିରେ ଶିଶୁ ମୃତ୍ୟୁ ମାମଲା
## ହାଇକୋର୍ଟରେ ପ୍ରତିଜବାବ ଦାଖଲ



**କଟକ ଅଫିସ,୧୮।୧୧:** ୨୦୧୧ରୁ ୨୦୧୮ ପର୍ଯ୍ୟନ୍ତ ମାଲକାନଗିରିରେ ଶିଶୁମୃତ୍ୟୁକୁ ନେଇ ହାଇକୋର୍ଟରେ ଚାଲିଥିବା ମାମଲାରେ ସୋମବାର ଆବେଦନକାରୀଙ୍କ ପକ୍ଷରୁ ପ୍ରତିଜବାବ ଦାଖଲ କରାଯାଇଛି। ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ମାମଲା ଶୁଣାଣି ହୋଇଥିବାବେଳେ ଆବେଦନକାରୀ ଆଇନଜୀବୀ ପ୍ରବୀର ଦାସ ପ୍ରତିଜବାବ ଦାଖଲ କରିଛନ୍ତି। ଏଥିରେ ଆବେଦନକାରୀ ଦର୍ଶାଇଛନ୍ତି, ମାଲକାନଗିରି ଶିଶୁ ମୃତ୍ୟୁ ମାମଲାରେ ରାଜ୍ୟ ସରକାର ଯେଉଁ ସତ୍ୟପାଠ ଦାଖଲ କରିଛନ୍ତି ତାହା ଅସମ୍ପୂର୍ଣ୍ଣ। ଏହି ସତ୍ୟପାଠରେ ସରକାର ସମ୍ପୂର୍ଣ୍ଣ ତଥ୍ୟ ଦେଇନାହାନ୍ତି। ପୂର୍ବରୁ ରାଜ୍ୟ ସରକାର ଦେଇଥିବା ରିପୋର୍ଟରେ ଦର୍ଶାଯାଇଛି, ଶିଶୁ ମୃତ୍ୟୁହାର ରୋକିବା ପାଇଁ ୨୦୧୭-୧୮ରେ ଏକାଧିକ ଯୋଜନା ପ୍ରଣୟନ କରାଯାଇଛି। ଏହା ଦ୍ୱାରା ମାଲକାନଗିରିରେ ଶିଶୁ ମୃତ୍ୟୁହାର କମିଛି। ତେବେ ଏହି ରିପୋର୍ଟ ତଥ୍ୟ ଉପରେ ଆଧାରିତ ନୁହେଁ ବୋଲି ଆବେଦନକାରୀ ପ୍ରତିଜବାବରେ ଦର୍ଶାଇଛନ୍ତି। ଶିଶୁ ଅପପୁଷ୍ଟି ଜନିତ ମୃତ୍ୟୁ ରୋକିବା ପାଇଁ ରାଜ୍ୟ ସରକାର ଯୋଜନା ପ୍ରଣୟନ କରିବା ଏବଂ ଏହି ଜିଲାରେ ଶିଶୁମୃତ୍ୟୁ ରୋକିବାକୁ ଏକ ଉଚ୍ଚସ୍ତରୀୟ ତଦନ୍ତ ଲାଗି ଆବେଦନକାରୀ ଦାସ ହାଇକୋର୍ଟରେ ପ୍ରାର୍ଥନା କରିଥିଲେ।




# ଓଡ଼ିଶୀ ଆସର...

**ଭୁବନେଶ୍ୱର,୧୮।୧୧(ବ୍ୟୁରୋ)**

ଓଡ଼ିଶୀ ସଙ୍ଗୀତର ମନଛୁଆଁ ପସରାକୁ ନେଇ ସୋମବାର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରରେ ଆୟୋଜିତ ହୋଇଯାଇଛି ସ୍ୱତନ୍ତ୍ର ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ 'ଓଡ଼ିଶୀ ଆସର'। ପ୍ରତି ମାସରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମରେ ଏଥର ଓଡ଼ିଶୀ ଗାୟନ ଏବଂ ବେହେଲା ବାଦନର ଯୁଗଳବନ୍ଦୀ ପ୍ରମୁଖ ଆକର୍ଷଣ ସାଜିଥିଲା। ଓଡ଼ିଶୀକୁ ଶାସ୍ତ୍ରୀୟ ମାନ୍ୟତା ଦେବା ଲକ୍ଷ୍ୟରେ ଆୟୋଜିତ ହେଉଥିବା ଓଡ଼ିଶୀ ଆସରରେ ରାଜ୍ୟର ୩ ପ୍ରମୁଖ କଳାକାର ଯୋଗଦେଇଥିଲେ। ପ୍ରଥମ ପ୍ରସ୍ତୁତିରେ ସୃଷ୍ଟି ସ୍ୱରୂପା ମିଶ୍ର ଓଡ଼ିଶୀ ଗାୟନ ପରିବେଷଣ କରିଥିଲେ। ଏହା ପରେ ପରେ ଚିତ୍ତାକର୍ଷକ ବେହେଲା ବାଦନ ସହ ମଞ୍ଚକୁ ଆସିଥିଲେ ଜଣାଶୁଣା ବେହେଲା ବାଦକ ସଙ୍ଗୀତା ପ୍ରତିହାରୀ। ଶେଷ ପ୍ରସ୍ତୁତିରେ ଡ. ଧୀରଜ କୁମାର ମହାପାତ୍ର ଓଡ଼ିଶୀ ଗାୟନ ପରିବେଷଣ ପୂର୍ବକ ଶ୍ରୋତାଙ୍କୁ ଆନମନା କରିଥିଲେ। ସନ୍ଧ୍ୟାରେ ଅତିଥିଭାବେ ବରିଷ୍ଠ ଗବେଷକ ଓ କଣ୍ଠଶିଳ୍ପୀ ଗୁରୁ ରାମହରି ଦାସ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ବିଜୟ ଜେନା, ବରିଷ୍ଠ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

# ଶାନ୍ତିସ୍ତୂପରେ କମଲ ହାସନ

**ପୁରୁଣା ଭୁବନେଶ୍ୱର,୧୮।୧୧(ଡି.ଏନ.ଏ.)**

କନ୍ନଡ ଫିଲ୍ମ ସୁପରଷ୍ଟାର ତଥା ରାଜନେତା କମଲ ହାସନ ସୋମବାର ଅପରାହ୍ନରେ ହଠାତ୍ ଶାନ୍ତିସ୍ତୂପ ଧଉଳି ବୁଲିବାକୁ ଆସିଥିଲେ। ପ୍ରଥମେ ସେ ଅଶୋକଙ୍କ ଶିଳାଲିପି ବୁଲିବା ଦେଖିବା ସହ ଏହାର ଐତିହାସିକ କଥାବସ୍ତୁ ପଚାରି ବୁଝିଥିଲେ। କଳିଙ୍ଗ ଓ ମଗଧର ଯୁଦ୍ଧ ତଥା ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିବା ଅଶୋକଙ୍କ ବିଷୟରେ ଅନେକ କିଛି ସେ ଜାଣିବାକୁ ପାଇଥିଲେ। ଅତୀତର ଲିଖିତ ଶିଳାଲିପି ଏବଂ ମୁକସାଖୀ ପାହାଡର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ଶେଷରେ ଶାନ୍ତିସ୍ତୂପରେ ଭଗବାନ ବୁଦ୍ଧଙ୍କ ଦର୍ଶନ କରିବା ସହ ଚର୍ତୁଃପାର୍ଶ୍ୱ କାରୁକାର୍ଯ୍ୟ ବୁଲି ଦେଖିଥିଲେ। ଏହି ଅବସରରେ ପର୍ଯ୍ୟଟନ ବିଭାଗ ସଚିବ ବିଶାଳ କୁମାର ଦେବ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ଓଟିଡିସିର ପରିଚାଳନା ନିର୍ଦ୍ଦେଶକ ହେମକାନ୍ତ ସି, ସ୍ଥାନୀୟ ଟ୍ୟୁରିଷ୍ଟ ଅଫିସର ଅଜୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



## ଜେଲରେ ୫ ପ୍ରତିଶତ କଏଦୀ ମାନସିକ ରୋଗର ଶିକାର
## ରିପୋର୍ଟ ଦେବାକୁ ଜେଲ ଏଡିଜିଙ୍କୁ ଓଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)**

ରାଜ୍ୟର ବିଭିନ୍ନ ଜେଲରେ ବନ୍ଦୀ ଜୀବନ ବିତାଉଥିବା କଏଦୀ ମଧ୍ୟ ଶତକଡା ୫ ଭାଗ ମାନସିକ ରୋଗରେ ଶିକାର ହୋଇଥିବା ନେଇ ଏନ୍‌ସିଆର୍‌ବି ରିପୋର୍ଟରେ ପ୍ରକାଶ ପାଇଥିଲା। ଏଥିରେ ଉତ୍ତର ପ୍ରଦେଶ ପ୍ରଥମ ସ୍ଥାନରେ ଥିବାବେଳେ ଓଡିଶା ଦ୍ୱିତୀୟରେ ରହିଛି। ଆଇନଜୀବୀ ବିଶ୍ୱପ୍ରିୟ କାନୁନ୍‌ଗୋ ଓ ବିଜୟ କୁମାର ପଣ୍ଡା ଏନେଇ ରାଜ୍ୟ ମାନବିକ ଅଧିକାର କମିଶନ (ଓଏଚ୍‌ଆର୍‌ସି) ଏକ ପିଟିଶନ କରିଛନ୍ତି। ଓଡିଶା ଜେଲରେ ଥିବା କଏଦୀଙ୍କ ମଧ୍ୟରେ ମାନସିକ ରୋଗୀଙ୍କ ସଂଖ୍ୟା ବଢୁଥିବାରୁ ଓଏଚ୍‌ଆର୍‌ସି ଉଦ୍‌ବେଗ ପ୍ରକାଶ କରିଛନ୍ତି। ଓଏଚ୍‌ଆର୍‌ସି ଅଧ୍ୟକ୍ଷ ଜଷ୍ଟିସ ବିମଲ ପ୍ରସାଦ ଦାସ ଓ ସଦସ୍ୟ ଅସୀମ ଅମିତାଭ ଦାଶଙ୍କ ଖଣ୍ଡପୀଠ ଏ ସଂକ୍ରାନ୍ତରେ ଗୃହ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଜେଲ୍ ଏଡିଜିଙ୍କୁ ନୋଟିସ କରିଛନ୍ତି। ଘଟଣାର ତଦନ୍ତ କରି ଡିସେମ୍ବର ସୁଦ୍ଧା ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏନ୍‌ସିଆରପି ରିପୋର୍ଟ-୨୦୧୭ ଅନୁଯାୟୀ, ରାଜ୍ୟର ଜେଲଗୁଡ଼ିକରେ ସମୁଦାୟ ବନ୍ଦୀଙ୍କ ସଂଖ୍ୟା ୧୫ ହଜାର ୨୨୩ ହୋଇଥିବାବେଳେ ୭୮୭ ଜଣ ମାନସିକ ରୋଗାକ୍ରାନ୍ତ ବ୍ୟକ୍ତି ଅଛନ୍ତି। ଭାରତ ସରକାର ୨୦୧୬ରେ ଯେଉଁ ମଡେଲ ପ୍ରିଜନ୍ ମାନୁଆଲ କରିଛନ୍ତି ତାହା ଅନୁସାରେ ବନ୍ଦୀମାନଙ୍କର ମାନସିକ ଅବସ୍ଥାର ଯତ୍ନ ପାଇଁ ସବୁମତେ ବ୍ୟବସ୍ଥା କରାଯିବାସହ ଡାକ୍ତର ଓ ପରାମର୍ଶଦାତା ନିଯୁକ୍ତି ଉପରେ ଅଧିକ ଗୁରୁତ୍ୱ ଦେବାକୁ ଉକ୍ତ ରିପୋର୍ଟରେ ପରାମର୍ଶ ଦିଆଯାଇଛି। ଦୁଇ ଆଇନଜୀବୀ ଅଭିଯୋଗ କରିଛନ୍ତି ଯେ, ସାଧାରଣ ମଣିଷ ଭଳି ମର୍ଯ୍ୟାଦାର ସହ ବଞ୍ଚିବାର ଅଧିକାର ବନ୍ଦୀମାନଙ୍କର ଅଛି। କିନ୍ତୁ ଜେଲର ଅବସ୍ଥା ସୁଧାରିବା ସହ କଏଦୀଙ୍କୁ ମାନସିକ ରୋଗର ଚିକିତ୍ସା ପାଇଁ କୌଣସି ବ୍ୟବସ୍ଥା ନାହିଁ।

## ଲୁପ୍ତପ୍ରାୟ ଲୋକକଳାର ୮୩ତମ ସନ୍ଧ୍ୟା
# ଚକିତ କଲା ରାମପ୍ରତାପଙ୍କ ଯାଦୁକରୀ





ରାମପ୍ରତାପ

**ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)**

ପ୍ରାଚୀନ ଯୁଗରୁ ଯାଦୁକରୀ ବିଦ୍ୟାର ନଜିର ରହିଛି। କିନ୍ତୁ ବର୍ତ୍ତମାନ ଏହି ବିଦ୍ୟା ଏବେ ଲୁପ୍ତପ୍ରାୟ ଅବସ୍ଥାରେ ପହଞ୍ଚିଥିଲେ ମଧ୍ୟ କେତେଜଣ ବଞ୍ଚାଇ ରଖିବାରେ ସକ୍ଷମ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ହେଲେ ଛତିଶଗଡ଼ର ରାମପ୍ରତାପ ଅଗ୍ରୱାଲ। ତାଙ୍କର ଯାଦୁକରୀ ସୋମବାର ଭାରତୀୟ ବିଦ୍ୟାଭବନରେ ଉପସ୍ଥିତ ସମସ୍ତ ଦର୍ଶକଙ୍କୁ ଚକିତ କରିଦେଇଥିଲା। ସେ ଆଖି ଖୋଲୁ ଖୋଲୁ ପାଣିର ରଙ୍ଗ ବଦଳାଇବା ହେଉ କି ଖବରକାଗଜକୁ ଚିରି ପୁଣି ଥରେ ଯୋଡ଼ିବା, ୨ହଜାର ଟଙ୍କିଆ ନୋଟ୍‌ରେ ଫୋଡ କରିବାରେ ତାହା ହଠାତ୍ ଛାଏଁ ବନ୍ଦ ହେବା, କାନରୁ ରୁମାଲ କାଢିବା, ତାସକୁ ଶୂନ୍ୟରେ ଉଡାଇବା ଆଦି ଯାଦୁ ଦର୍ଶକଙ୍କୁ ଭିନ୍ନ ମନୋରଞ୍ଜନ ଦେଇଥିଲା।

ଭାରତୀୟ ବିଦ୍ୟା ଭବନ ଓ ଇନ୍‌ଫୋସିସ୍ ଫାଉଣ୍ଡେଶନ ପକ୍ଷରୁ ଲୁପ୍ତପ୍ରାୟ ଲୋକକଳାର ୮୩ତମ ସନ୍ଧ୍ୟାର ଆୟୋଜନ କରାଯାଇଥିଲା। ଏଥିରେ ରାମପ୍ରସାଦ ସମସ୍ତଙ୍କୁ ନିଜର ଯାଦୁ ଦେଖାଇଥିଲେ। ସେ ଜଣେ ମେକାନିକାଲ ଇଞ୍ଜିନିୟର ହୋଇଥିବାବେଳେ ଭିଲାଇ ଷ୍ଟିଲ୍ ପ୍ଲାଣ୍ଟର ଅବସରପ୍ରାପ୍ତ ଡେପୁଟି ଜେନେରାଲ ମାନେଜର। ଯାଦୁବିଦ୍ୟା ପାଇଁ ସେ ଆଜି ସାରା ଦେଶରେ ବେଶ୍ ପରିଚିତ। ସେ ଛତିଶଗଡ଼ର ରତ୍ନ ଓ ଯାଦୁକଳା ସମ୍ମାନରେ ସମ୍ମାନିତ ହୋଇଛନ୍ତି। ସର୍ବଭାରତୀୟ ମ୍ୟାଜିକ୍ ଏକାଡେମୀ ଗୋଆ ଅନୁଷ୍ଠାନର ସର୍ବୋଚ୍ଚ ସମ୍ମାନର ଅଧିକାରୀ ମଧ୍ୟ ହୋଇଛନ୍ତି ରାମପ୍ରତାପ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



ତ୍ରିଲୋଚନ



ଦିବ୍ୟରଞ୍ଜନ



ସମର



ଅନିଲ



ରୋହିତ



ସାଜନ



ଶିବଦତ୍ତ



ସୁନୀଲ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ www.dharitri.com/category/selfie/



ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର,
ସେ ହିଁ ସଂକ୍ଷେପରେ କହିଦେଇପାରେ।
- ବ୍ୟାସକବି ଫକୀରମୋହନ



## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

**ପାତ୍ରପଡ଼ା, ୧୮।୧୧ (ଡି.ଏନ୍.ଏ.):** ତମାଣ୍ଡୋ ଥାନା ଅଧୀନ ଜାତୀୟ ରାଜପଥର ଗୋହିରା ଛକ ନିକଟରେ ସୋମବାର ସନ୍ଧ୍ୟାରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣକ ହେଲେ ତମାଣ୍ଡୋ ଥାନା କଳିଙ୍ଗ ବିହାର ଅଞ୍ଚଳରେ ରହୁଥିବା ସୁରେଶ ବାରିକଙ୍କ ପୁଅ ଶୁଭମ (୧୮)। ଆହତ ଦ୍ୱୟ ହେଲେ ସ୍ଥାନୀୟ ନାରଗୋଦା ଅଞ୍ଚଳର ରମେଶ ଚନ୍ଦ୍ର ସାହୁ(୧୯) ଓ ଚନ୍ଦନ ଭୋଇ(୧୯)। ପୋଲିସ ସୂଚନା ମୁତାବକ, ସନ୍ଧ୍ୟା ପ୍ରାୟ ୬ଟାରେ ଶୁଭମ, ଚନ୍ଦନ ଓ ରମେଶ ଏକ ସ୍କୁଟି (ଓଡି ୩୩ ଏକ୍ସ ୫୪୩୦) ଯୋଗେ ଖୋର୍ଦ୍ଧା ପଟୁ ଖଣ୍ଡଗିରି ଆଡକୁ ଆସୁଥିବା ବେଳେ (ଓଡି ୦୨ ଏଫ ୮୧୪୪) ଟାଟା ଏସ୍‌ସି ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ଆହତ ୩ ଜଣଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଶୁଭମଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ୨ ଜଣ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ଖବରପାଇ ତମାଣ୍ଡୋ ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ୨ ଗାଡିକୁ ଜବତ କରି ଘଟଣାର ଅନୁସନ୍ଧାନ ଚଳାଇଛି।

### ୧୬୫ ଗ୍ରାମ ବ୍ରାଉନସୁଗାର ଜବତ, ଜଣେ ଜେଲ ଗଲେ

**ଖୋର୍ଦ୍ଧା ଅଫିସ,୧୮।୧୧:** କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ଖୋର୍ଦ୍ଧା ଆଦର୍ଶ ଥାନା ଶ୍ରୀବିହାରର ଆନନ୍ଦ ପଶ୍ଚିମ କବାଟ(୪୬)ଙ୍କଠାରୁ ସୋମବାର ୧୬୫ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଯାହାର ଦାମ ୧୬ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗର ୧୦ ଜଣିଆ ଟିମ୍ ବଲାଙ୍ଗୀରା-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥରେ ପାଟ୍ରୋଲିଂ



କରୁଥିବାବେଳେ ପୂର୍ବାହ୍ନରେ ଚଣ୍ଡିଚୁଆଠାରୁ ଆନନ୍ଦଙ୍କଠାରୁ ୧୬୦ ଗ୍ରାମ ବ୍ରାଉନସୁଗାର ଜବତ ହୋଇଥିଲା। ସେହିପରି ଘରେ ଚଢ଼ାଉ କରାଯାଇ ଅନୁରୂପ ଭାବେ ୫ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଜବତ ବ୍ରାଉନସୁଗାର ପୁଡିଆ କରି ବିକ୍ରି ଉଦ୍ଦେଶ୍ୟରେ ରଖାଯାଇଥିଲା। ଏ ନେଇ ନଂ. ୧୫୩/୧୯-୨୦ରେ ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଆନନ୍ଦଙ୍କୁ ଖୋର୍ଦ୍ଧା ସବ୍ ଜେଲକୁ ପଠାଇ ଦିଆଯାଇଛି। ଆନନ୍ଦ ଜଳେଶ୍ୱରରୁ ବ୍ରାଉନସୁଗାର ଆଣି ବ୍ୟବସାୟ କରୁଥିଲେ। ଅନ୍ୟପକ୍ଷେ ଖୋର୍ଦ୍ଧା ସହରରେ ବ୍ରାଉନସୁଗାର କାରବାର ବଢି ଚାଲିଥିବାରୁ ଚଢାଉକୁ ତ୍ୱରାନ୍ୱିତ କରାଯାଇଥିବା କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ଅଧିକାରୀ ଜଗଦୀଶ ଚନ୍ଦ୍ର ସାମଲ ସୂଚନା ଦେଇଛନ୍ତି।

### ଶ୍ରୀମନ୍ଦିର ସୁରକ୍ଷା ଜୋନ୍ ପୁଣି ଜମି ହସ୍ତାନ୍ତର କଲେ ୩ ପରିବାର



**ପୁରୀ ଅଫିସ, ୧୮।୧୧:** ଶ୍ରୀମନ୍ଦିର ସୁରକ୍ଷା ଜୋନ୍‌ରୁ ଜମି ଅଧିଗ୍ରହଣ ଚାଲିଛି। ସ୍ୱେଚ୍ଛାକୃତ ଭାବେ କେତେକ ପରିବାର ସେମାନଙ୍କ ଜମି ହସ୍ତାନ୍ତର କରୁଛନ୍ତି। ପୂର୍ବରୁ ୪୫ଟି ପ୍ଲଟ ସରକାର କିଣିସାରିଥିବା ବେଳେ ସୋମବାର ଆହୁରି ୩ ପରିବାର ଜମି ହସ୍ତାନ୍ତର କରିଛନ୍ତି। ବାସେଲିସାହିର ସମ୍ପୃକ୍ତ ପରିବାରଗୁଡ଼ିକୁ ସେମାନଙ୍କ ଜମି ଏବଂ କୋଠା ମୂଲ୍ୟ ବାବଦରେ କେତେ ଟଙ୍କା କ୍ଷତିପୂରଣ ସହାୟତା ଦିଆଯାଇଛି ତାହା ଜଣାପଡ଼ିନାହିଁ। ତେବେ ପ୍ୟାକେଜ ସହ ଶତକଡ଼ା ୧୦ ପ୍ରତିଶତ ଅଧିକ ଟଙ୍କା ବିସ୍ଥାପିତ ହେବାକୁ ଥିବା ଏହି ପରିବାରଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯାଇଥିବା ଜଣାପଡ଼ିଛି। ଜିଲା ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ସୋମବାର ଏହି ସେଲ୍‌ଡିଡ୍ (ବିକ୍ରି କବଲା) କରାଯାଇଛି । ସହମତିରେ ପ୍ରଶାସନକୁ ଜମି ଦେବା ଲାଗି ହୋଇଥିବା ଆବେଦନର କାଗଜପତ୍ର ଯାଞ୍ଚ ଚାଲିଛି ବୋଲି ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ସୂଚନା ଦେଇଛନ୍ତି।

# ବିକ୍ଷୋଭ, ଶୋଭାଯାତ୍ରାରେ କମ୍ପିଲା ଲୋୟର ପିଏମ୍‌ଜି

**ଭୁବନେଶ୍ୱର, ୧୮।୧୧ (ବ୍ୟୁରୋ):** ବୁଧବାରଠାରୁ ଆରମ୍ଭ ହୋଇଛି ବିଧାନସଭା ଶୀତ ଅଧିବେଶନ। ପୁଣି ଚଳଚଞ୍ଚଳ ହୋଇ ଉଠିଛି ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜି। ସରକାରଙ୍କୁ ସମସ୍ୟା ତଥା ଦାବି ଜଣାଇବା ପାଇଁ ଏକାଠି ହୋଇଛନ୍ତି ଆନ୍ଦୋଳନକାରୀ। ଡେରା ପକାଇ ରହିବା ସହ ସକାଳୁ ସନ୍ଧ୍ୟା ଚାଲୁଛି ଭିନ୍ନ ଭିନ୍ନ ତରିକାରେ ଆନ୍ଦୋଳନ। ବିଭିନ୍ନ ସଙ୍ଗଠନର ଧାରଣା ଓ ବିକ୍ଷୋଭରେ କମ୍ପି ଉଠୁଛି ପୂରା ଅଞ୍ଚଳ। ତେବେ ସୋମବାର ଲୋୟର ପିଏମ୍‌ଜିରେ ସବୁଠୁ ଅଧିକ ଆନ୍ଦୋଳନକାରୀଙ୍କ ସମାଗମ ଦେଖିବାକୁ ମିଳିଛି।

## ଆଇସିଟି ବିଦ୍ୟାଳୟ ସଂଯୋଜକ-ପୋଲିସ ମୁହାଁମୁହିଁ



### ଧସ୍ତାଧସ୍ତିବେଳେ ୨ ଶିକ୍ଷୟିତ୍ରୀ ଆହତ

ହାର ମାନିବୁ ନାହିଁ। ଆସୁଛୁ, ଆସିବୁ। ନ୍ୟାୟ ପାଇଁ ଲଢିବୁ। ଏଭଳି ବିଭିନ୍ନ ସ୍ଲୋଗାନ ଦେଇ ବିଧାନସଭା ଆଡକୁ ମାଡ଼ି ଚାଲିଥିଲେ ଶହଶହ ଆଇସିଟି ବିଦ୍ୟାଳୟ ସଂଯୋଜକ। ସେମାନେ ବ୍ୟାରିକେଡ ଡେଇଁ ବିଧାନସଭା ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ସହ ମୁହାଁମୁହିଁ ହୋଇଥିଲେ। ପରିସ୍ଥିତି ଅଣାୟତ୍ତ ହୋଇପଡ଼ିବାରୁ ସ୍ଥିତି ନିୟନ୍ତ୍ରଣ କରିବାକୁ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। ତେବେ ପୋଲିସ ସହ ଧସ୍ତାଧସ୍ତିବେଳେ ୨ଜଣ ଶିକ୍ଷୟିତ୍ରୀ ଆହତ ହୋଇଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ସଂଘ ପ୍ରତିନିଧିଙ୍କ ସହ ଆଲୋଚନା ହେବ ବୋଲି ଡିସିପି ଅନୁପ ସାହୁ କହିଛନ୍ତି। ସଂଘ ସଭାପତି ସୌମ୍ୟରଞ୍ଜନ ମଲ୍ଲିକ କହିଛନ୍ତି, ବିଦ୍ୟାଳୟ ସଂଯୋଜକ ବଦଳରେ କମ୍ପ୍ୟୁଟର ଶିକ୍ଷକ ନାମକରଣ, ସ୍ଥାୟୀ ନିଯୁକ୍ତି, ସମସ୍ତ ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷା ପ୍ରଚଳନ ଓ ଆଇସିଟି ଇ-ବିଦ୍ୟାଳୟ ପ୍ରକଳ୍ପକୁ ସରକାର ନିଜ ଅଧୀନକୁ ନେବାକୁ ଦାବି କରି ଆସୁଛୁ। ବାରମ୍ବାର ଆନ୍ଦୋଳନ ଓ ଦାବି ପରେ ବି ସରକାର ଆଇସିଟି ଶିକ୍ଷକଙ୍କ ଦାବି ପ୍ରତି ଦୃଷ୍ଟି ଦେଉନାହାଁନ୍ତି। ଯଦି ସରକାର ଦାବି ନ ଶୁଣନ୍ତି, ଆଗକୁ ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ସେ ଚେତାବନୀ ଦେଇଛନ୍ତି।



## ପୋଲିସ ଗୁଳିରେ ମୃତ ଆଦିବାସୀଙ୍କୁ ନ୍ୟାୟ ଦାବିରେ ବିକ୍ଷୋଭ

### ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

ମାଓବାଦୀ ଭାବି ପୋଲିସ ଗୁଳି କରିବାରୁ କନ୍ଧମାଳ ଜିଲାର ୫ଜଣ ଆଦିବାସୀଙ୍କର ମୃତ୍ୟୁ ଘଟିଥିଲା। ୨୦୧୨ ନଭେମ୍ବର ୧୪ରେ ଘଟଣା ଘଟିଥିଲେ ମଧ୍ୟ ମୃତକ ପରିବାରକୁ ଆଜି




ଯାଏ ନ୍ୟାୟ ମିଳିପାରିନାହିଁ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ସୋମବାର ମିଥ୍ୟା ମକଦ୍ଦମା ବିରୋଧୀ ଅଭିଯାନ ଓ ବନବାସୀ ସୁରକ୍ଷା ପରିଷଦ ପକ୍ଷରୁ ବିକ୍ଷୋଭ, ଧାରଣା ଓ ପ୍ରତିବାଦ ସଭା ଲୋୟର ପିଏମ୍‌ଜିରେ ଅନୁଷ୍ଠିତ ହୋଇଥିଲା। ଘଟଣାର ତଦନ୍ତ ପାଇଁ ଏକ ଉଚ୍ଚ ତଥ୍ୟ ଅନୁସନ୍ଧାନକାରୀ ଦଳ ଗଠନ କରି ମୃତକଙ୍କ ପରିବାରକୁ ନ୍ୟାୟ ଦିଆଯାଉ ବୋଲି ଅଭିଯାନର ଆବାହକ ନରେନ୍ଦ୍ର ମହାନ୍ତି ଓ ଅନ୍ୟ କର୍ମକର୍ତ୍ତା ଦାବି କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

## ସିଏସ୍‌ଡିର ଗଣପ୍ରତିବାଦ

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନ ବାହାନାରେ ପ୍ରଶାସନ ମନମୁଖୀ କାର୍ଯ୍ୟ କରୁଥିବା ରାଜ୍ୟସ୍ତରୀୟ ଗ୍ରାମ ସଭା ସମୂହ/ମର୍ଯ୍ୟାଦାର ସହ ବଞ୍ଚିବା ଅଭିଯାନ (ସିଏସ୍‌ଡି) ଅଭିଯୋଗ କରିଛି। ରାଜ୍ୟ ସରକାର ସୁପ୍ରିମ୍‌କୋର୍ଟରେ ମିଥ୍ୟା ସତ୍ୟାପଠ ଦାଖଲ କରିବା ସହ ତରବରିଆ ଭାବେ ଜଙ୍ଗଲ ଅଧିକାର ଆଇନ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରିଛନ୍ତି ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି। ଆଦିବାସୀ ଓ ବନବାସୀଙ୍କୁ ପୁଣିଥରେ ଜଙ୍ଗଲ ଅଧିକାର ଆଇନ୍‌ରେ ସାମିଲ କରିବା ଓ ସୁପ୍ରିମ୍‌କୋର୍ଟରେ ପୁନଃ ସବିଶେଷ ତଥ୍ୟ ଉପସ୍ଥାପନ କରିବାକୁ ସଙ୍ଗଠନ ଦାବି କରିଛି। ଏ ପରିପ୍ରେକ୍ଷୀରେ ଲୋୟର ପିଏମ୍‌ଜିରେ ଆଦିବାସୀ ଓ ବନବାସୀଙ୍କର ଏକ ଗଣପ୍ରତିବାଦ ଅନୁଷ୍ଠିତ ହୋଇଥିଲା। ଏହା ଆସନ୍ତା ୨୦ ତାରିଖ ଯାଏ ଜାରି ରହିବ ବୋଲି ସିଏସଡି ସୂଚନା ଦେଇଛି।

## ଗୃହରେ ଉଠୁ ଆମ ପ୍ରସଙ୍ଗ: ଗାଁସାଥୀ ସଂଘ

ଲୋୟର ପିଏମ୍‌ଜିରେ ଗାଁସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ୧୫ ଦିନ ହେବ ଧାରଣାରେ ବସିବା ସହ ଶୋଭାଯାତ୍ରା ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଛି। ଗାଁସାଥୀମାନେ ସୋମବାର କଂଗ୍ରେସ ଭବନ ନିକଟରୁ ଶୋଭାଯାତ୍ରାରେ ବାହାରି ବିଧାନସଭା ଅଭିମୁଖେ ଯାଇଥିଲେ। ଆନ୍ଦୋଳନରତ ଗାଁ ସାଥୀମାନେ କହିଛନ୍ତି, ଶୀତୁଆ ରାତିକୁ ଖୋଲା ଆକାଶ ତଳେ ପଡ଼ି ରହିଛୁ। ବିଧାନସଭାରେ ଆମ ପ୍ରସଙ୍ଗ ଟିକେ ଉଠିଲେ ସରକାର ଆମ ଦୁଃଖ ବୁଝନ୍ତେ। ଶାସକ କିମ୍ବା ବିରୋଧୀ ଦଳ ପକ୍ଷରୁ ଗୃହରେ ଗାଁ ସାଥୀ ପ୍ରସଙ୍ଗ ଉଠେଇବାକୁ ସଂଘ ନିବେଦନ କରିଛି। ସଂଘ ସଭାପତି ସୌଭାଗ୍ୟ ମିଶ୍ର, ସଂଗଠକ କୁଳମଣି ମେଣ୍ଟା, ପ୍ରତାପ ମଲ୍ଲିକ, ଅଭୟ ଡାକୁଆ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଛନ୍ତି। ସୂଚନାଯୋଗ୍ୟ, ଗ୍ରାମୀଣ ସ୍ତରରେ ପର୍ଯ୍ୟାପ୍ତ ସରକାରୀ କାର୍ଯ୍ୟ ସହ ମାସିକ ସର୍ବନିମ୍ନ ୬ ହଜାର ଟଙ୍କା ଦରମା ଦାବିରେ ଧାରଣା ଦେଇ ଆସୁଛି ଗାଁ ସାଥୀ ସଂଘ।




ଘରୋଇକରଣ ବନ୍ଦ ସହ ୫ଦଫା ଦାବି ନେଇ କଳିଙ୍ଗନଗର ମଜଦୁର ୟୁନିଅନର ଧାରଣା।




ଲୋୟର ପିଏମ୍‌ଜିରେ ଗାଁସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।



ଗରିବ, ନିରୀହ, ନିର୍ଯାତିତ ଏତଲାକାରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ୟୁନିଭର୍ସାଲ ବୁଦ୍ଧ ଫାଉଣ୍ଡେଶନ ପକ୍ଷରୁ ଧାରଣାସ୍ଥଳରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।




ଜଙ୍ଗଲ ଅଧିକାର ଆଇନ-୨୦୦୬କୁ ଉଲ୍ଲଂଘନ କରିବା ଓ ସୁପ୍ରିମକୋର୍ଟରେ ମିଛ ତଥ୍ୟ ପ୍ରଦାନ ପ୍ରତିବାଦରେ ଗ୍ରାମସଭା ସମୂହ ଓଡ଼ିଶା/ ଭୂମି ଅଧିକାର ଆନ୍ଦୋଳନ ପକ୍ଷରୁ ଅଭିନବ ବିକ୍ଷୋଭ ଶୋଭାଯାତ୍ରା।

## ପଥର ଚୋରା ଚାଲାଣ ର୍‌ୟାକେଟରେ ପୋଲିସ ଲିଙ୍କ୍ ମାମଲା

# ବଦଳିଲେ ଥାନା ଅଧିକାରୀ ରଞ୍ଜିତ ସାହୁ

**ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)**

- ରିପୋର୍ଟ ମିଳିବା ପରେ ନିଲମ୍ବିତ କରିପାରନ୍ତି ପୋଲିସ ଡିଜି
- ଗିରଫ କରାଯାଉ ନ ଥିବାରୁ ସନ୍ଦେହ, ଖସାଇବାକୁ ମସୁଧା

ଖୋର୍ଦ୍ଧା ଚୋରା ପଥର ଚାଲାଣ ର୍‌ୟାକେଟରେ ସମ୍ପୃକ୍ତ ଥିବା ଇନ୍ସପେକ୍ଟର ରଞ୍ଜିତ ସାହୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଖୋର୍ଦ୍ଧା ଟାଉନ ଥାନାରୁ ବାଲେଶ୍ୱର ବାଲିଆପାଳ ଥାନାକୁ ବଦଳି ପରେ ଛୁଟିରେ ଯାଇ ଆଉ ଫେରି ନ ଥିବାରୁ ଏସ୍‌ପି ବି. ଯୁଗଳ କିଶୋର କୁମାର ତାଙ୍କୁ ବଦଳି କରିଛନ୍ତି। ବାଲିଆପାଳ ଥାନାଧିକାରୀ ପଦରୁ ତାଙ୍କୁ ହଟାଯାଇ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଥିବାବେଳେ ତାଙ୍କ ସ୍ଥାନରେ ଇନ୍ସପେକ୍ଟର ବିମଳ ନାୟକଙ୍କୁ ନିଯୁକ୍ତି ଦିଆଯାଇଛି। ଯଦି ରଞ୍ଜିତ ଏକ ସପ୍ତାହ ମଧ୍ୟରେ ନୂତନ ସ୍ଥାନରେ କାର୍ଯ୍ୟରେ ଯୋଗ ନ ଦିଅନ୍ତି, ତାଙ୍କୁ ପୁଣିଥରେ ଏସ୍‌ପିଙ୍କ ପକ୍ଷରୁ ନୋଟିସ କରାଯିବ। ଜବାବ ନ ମିଳିଲେ ତାଙ୍କ ବିରୋଧରେ ପୋଲିସ ଡିଜି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଜଣାପଡିଛି।

ସୂଚନା ଅନୁଯାୟୀ, ଚୋରାପଥର ଚାଲାଣ ଓ ନିଶା ମାଫିଆଙ୍କ ସହ ଇନ୍ସପେକ୍ଟର ରଞ୍ଜିତଙ୍କର ଲିଙ୍କ୍‌ଥିବା ନେଇ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ପ୍ରମାଣ ପାଇଛି। ପୋଲିସ ଡିଜି ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଏହି ମାମଲାରେ ଇନ୍ସପେକ୍ଟର ବିକ୍ରମ କେଶରୀ ଜେନା ମଧ୍ୟ ସମ୍ପୃକ୍ତ ଥିବାରୁ ତାଙ୍କ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ତେବେ ଏହି ଦୁଇ ଇନ୍ସପେକ୍ଟର ଫେରାର ଥିବାରୁ ଗିରଫ ପାଇଁ ଏସ୍‌ଟିଏଫ୍ ଚଢ଼ାଉ ଜାରି ରଖିଛି। ଗିରଫଦାରୀକୁ ଏଡ଼ାଇବା ପାଇଁ ଉଭୟ ହାଇକୋର୍ଟରେ ଆଗୁଆ ଜାମିନ ପାଇଁ ଆବେଦନ କରିଛନ୍ତି। କୁହାଯାଉଛି, ଉଭୟଙ୍କୁ ଗିରଫ ନ କରିବା ପାଇଁ ଯୋଜନା କରାଯାଉଛି। ଜାମିନ ନ ମିଳିବା ପର୍ଯ୍ୟନ୍ତ ଏସ୍‌ଟିଏଫ୍ ଉଭୟଙ୍କୁ ଯେପରି ଗିରଫ ନ କରିବ ସେଥିପାଇଁ ଷଡ଼ଯନ୍ତ୍ର ଚାଲିଛି। ଏହି ଷଡ଼ଯନ୍ତ୍ରରେ କେତେଜଣ ପୋଲିସ ଅଧିକାରୀ ମଧ୍ୟ ସାମିଲ୍ ଥିବା ଶୁଣିବାକୁ ମିଳୁଛି। ଗତ ଅଗଷ୍ଟ ମାସରେ ଏସ୍‌ଟିଏଫ୍ ଉଭୟଙ୍କୁ ପଚରାଉଚରା କରିଥିଲେ ମଧ୍ୟ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ଏବେ ଫେରାର ଥିବା ଦର୍ଶାଇ ସେମାନଙ୍କୁ ଗିରଫ କରାଯାଉ ନ ଥିବାରୁ ଏସ୍‌ଟିଏଫ୍‌ର କାର୍ଯ୍ୟଧାରାକୁ ନେଇ ନାନା ପ୍ରଶ୍ନ ଉଠୁଛି।

ଏ ସମ୍ପର୍କରେ ଡିଜିପି ବିଜୟ କୁମାର ଶର୍ମା କହିଛନ୍ତି, ଦୁର୍ନୀତିଖୋର ପୋଲିସ ଅଫିସରଙ୍କୁ ବରଦାସ୍ତ କରାଯିବ ନାହିଁ। ଯେଉଁମାନଙ୍କ ନାମରେ ଦୁର୍ନୀତି କିମ୍ବା ଅପରାଧିକ ମାମଲା ରହିବ, ସେମାନଙ୍କ ଉପରେ 'ମୋ ସରକାର' କାର୍ଯ୍ୟକ୍ରମ ଓ ୫-ଟି ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ୪ କୁକୁର ଛୁଆ ଉପରେ କାର୍ ଚଢ଼ାଇ ଡ୍ରାଇଭର ଗିରଫ

**ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)**

ବେପରୁଆ ଭାବେ ଗାଡ଼ି ଚଳାଇ ୪ କୁକୁର ଛୁଆଙ୍କୁ ମାରି ଫେରାର ଥିବା ଅଭିଯୁକ୍ତ ଡ୍ରାଇଭରଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ସୋମବାର ଗିରଫ କରିଛି। ସେ ହେଲେ ଖଣ୍ଡଗିରି ଘାଟିକିଆ ଅଞ୍ଚଳରେ ରହୁଥିବା ପୁରୀ ଜିଲା ସାକ୍ଷୀଗୋପାଳ ଥାନା ଅଞ୍ଚଳର କାହ୍ନୁ ଚରଣ ଗିରି(୩୨)। ଏଥିସହ ପୋଲିସ ଦୁର୍ଘଟଣା ଘଟାଇଥିବା କାର (ଓଡି ୦୨ ଏପି ୭୪୨୪) ଓ ଅଭିଯୁକ୍ତଙ୍କ ଡ୍ରାଇଭିଂ ଲାଇସେନ୍ସକୁ ଜବତ କରିଛି।

ସୂଚନା ମୁତାବକ, ଗତ ରବିବାର ଅପରାହ୍ନ ୪ଟାରେ ଅଭିଯୁକ୍ତ ଡ୍ରାଇଭର କାହ୍ନୁ ଶୈଳଶ୍ରୀବିହାରରେ କେତେଜଣ ଯାତ୍ରୀଙ୍କୁ ଛାଡି ଫେରୁଥିଲେ। ସେ କାର୍‌କୁ ଅତି ବେପରୁଆ ଭାବେ ଦ୍ରୁତ ଗତିରେ ଆଣି ରାସ୍ତାରେ ଥିବା ୪ କୁକୁର ଛୁଆଙ୍କ ଉପରେ ଚଢାଇ ଦେଇଥିଲେ। ଉପସ୍ଥିତ ଲୋକେ କାରକୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ କାହ୍ନୁ ଦ୍ରୁତ ଗତିରେ ସେମାନଙ୍କୁ ସାଇଡ୍ ମାରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରେ ସମସ୍ତ କୁକୁର ଛୁଆଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ରାଜ୍ୟ ଆନିମଲ ୱେଲ୍‌ଫେୟାର ବୋର୍ଡର ସମ୍ପାଦକ ଜୀବନ ବଲ୍ଲଭ ଦାସ ରବିବାର ସନ୍ଧ୍ୟାରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଆଇପିସି ଧାରା ୨୭୯/୪୨୯/୧୮୪ ଏମଭି ଆକ୍ଟ ଏବଂ ଦି ପ୍ରିଭେନ୍ସନ ଅଫ୍ କ୍ରୁଏଲିଟି ଟୁ ଆନିମଲ ୧୧(୧) (ଏ) ଆକ୍ଟ ଅନୁଯାୟୀ ୪୫୧/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

ଯେଉଁ ଲୋକ ଅନ୍ୟର ମଙ୍ଗଳ କରିବା ଇଚ୍ଛା କଲା, ସେ ଜାଣି ନିଜର ମଙ୍ଗଳ ହିଁ କରିଦେଲା।
- କନ୍‌ଫୁସିଅସ୍




ସୋମବାର ରାତିରେ ବାଲିଯାତ୍ରା ପଡ଼ିଆର ଦୃଶ୍ୟ।



# ବାଲିଯାତ୍ରାରେ ସାହିତ୍ୟ, ସଂସ୍କୃତି, ବିଜ୍ଞାନକୁ ନେଇ ଚର୍ଚ୍ଚା


ଆଲୋଚନା ଚକ୍ରରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସହ ଅନ୍ୟମାନେ।

**କଟକ ଅଫିସ, ୧୮।୧୧**

ଐତିହାସିକ ବାଲିଯାତ୍ରାର ସୋମବାର ଥିଲା ସପ୍ତମ ଦିବସ। ବାଲିଯାତ୍ରା ସରି ଆସୁଥିବାବେଳେ ଲୋକଙ୍କ ଭିଡ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ସନ୍ଧ୍ୟାରେ ବାଲିଯାତ୍ରାରେ ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା। ଲୋକମାନେ ଚଟ୍‌ପଟି ଖାଦ୍ୟ ଖାଇବା ସାଙ୍ଗକୁ ବିଭିନ୍ନ ଜିନିଷ କିଣାକିଣି କରିଥିଲେ। ସୋମବାର ସନ୍ଧ୍ୟାରେ ଚଳିତବର୍ଷ ନୂତନ ଭାବେ ପ୍ରସ୍ତୁତ ହୋଇଥିବା ମୋ କଟକ ପାଭିଲିୟନ ସଭାଗୃହରେ ସୋମବାର ସାହିତ୍ୟ-ବିଜ୍ଞାନ, ସଂସ୍କୃତିକୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲାପାଳ ଭବାନୀ ଶଙ୍କର ଚୟନୀ ଉଦ୍‌ଘାଟନ କରି କବିତା 'ମହଲତ', 'ଅଳି, ଅଝଟ, ଦୁଷ୍ଟାମୀ' ପାଠ କରିବା ସହିତ ବିଜ୍ଞାନର ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ସାହିତ୍ୟିକ ବାବାଜୀ ଚରଣ ପଟ୍ଟନାୟକ, ପ୍ରଫେସର ନଟବର ଶତପଥୀ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ଓ ବିଶିଷ୍ଟ ବିଜ୍ଞାନ ଲେଖକ ଡ. ପ୍ରମୋଦ ମହାପାତ୍ର ଉପସ୍ଥିତ ଥିଲେ। ବିଜ୍ଞାନର ନୂତନ ଆବିଷ୍କାର ସମ୍ପର୍କରେ ସୂଚନା ଦେବା ସହିତ ସମସ୍ତେ ବିଜ୍ଞାନ ମନସ୍କ ହେବାର ଆବଶ୍ୟକତା ରହିଛି ବୋଲି ଡ. ମହାପାତ୍ର କହିଥିଲେ। ସାଧାରଣ ଲୋକ ବିଜ୍ଞାନ ତଥ୍ୟ ସମ୍ପର୍କରେ ସଚେତନ ହୋଇପାରିଲେ ଜୀବନ ସୁଖମୟ ଓ ରୋଗମୁକ୍ତ ହୋଇପାରିବ ବୋଲି ଅନ୍ୟତମ ବକ୍ତା ଅନସୂୟା ମିଶ୍ର କହିଥିଲେ। ସାହିତ୍ୟିକ ବିଜୟ କୁମାର ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ଡ. ବସନ୍ତ କୁମାରୀ ନନ୍ଦ ଓ ବିଜୟ କୁମାର ନାଥ କବିତା ସଂଯୋଜନା କରିଥିଲେ। ପ୍ରଫେସର ସଞ୍ଜୟ ଶତପଥୀ, ଦେବରାଜ ମିଶ୍ର, ସୁଲୋଚନା ଦାଶ, ଅଙ୍କିତା ରାଉତ, ଶରତ ଚନ୍ଦ୍ର ମହାନ୍ତି, ସରିତା ଦାସ, ସରୋଜିନୀ ରାଉତରାୟ ପ୍ରମୁଖ କବିତା ପାଠ କରିଥିଲେ।

## ଚାରା ନେବାକୁ ଲୋକଙ୍କ ଭିଡ଼

ବାଲିଯାତ୍ରାରେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ କରାଯାଇଥିବା ଚାରା ଷ୍ଟଲରେ ଭିଡ ଦେଖିବାକୁ ମିଳିଥିଲା। ଅଶୋକା, ସାନ ଅଳେଇଚ, ବ୍ରାହ୍ମୀ, ଭୃଙ୍ଗରାଜ, କର୍ପୂର ତୁଳସୀ ଭଳି ବିଭିନ୍ନ କିସମର ଚାରା ଏହି ଷ୍ଟଲରୁ ଲୋକେ କିଣି ନେଉଥିବା ଦେଖିବାକୁ ମିଳିଥିଲା। ଏହି ଚାରାଗୁଡିକର ମୂଲ୍ୟ ୧୦ ଟଙ୍କାରୁ ଆରମ୍ଭ କରି ୧୦୦ ଟଙ୍କା ପର୍ଯ୍ୟନ୍ତ ଥିଲା।

## ବାଲିଯାତ୍ରାରେ ଶୋଭା ପାଉଛି ଶ୍ରୀଜଗନ୍ନାଥଙ୍କ ବିଗ୍ରହ

ଚଳିତବର୍ଷ ବାଲିଯାତ୍ରାରେ ଶ୍ରୀଜଗନ୍ନାଥ ପାଟସେବା ପରିଷଦ, ଶ୍ରୀଜଗନ୍ନାଥ ସେବା ପରିଷଦ ଓ ସେବା ସମିତି ଆନୁକୂଲ୍ୟରେ ଏକ ଷ୍ଟଲ ଖୋଲାଯାଇଛି। ଏହି ଷ୍ଟଲ୍‌ରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରାଙ୍କ ସହ ସୁଦର୍ଶନଙ୍କ ବିଗ୍ରହ ଶୋଭା ପାଉଛି। ବାଲିଯାତ୍ରାର ୯ ଦିନରେ ମହାପ୍ରଭୁଙ୍କ ବିଭିନ୍ନ ପ୍ରକାର ବେଶ କରାଯିବା ସହ ସନ୍ଧ୍ୟାରେ ଆଳତି କରାଯାଉଛି। ଏହି ଷ୍ଟଲ୍‌ରେ ମହାପ୍ରଭୁଙ୍କ ବିଷୟରେ ସମ୍ପୂର୍ଣ୍ଣ ସୂଚନା ମଧ୍ୟ ପ୍ରଦାନ କରାଯାଉଛି। ମହାପ୍ରଭୁଙ୍କ ବିଭିନ୍ନ ବେଶ ଦର୍ଶନ ଏବଂ ଆଳତି ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ଉତ୍ସାହ ରହିଛି।

## ବାଲିଯାତ୍ରା ବୁଲିଲେ କଏଦୀ

ଜେଲ୍‌ରେ ଆଜୀବନ ସଜା କାଟୁଥିବା କଏଦୀ ବାଲିଯାତ୍ରା ବୁଲିବାର ମଜା ନେଇଛନ୍ତି। ଖୋର୍ଦ୍ଧା ଛତାବରରେ ଥିବା ବିଜୁ ପଟ୍ଟନାୟକ ମୁକ୍ତାକାଶ କାରାଗାରର ୨୪ ଜଣ କଏଦୀ ବାଲିଯାତ୍ରା ବୁଲିଥିଲେ। ବିଭିନ୍ନ ଜିନିଷ କିଣାକିଣି କରିବା ସହିତ ଚଟ୍‌ପଟି ଖାଦ୍ୟର ମଜା ନେଇଥିଲେ। ଏହି କଏଦୀମାନଙ୍କ ସମେତ ଜେଲ ସୁପରିଣ୍ଟେଣ୍ଡେଣ୍ଟ ଓ ଅନ୍ୟ ଅଧିକାରୀ ଆସିଥିଲେ। ବାଲିଯାତ୍ରା ବୁଲିବା ସମୟରେ କଏଦୀମାନେ ବେଶ ଖୁସିଥିବା ଦେଖିବାକୁ ମିଳିଥିଲା।

## ଆବର୍ଜନା ଭିତରେ ରୋଷେଇ କରୁଛନ୍ତି ବ୍ୟବସାୟୀ

ବାଲିଯାତ୍ରାରେ ବ୍ୟବସାୟ କରିବାକୁ ଆସିଥିବା ଲୋକମାନଙ୍କୁ ନେଇ ନିଆରା ଅନୁଭୂତି ଦେଖିବାକୁ ମିଳିଥିଲା। ବିଭିନ୍ନ ଜିଲା ଏବଂ ରାଜ୍ୟରୁ ଆସୁଥିବା ବ୍ୟବସାୟୀମାନେ ଯାତ୍ରା ପଡ଼ିଆ ପଛପଟେ ଗଦା ହୋଇଥିବା ଆବର୍ଜନା ନିକଟରେ ରୋଷେଇ କରୁଥିବା ଦେଖିବାକୁ ମିଳିଥିଲା। ଓରମାସ୍ ଷ୍ଟଲ୍‌ରେ ବ୍ୟବସାୟ ପାଇଁ ଆସିଥିବା କେତେଜଣ ବ୍ୟବସାୟୀ କହିଛନ୍ତି, ଅଗ୍ନିକାଣ୍ଡ ଘଟିବା ଦୃଷ୍ଟିକୋଣରୁ ଷ୍ଟଲ୍ ଭିତରେ ରୋଷେଇ କରିବାକୁ ଓରମାସ ଅନୁମତି ଦେଇନାହିଁ। ସେଥିପାଇଁ ଆମେ ଆବର୍ଜନା ଭିତରେ ରହି ରୋଷେଇ କରି ଖାଉଛୁ। ଆମ ସହିତ ଆସିଥିବା ସମସ୍ତ କାରିଗରମାନେ ମଧ୍ୟ ଏକତ୍ର ହୋଇ ରୋଷେଇ କରି ଚଳୁଛନ୍ତି।



## ମହାନଦୀ ଆଳତିରେ ଯୋଗଦେଲେ ଡିଜିପି

ବାଲିଯାତ୍ରାର ସପ୍ତମ ଦିନରେ ମହାନଦୀ ପଠାରେ ମହାନଦୀ ଆଳତି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଜିପି ବିଜୟ କୁମାର ଶର୍ମା ଯୋଗ ଦେଇ ଆଳତି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଏ.ଏସ୍. ନାଇଡୁ, କଟକ ଡିସିପି ଅଖିଳେଶ୍ୱର ସିଂ ଯୋଗଦେଇଥିଲେ।

## ଆଜି ସଙ୍ଗୀତ ପରିବେଷଣ କରିବେ କେକେ

କଟକ ଅଫିସ,୧୮।୧୧- ବଲିଉଡ୍‌ର ଆଗଧାଡ଼ିର କଣ୍ଠଶିଳ୍ପୀ କ୍ରୀଷ୍ଣାକୁମାର କୁନାଥ(କେକେ) ବାଲିଯାତ୍ରାର ଗଣକବି ବୈଷ୍ଣବ ପାଣି ମଞ୍ଚରେ ମଙ୍ଗଳବାର ଦେଖିବାକୁ ମିଳିବେ। ସୋମବାର ସ୍ଥାନୀୟ ଅଞ୍ଚଳରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କେକେ ବାଲିଯାତ୍ରାରେ କାର୍ଯ୍ୟକ୍ରମ ପରିବେଷଣ କରିବାକୁ ଅଧିକମାତ୍ରାରେ ଉତ୍ସୁକ ଥିବା କହିଛନ୍ତି। କଟକକୁ ପ୍ରବେଶ କରିବା ବେଳରୁ ହିଁ ଭଲ ଲାଗୁଛି। ବାଲିଯାତ୍ରା ସମ୍ପର୍କରେ ଆଗରୁ ବହୁତ ଶୁଣିଛି। ଏହା ଦେଶର ଏକ ପ୍ରମୁଖ ବାଣିଜ୍ୟ ମେଳା ଭାବେ ପରିଚୟ ପାଇଛି। ପ୍ରଥମଥର ନିମନ୍ତେ ଏଠାରେ ଗୀତ ଗାଇବାର ସୁଯୋଗ ପାଇଛି ବୋଲି କେକେ କହିଛନ୍ତି।

## ମୁଗ୍ଧ କଲା ନାଟକ 'ପେଟେଣ୍ଟ ମେଡ଼ିସିନ୍'



**କଟକ ଅଫିସ, ୧୮।୧୧**

ସୋମବାର ଥିଲା ବାଲିଯାତ୍ରାର ସପ୍ତମ ସନ୍ଧ୍ୟା। ମହାନଦୀ ମଞ୍ଚ ଓ ଗଣକବି ବୈଷ୍ଣବ ପାଣି ମଞ୍ଚରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ଉଠାଇଥିଲେ ଦର୍ଶକ। ବିଭିନ୍ନ ଗୀତ ନୃତ୍ୟର ଆସର ଦର୍ଶକଙ୍କୁ ମୁଗ୍ଧ କରିଥିଲା। ମହାନଦୀ ମଞ୍ଚରେ ଢେଙ୍କାନାଳର ନଟରାଜ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ଫକୀର ମୋହନ ସେନାପତିଙ୍କ 'ପେଟେଣ୍ଟ ମେଡିସିନ' ନାଟକ ମଞ୍ଚସ୍ଥ ହୋଇଥିଲା। ଏହା ଦର୍ଶକଙ୍କୁ ମୁଗ୍ଧ କରିଥିଲା। ସ୍ୱାମୀ ନିଶାଗ୍ରସ୍ତ ହୋଇ ପର ସ୍ତ୍ରୀ ସହିତ ସମ୍ପର୍କ ରଖିଛି। ଯାହା ଦ୍ୱାରା ପାରିବାରିକ ଜୀବନରେ ନାନା ସମସ୍ୟା ଦେଖାଦେଇଛି। ସ୍ତ୍ରୀଙ୍କ ଛାଞ୍ଚୁଣି ମାଡ଼ରେ ସ୍ୱାମୀ ବାଟକୁ ଫେରୁଛି। ଏହା ଥିଲା ମଞ୍ଚସ୍ଥ 'ପେଟେଣ୍ଟ ମେଡିସିନ'ର ବିଷୟବସ୍ତୁ। ପରେ ମଧୁରବ ଅନୁଷ୍ଠାନ ପକ୍ଷରୁ ପାରମ୍ପରିକ ଲୋକନୃତ୍ୟ ପରିବେଷିତ ହୋଇଥିଲା। ସୁରଜ ଦାସ ମଞ୍ଚ ପରିଚାଳନା କରିଥିଲେ।

ସେହିପରି ବାଲିଯାତ୍ରାର ଗଣକବି ବୈଷ୍ଣବ ପାଣି ମଞ୍ଚରେ ଜିଲା କଳା ସଂସ୍କୃତି ସଙ୍ଘ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମହାବୀର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଘୁମୁରା ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ସଙ୍ଗୀତ ନିର୍ଦ୍ଦେଶକ ଗୁଡ୍‌ଲି ରଥଙ୍କ ସଲାମ ଭୁବନେଶ୍ୱର ଠାରୁ ଓଡିଆ କଣ୍ଠଶିଳ୍ପୀ ମାନସ ପ୍ରୀତମ, ହ୍ୟୁମାନ ସାଗର, ଆର.ଏସ. କୁମାର, ଲିପ୍ସା ମହାପାତ୍ର, ବିଷ୍ଣୁମୋହନ କବି ସେମାନଙ୍କ ଗୀତର ଯାଦୁରେ ଶ୍ରୋତାଙ୍କୁ ବାନ୍ଧି ରଖିଥିଲେ। ଗୁଲସନ ନଦିମ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ରାଜ୍ୟ ଯୁବ କଲ୍ୟାଣ ବୋର୍ଡର ବିଜୟ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲାପାଳ ଭବାନୀ ଶଙ୍କର ଚୟନୀ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଜିଲା କଳା ଓ ସଂସ୍କୃତି ବିଭାଗର ସଦସ୍ୟା ସବିତା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।


ବାଲିଯାତ୍ରାର ଗଣକବି ବୈଷ୍ଣବ ପାଣି ମଞ୍ଚରେ କଳାକାରଙ୍କ ଦ୍ୱାରା ପରିବେଷିତ ଘୁମୁରା ନୃତ୍ୟ।


ବାଲିଯାତ୍ରା ତଳପଡ଼ିଆ ମହାନଦୀ ଘାଟରେ ନୌକାବିହାର।


ବାଲିଯାତ୍ରା ପଲ୍ଲିଶ୍ରୀ ମେଳାରେ ମହିଳାମାନେ କାର୍ପେଟ କିଣୁଛନ୍ତି।


ପଲ୍ଲିଶ୍ରୀ ମେଳାରେ ବାଉଁଶ ତିଆରି ସୋଫାରେ ପିଲାମାନେ ବସିଛନ୍ତି।


ପଲ୍ଲିଶ୍ରୀ ମେଳାରେ ବିକ୍ରି ପାଇଁ ରଖାଯାଇଥିବା ବାଉଁଶ ତିଆରି ହସ୍ତଶିଳ୍ପ ସାମଗ୍ରୀ।

ଯେ ପର୍ଯ୍ୟନ୍ତ ନିଜ ଘରକୁ ଆଶ୍ରମ ବା ପବିତ୍ର ସ୍ଥାନ ବୋଲି ଭାବି ନାହଁ, ସେ ପର୍ଯ୍ୟନ୍ତ କାମ ବିକାର ଲାଗି ରହିଥିବ।
-ପ୍ରଜାପିତା ବ୍ରହ୍ମାକୁମାରୀ

## ସଂକ୍ଷେପରେ

### ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ

**ନିରାକାରପୁର,୧୮।୧୧(ଡି.ଏନ୍.ଏ.):** ସୋମବାର ସନ୍ଧ୍ୟାରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଡପୋଖରୀଆ ପଞ୍ଚାୟତ ବୋଡଙ୍ଗରା-ଗୋପୀନାଥପୁର ସାହିର ଦାଶରଥି ମାଝି (୫୦)। ଦାଶରଥି ସନ୍ଧ୍ୟା ସାଢେ ୬ଟା ବେଳେ ଏକ ଘରୋଇ କମ୍ପାନୀକୁ କାର୍ଯ୍ୟ କରିବାକୁ ସାଇକେଲରେ ଯାଉଥିଲେ। ବୋଡଙ୍ଗରା ଗାଁ ମୁଣ୍ଡରେ ଏକ ଜଙ୍ଗଲୀ ହାତୀ ହଠାତ୍ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିବା ଗ୍ରାମବାସୀଙ୍କ ସୂତ୍ରରୁ ପ୍ରକାଶ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଟାଙ୍ଗୀ ବନ କର୍ମଚାରୀ ପହଞ୍ଚି ତାଙ୍କୁ ଖୋର୍ଦ୍ଧା ଜିଲା ଚିକିତ୍ସାଳୟକୁ ନେଇଥିଲେ ମଧ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

**ବାଲିପାଟଣା,୧୮।୧୧(ଡି.ଏନ୍.ଏ.):** ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ବାଲିପାଟଣା ଥାନା ପୋଲିସ ସୋମବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ଗଣେଶ ଦାସ। ସୂଚନା ଅନୁଯାୟୀ, ଉକ୍ତ ଥାନା ଅଞ୍ଚଳରେ ଥିବା ଏକ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍କୁଲ ଛୁଟି ପରେ ତାଲା ପକାଇ ଘରକୁ ବାହାରୁଥିଲେ। ଏହି ସମୟରେ ସ୍କୁଲରେ କେହି ନ ଥିବା ସୁଯୋଗରେ ଅଭିଯୁକ୍ତ ଗଣେଶ ତାଙ୍କୁ ଅସଦାଚରଣ କରିଥିଲେ। ଶିକ୍ଷୟିତ୍ରୀ ଜଣକ ବଡ଼ ପାଟି କରିବାରୁ ସ୍ଥାନୀୟ ଲୋକ ଆସିବା ପୂର୍ବରୁ ଅଭିଯୁକ୍ତ ଗଣେଶ ସେଠାରୁ ପଳାଇଥିଲେ। ଶିକ୍ଷୟିତ୍ରୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୨୯୨/୧୯)ରୁଜୁକରି ତଦନ୍ତ ଚଳାଇଥିଲା। ବ୍ଲକ ଶିକ୍ଷାଧିକାରୀ ମହେଶ୍ୱର ସାହୁ ଏହି ଘଟଣାକୁ ନିନ୍ଦା କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

### ୫ ପ୍ରକଳ୍ପ ଉଦ୍‌ଘାଟିତ

**ବାଲକାଟୀ,୧୮।୧୧(ଡି.ଏନ.ଏ.)-** ବାଲିଅନ୍ତା ବ୍ଲକ ଅନ୍ତର୍ଗତ ସରକଣା ପଞ୍ଚାୟତର ବିଭିନ୍ନ ସ୍ଥାନରେ ଥିବା ପାଞ୍ଚଟି ପ୍ରକଳ୍ପକୁ ରବିବାର ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମେ ୩୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ସାପ୍ତାହିତ ହାଟ ନିକଟରେ ଥିବା କଲ୍ୟାଣ ମଣ୍ଡପର ଉଦ୍‌ଘାଟନ କରି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଥିଲେ। ଏହାପରେ ମାର୍କେଟ କମ୍ପ୍ଲେକ୍ସ, ପାଠାଗାର, ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ବିଶ୍ରାମଗାର, ନୋଡାଲ ହାଇସ୍କୁଲ ପରିସରରେ ନିର୍ମିତ ନୂତନ ଅଙ୍ଗନୱାଡି ଗୃହର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧରେ ସରପଞ୍ଚ ସୂର୍ଯ୍ୟ ନାରାୟଣ ଦାସ, ବ୍ଲକ ବିଜେଡି ସଭାପତି ଅଚ୍ୟୁତାନନ୍ଦ ପାତ୍ର, ସମିତିସଭ୍ୟ ପ୍ରଭାତ କୁମାର ଭୋଇ ଓ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

### ବିଦାୟ ନେଲେ କାର୍ତ୍ତିକେଶ୍ୱର

**ବାରଙ୍ଗ,୧୮।୧୧(ଡି.ଏନ.ଏ.)-** ବାରଙ୍ଗର ପ୍ରସିଦ୍ଧ ଗଣପର୍ବ କାର୍ତ୍ତିକେଶ୍ୱର ପୂଜାର ରବିବାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଗତ ୫ଦିନ ଧରି ବିଭିନ୍ନ ପୂଜା ମଣ୍ଡପରେ ପୂଜା ପାଉଆସିଥିବା କାର୍ତ୍ତିକେୟଙ୍କ ମୂର୍ଣ୍ମୟୀ ମୂର୍ତ୍ତି ବିସର୍ଜନର ମାହେନ୍ଦ୍ର ବେଳାରେ ବାରଙ୍ଗ ଅଞ୍ଚଳର ଉତ୍ସବମୁଖର ହୋଇ ଉଠିଥିଲା। ଢୋଲ, ମର୍ଦ୍ଦଳ, ଘଣ୍ଟ, ଘଣ୍ଟି ତାଳ ସହ ନାଚଗୀତ ରୋଶଣିରେ ଭକ୍ତମାନେ କାର୍ତ୍ତିକେଶ୍ୱରଙ୍କୁ ବିଦାୟ ଦେଇଛନ୍ତି। ପୂର୍ବରୁ ଦୁଇଟି ପର୍ଯ୍ୟାୟରେ ଭସାଣି ହେଉଥିବାବେଳେ ଚଳିତବର୍ଷ ଗୋଟିଏ ଦିନରେ ଭସାଣି ଉତ୍ସବ ହେଉଛି। ରବିବାରର ଏହି ଭସାଣିରେ ସମୁଦାୟ ୩୧ମେଢ ସାମିଲ ହୋଇଛନ୍ତି। ଏହି ଉତ୍ସବ ଦେଖିବା ପାଇଁ ଅଞ୍ଚଳର ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଏହି ମେଲାଣି ଯାତ୍ରାକୁ ସରୁଖୁରୁରେ ସମ୍ପନ୍ନ କରିବା ପାଇଁ ପୋଲିସ ପ୍ରଶାସନ, ଶାନ୍ତି କମିଟି, ଚନ୍ଦକା ମହାବିଦ୍ୟାଳୟର ଆଇଆର୍‌ସିର ଗୋଟିଏ ୟୁନିଟ୍ ସହ ପୂଜା କମିଟିର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ତ୍ରିଶୁଳିଆ, ଫକିରପଡା, କୃଷ୍ଣଚନ୍ଦ୍ରପୁର, କୁସିଦା, ମଧୁବନ, ବଛିପୁର ମଙ୍ଗଳସାହି, ବଛିପୁର ହରିଜନ ସାହି, ବଛିପୁର ମୁଖ୍ୟ ମେଢ, ଫୁଲପୋଖରୀ, କଣ୍ଠାପାଟଣା, ଶ୍ରୀବନ୍ତପୁର, ପଞ୍ଚୁପାଳ ଆଦି ଗ୍ରାମର ୧୭ଟି ମେଢ଼। ସେହିଭଳି ଦାଢାପାଟଣା ଗ୍ରାମର ବଣିକ ସଂଘ, କୈବର୍ତ୍ତ ସାହି, କମାର ସାହି, ବଣିଆ ସାହି, ଷ୍ଟେଶନ ବଜାର ଆଦି ୧୪ଟି ପୂଜା କମିଟିର ସମସ୍ତ ମେଢଗୁଡିକୁ ପୁରୀ ମେନ୍‌କେନାଲ୍‌ରେ ଶୃଙ୍ଖଳାର ସହ ବିସର୍ଜନ କରାଯାଇଥିଲା।

■ ଡ୍ରେନ୍ ସମ୍ପ୍ରସାରଣ ପାଇଁ ନକ୍‌ସା ପ୍ରସ୍ତୁତ

# ଅନୁଦାନ ଆସିଲେ ଜମି ଅଧିଗ୍ରହଣ ହେବ

**ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)**

ଅସରାଏ ବର୍ଷା ହେଲେ ରାଜଧାନୀ ହୋଇଯାଏ ଜଳମଗ୍ନ। ଜଳ ନିଷ୍କାସନର ସୁବ୍ୟବସ୍ଥା ନ ଥିବାରୁ ପ୍ରତିବର୍ଷ ଜଳବନ୍ଦି ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି ରାଜଧାନୀବାସୀ। ତେବେ ଏହି ସମସ୍ୟାକୁ ଦୂର କରିବା ଲାଗି ବିଏମ୍‌ସି ପକ୍ଷରୁ 'ଡ୍ରେନ୍ ବିକାଶ ଯୋଜନା' ଆରମ୍ଭ କରାଯାଇଛି। ଏହି ଯୋଜନାରେ ସହର ମଧ ଦେଇ ଗଙ୍ଗୁଆ ନାଳରେ ମିଶିଥିବା ୧୩ ପ୍ରାକୃତିକ ନାଳର ବିକାଶକୁ ଗୁରୁତ୍ୱ ଦିଆଯାଇଛି। ଏନେଇ ବିଏମ୍‌ସି ଡ୍ରେନେଜ୍ ଡିଭିଜନ୍ ପକ୍ଷରୁ ବ୍ଲୁ-ପ୍ରିଣ୍ଟ ମଧ ପ୍ରସ୍ତୁତ ହୋଇସାରିଛି। ଯୋଜନା ବର୍ତ୍ତମାନ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରାଯୁକ୍ତିକ ସମୀକ୍ଷା ଅଧୀନରେ ରହିଛି। ପ୍ରସ୍ତାବ ମଞ୍ଜୁର ହୋଇ ଅନୁଦାନ ଆସିବା କ୍ଷଣି ବିଏମ୍‌ସି ଡ୍ରେନ୍‌ର ବିକାଶ ପାଇଁ ଆବଶ୍ୟକ ଘରୋଇ ଜମି ଅଧିଗ୍ରହଣ କରିବ ବୋଲି ସୋମବାର ପ୍ରକାଶିତ ଏକ ପ୍ରେସ୍ ବିବୃତ୍ତିରୁ ଜଣାପଡ଼ିଛି।

ସୂଚନାନୁଯାୟୀ, ମୋଟ ୬୧.୪୩୮ ଏକର ଜମିକୁ ବିଏମ୍‌ସି ଡ୍ରେନ୍ ସମ୍ପ୍ରସାରଣ ପାଇଁ ଅଧିଗ୍ରହଣ କରିବ, ଯାହା ସହରର ୧୩ ପ୍ରାକୃତିକ ନାଳଗୁଡ଼ିକୁ ଆହୁରି ପ୍ରଶସ୍ତ କରିବ। ଫଳରେ ବର୍ଷାଜଳ ଓ ଦୈନିକ ନିଷ୍କାସିତ ହେଉଥିବା ବର୍ଜ୍ୟ ସହଜରେ ଗଙ୍ଗୁଆରେ ମିଶିପାରିବ। ଏନେଇ ବିଏମ୍‌ସି ୭୫୩କୋଟି ବ୍ୟୟବରାଦ ରଖିଥିବାବେଳେ ମୋଟ ୬୫.୬୨୧ କିଲୋମିଟର ରାସ୍ତାରେ ଏହି ଜମି ଅଧିଗ୍ରହଣ କରାଯିବ। ତେବେ ଟ୍ରାନ୍ସଫରେବଲ ଡେଭଲପ୍‌ମେଣ୍ଟ ରାଇଟ୍‌ସ (ଟିଡିଆର୍) ଆକ୍ଟ-୨୦୧୫ କିମ୍ବା ସିଧାସଳଖ କ୍ରୟ ପ୍ରକ୍ରିୟା ଦେଇ ଜମି ଅଧିଗ୍ରହଣ ସମ୍ଭବ ବୋଲି ବିଏମ୍‌ସି କହିଛି। ପ୍ରସ୍ତାବ ମଞ୍ଜୁର ହୋଇ ଅନୁଦାନ ଆସିବାମାତ୍ରେ କର୍ତ୍ତୃପକ୍ଷ ଜମି ଅଧିଗ୍ରହଣ କରି କାର୍ଯ୍ୟ ଆରମ୍ଭ କରିବେ ବୋଲି ପ୍ରେସ୍ ବିବୃତ୍ତିରେ ପ୍ରକାଶ ପାଇଛି।

## ରାଉଣ୍ଡଟେବୁଲ ଇଣ୍ଡିଆର ଆର୍‌ଟିଆଇ ସପ୍ତାହ



**ଭୁବନେଶ୍ୱର,୧୮।୧୧**

ସମାଜ କଲ୍ୟାଣ କାର୍ଯ୍ୟରେ ଜଡିତ ରାଉଣ୍ଡ ଟେବୁଲ ଇଣ୍ଡିଆ ପକ୍ଷରୁ ଦେଶ ବ୍ୟାପି ଆର୍‌ଟିଆଇ ସପ୍ତାହ ପାଳିତ ହୋଇଯାଇଛି। ରାଉଣ୍ଡ ଟେବୁଲର ସଦସ୍ୟ, ଟାବଲର ଏବଂ ସେମାନଙ୍କ ପତ୍ନୀ ତଥା ସର୍କଲରମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି। ଏହାର ଅଂଶବିଶେଷ ସୋମବାର ଭୁବନେଶ୍ୱର ରାଉଣ୍ଡଟେବୁଲ ୫୩ ଏବଂ ବିଏଲ୍‌ସି ୧୨ର ଟାବଲର ଏବଂ ସର୍କଲରମାନେ ୧୨୦ ମୂକ ବଧିର ପିଲାଙ୍କୁ ସ୍ଥାନୀୟ ଡମଣାସ୍ଥିତ ମ୍ୟାକ୍ସ ଫ୍ୟାଶନ ଷ୍ଟୋରରେ ଶପିଂ କରାଇଛନ୍ତି। ଏହି ସପ୍ତାହରେ ରାଉଣ୍ଡ ଟେବୁଲ ଇଣ୍ଡିଆ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଆର୍ଥିକ ଅନଗ୍ରସରଙ୍କ ଲାଗି ଶୀତବସ୍ତ୍ର ବଣ୍ଟନ, ଶିଶୁ ଉତ୍ପୀଡନ ସଚେତନତା କାର୍ଯ୍ୟକ୍ରମ, ରକ୍ତଦାନ ଶିବିର, ବୃକ୍ଷରୋପଣ ଏବଂ ଅଙ୍ଗଦାନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏସ୍‌ପ୍ଲାନେଡ ୱାନ ମଲ୍‌ସ୍ଥିତ ସିନେପଲିସଠାରେ ସଦସ୍ୟମାନେ ୪୦୦ ଆର୍ଥିକ ଅନଗ୍ରସର ପିଲାଙ୍କୁ ସିନେମା ଦେଖାଇବାର ସୁବିଧା ପ୍ରଦାନ କରିଛନ୍ତି।



ରାଜଧାନୀ କଳା ସଂସଦଠାରେ ଭାଷା ସଂସ୍କୃତି ସମାଜ ପକ୍ଷରୁ ଅନୁଷ୍ଠିତ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

## 'ଗାନ୍ଧିଜୀ ପ୍ରାକୃତିକ ଚିକିତ୍ସାର ଜନକ'

**ପ୍ରାକୃତିକ ଚିକିତ୍ସା ଦିବସ**

**ନରାଜ,୧୮।୧୧(ଡି.ଏନ୍.ଏ.)**

ଭାରତ ସରକାରଙ୍କ ଆୟୁଷ ମନ୍ତ୍ରାଳୟର ପୁନେସ୍ଥିତ ଜାତୀୟ ପ୍ରାକୃତିକ ଚିକିତ୍ସା ପ୍ରତିଷ୍ଠାନର ସହାୟତାରେ ୨ୟ ପ୍ରାକୃତିକ ଚିକିତ୍ସା ଦିବସ ବାଆଁରାସ୍ଥିତ ଜଗଦ୍‌ଗୁରୁ କୃପାଳୁ ଚିକିତ୍ସା କେନ୍ଦ୍ରରେ ପାଳିତ ହୋଇଯାଇଛି। ଜେକେ ୟୁନିଭରସିଟିର କୁଳପତି ଡ.ଏସ୍ ରାମରତ୍ନମ ଏଥିରେ ମୁଖ୍ୟଅତିଥିଭାବେ ଯୋଗଦେଇ ଗାନ୍ଧିଜୀ ପ୍ରାକୃତିକ ଚିକିତ୍ସାର ଜନକ କହିଲେ ଅତ୍ୟୁକ୍ତି ହେବନାହିଁ ବୋଲି କହିଥିଲେ। ଆଧୁନିକ ଚିକିତ୍ସାକୁ କମ ବ୍ୟବହାର କରିବା ପାଇଁ ସେ ଗୁରୁତ୍ୱ ଦେବା ସହ ଔଷଧ ବିହୀନ ଜୀବନ ଯାପନ ସବୁଠୁ ଫଳପ୍ରଦ ବୋଲି କହିଥିଲେ। ଅନ୍ୟତମ ବକ୍ତା ଭାବେ ଅନୁଷ୍ଠାନର ମୁଖ୍ୟ ଚିକିତ୍ସକ ଡ. ମିଲିନ୍ଦ ପରାସର ଯୋଗଦେଇ ପ୍ରାକୃତିକ ଚିକିତ୍ସାର ଏକ ସମ୍ପୂର୍ଣ୍ଣ ଚିତ୍ର ପ୍ରଦାନ କରିଥିଲେ। ଭାରତ ସରକାରଙ୍କ ଅଧୀନ ଜାତୀୟ ପ୍ରାକୃତିକ ଚିକିତ୍ସା ପ୍ରତିଷ୍ଠାନର ରାଜ୍ୟ ସଂଯୋଜକ ବିଜୟ କୁମାର ପୃଷ୍ଟି ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧରେ ସଜ୍ଜନ ଶର୍ମା ଏଥିରେ ଯୋଗଦେଇ ନିଜର ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଶେଷରେ ଚିକିତ୍ସା କେନ୍ଦ୍ର ଦାୟିତ୍ୱରେ ଥିବା ହରମନ ଭାଇ ଧନ୍ୟବାଦ ଦେଇଥିଲେ।

# ଡେଙ୍ଗୁରେ ଯୁବକଙ୍କ ମୃତ୍ୟୁ

**୨୮ରେ ବିବାହ ପାଇଁ କାର୍ଡ ବଣ୍ଟା ସରିଥିଲା**

**ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)**

ପରିବାରରେ ଥିଲା ଖୁସିର ମାହୋଲ। ଆସନ୍ତା ୨୮ ତାରିଖରେ ହୋଇଥାନ୍ତା ଯୁବକଙ୍କ ବାହାଘର। ନିମନ୍ତ୍ରଣ ପତ୍ର ମଧ ବଣ୍ଟା ସରିଥିଲା। ହେଲେ ହଠାତ୍ କଳା ବାଦଲ ଭଳି ମାଡ଼ି ଆସିଲା ଡେଙ୍ଗୁ ଜ୍ୱର। ଚାଲିଗଲା ଯୁବକଙ୍କ ଜୀବନ। ସେ ହେଲେ ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଟାଉନ ଅଞ୍ଚଳର ଏନ୍. ମୁକୁନ୍ଦ ସୋନି(୨୮)। ଖଣ୍ଡଗିରିସ୍ଥିତ ଏକ ଘରୋଇ ହସ୍ପିଟାଲରେ ସୋମବାର ତାଙ୍କର ମୃତ୍ୟୁ ଘଟିଛି। ହସ୍ପିଟାଲର ଅବହେଳା ଯୋଗୁ ଯୁବକଙ୍କ ମୃତ୍ୟୁ ଘଟିଥିବା ତାଙ୍କ ବାପା ନାରାୟଣ ସୋନି ଅଭିଯୋଗ କରିଛନ୍ତି।

ନାରାୟଣଙ୍କ ଅଭିଯୋଗ ଅନୁସାରେ, ଶନିବାର ମୁକୁନ୍ଦ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ରକ୍ତ ପରୀକ୍ଷା କରିବାରୁ ଡେଙ୍ଗୁ ହୋଇଥିବା ଜଣାପଡ଼ିଥିଲା। ରାଉରକେଲାରେ ୨ଦିନ ଚିକିତ୍ସା କରିବା ପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ଅଣାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସ୍ଥିତି ନିୟନ୍ତ୍ରଣରେ ଅଛି ଏବଂ ମୁକୁନ୍ଦ ଖୁବ୍‌ଶୀଘ୍ର ସୁସ୍ଥ ହୋଇଯିବେ ବୋଲି ଡାକ୍ତର କହିଥିଲେ। ହେଲେ ପରବର୍ତ୍ତୀ ସମୟରେ ଦେହ ଅଧିକ ଅସୁସ୍ଥ ହେବାସହ ରକ୍ତ ଆବଶ୍ୟକ ପଡ଼ିଥିଲା। ରକ୍ତ ବନ୍ଦୋବସ୍ତ କରିବା ନେଇ ହସ୍ପିଟାଲ କର୍ତ୍ତୃପକ୍ଷ ଅନେକ ହଇରାଣ କରିବା ସହ ଉଚିତ ସମୟରେ ଆବଶ୍ୟକ ରକ୍ତ ଦେଲେ ନାହିଁ। ଏପରି କି ମୁକୁନ୍ଦଙ୍କୁ ଆଇସିୟୁରେ ଭର୍ତ୍ତି କରାଗଲା ଏବଂ ସୋମବାର ସକାଳୁ ପୁଅକୁ ଦେଖା କରିବାକୁ ଦିଆଗଲା ନାହିଁ। ତେବେ ସୋମବାର ରାତିରେ ମୁକୁନ୍ଦଙ୍କ ମୃତ୍ୟୁ ହୋଇଥିବା ଜଣାଗଲା। ପୁଅର ଅନ୍ତିମ ସଂସ୍କାର କାର୍ଯ୍ୟ ସାରି ମାନବାଧିକାର କମିଶନ ଓ ଥାନାର ଦ୍ୱାରସ୍ଥ ହେବେ ବୋଲି ନାରାୟଣ କହିଛନ୍ତି।

## କଲ୍ୟାଣ ମଣ୍ଡପ ସ୍ଥାନରେ ପାର୍କ ଦାବି

**ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)**

ନୟାପଲ୍ଲୀ କଲ୍ୟାଣ ମଣ୍ଡପ ଭଙ୍ଗା ଯାଇଥିବା ଖାଲି ସ୍ଥାନରେ ସର୍ବସାଧାରଣଙ୍କ ପାଇଁ ପାର୍କ କରିବାକୁ ନୂଆସାହିବାସୀ ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ବରିଷ୍ଠ ନାଗରିକ କଲ୍ୟାଣ ସଂଘ, ଆଞ୍ଚଳିକ ବିକାଶ କେନ୍ଦ୍ର, ମହାବୀର ସାମାଜିକ ସଙ୍ଗଠନ, ମହାବୀର ପୂଜା କମିଟି, କସ୍ତୁରୀ ମହିଳା ସଙ୍ଗଠନ ଓ ଏଲ.ଏନ୍. ଲାଫ୍ଟର କ୍ଲବ୍ ପକ୍ଷରୁ ରବିବାର ଅପରାହ୍ନରେ ଏକ ଶାନ୍ତିପୂର୍ଣ୍ଣ ଧାରଣା ଅନୁଷ୍ଠିତ ହୋଇଯାଇଛି। ସେଠାରେ ପାର୍କ କରିବାକୁ ସବୁସ୍ତରରୁ ସାଧାରଣ ପ୍ରଶାସନ ବିଭାଗକୁ ଚିଠି କରାଯାଇଛି। କିନ୍ତୁ ବିଭାଗ ଦ୍ୱାରା ସେଠାରେ ବହୁତଳ ସରକାରୀ କ୍ୱାର୍ଟର୍ସ କରିବାକୁ ଯୋଜନା ହୋଇଛି। ଅନ୍ୟ କୌଣସି ସ୍ଥାନରେ ସରକାରୀ କ୍ୱାର୍ଟର୍ସ କରାଯାଉ ବୋଲି ସ୍ଥାନୀୟ ବାସିନ୍ଦା ଦାବି କରିବା ସହ ବିଏମ୍‌ସିକୁ ପାର୍କ କରିବାକୁ ଅନୁମତି ଦେବା ନିମନ୍ତେ ଧାରଣାସ୍ଥଳରେ ଦାବି କରିଥିଲେ। ଏହି ଆନ୍ଦୋଳନରେ ନୂଆସାହି ବରିଷ୍ଠ ନାଗରିକ କଲ୍ୟାଣ ସଂଘ ସଭାପତି ରାହାସ ବିହାରୀ ପାଣି, ମହାବୀର ସାମାଜିକ ସଙ୍ଗଠନ ସଭାପତି ରାଧାବଲ୍ଲଭ ବରାଳ, ସାଧାରଣ ସମ୍ପାଦକ ମିଲନ କୁମାର ପାଇକରାୟ, କସ୍ତୁରୀ ମହିଳା ସଙ୍ଗଠନ ସଭାପତି କାନନବାଳା ମହାପାତ୍ର, ଆଞ୍ଚଳିକ ବିକାଶ କେନ୍ଦ୍ର ସଭାପତି ରମେଶ ଚନ୍ଦ୍ର ମହାନ୍ତିଙ୍କ ସମେତ ସମସ୍ତ ସଙ୍ଗଠନର ସଦସ୍ୟ ଓ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।



ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲସ୍ଥିତ ଲା ଫିଏଷ୍ଟା କଲ୍ୟାଣ ମଣ୍ଡପରେ ସୋମବାର ସିନିୟର ସିଟିଜନ ଫୋରମ ଚକେଇସିଆଣି ପକ୍ଷରୁ ଅନୁଷ୍ଠିତ ୫ମ ବାର୍ଷିକ ସମ୍ମିଳନୀରେ ଉପସ୍ଥିତ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ।




ରେଡକ୍ରସ ଭବନଠାରେ ସୋମବାର ନିଖିଳ ଉତ୍କଳ ନିର୍ମାଣ ମାଧ୍ୟମିକ ଶିକ୍ଷା ସଂଘ ପକ୍ଷରୁ ଆୟୋଜିତ ଶିକ୍ଷକ ବନମାଳୀ ବ୍ରହ୍ମଚାରୀଙ୍କ ୧୧୦ତମ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ଯୋଗଦେଇଥିବା ଅତିଥି।

## 'ଯୁବ ସମାଜ୍ ଓ ସମାଜ ସେବା' ଶୀର୍ଷକ ଆଲୋଚନା

**ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)**

ସ୍ୱେଚ୍ଛାସେବୀ ସଙ୍ଗଠନ ୟୁଥ୍ ଫର୍ ଭଲ୍ୟୁଣ୍ଟାରି ୱାର୍କ ପକ୍ଷରୁ 'ଯୁବ ସମାଜ ଓ ସମାଜ ସେବା' ଶୀର୍ଷକ ଆଲୋଚନାଚକ୍ର ସ୍ଥାନୀୟ ଓଡ଼ିଶା ଭେଟେରିନାରୀ କାଉନ୍‌ସିଲ୍ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡର ପୂର୍ବତନ ଅଧକ୍ଷ ତେଜେଶ୍ୱର ପରିଡା, ଅଭିନେତା ଚନ୍ଦନ କର, ସାମାଜିକ କର୍ମୀ ବିନୋଦ କୁମାର ରାଉତ ପ୍ରମୁଖ ଯୋଗଦାନ କରିଥିଲେ। ଆଜିର ଯୁବ ସମାଜ ଆସନ୍ତା କାଲିର ଭବିଷ୍ୟତ। ଯୁବସମାଜ ନିଜର ବହୁମୂଲ୍ୟ ସମୟ ଓ ଅର୍ଥକୁ ନଷ୍ଟ ନ କରି ସମାଜ କଲ୍ୟାଣରେ ବିନିଯୋଗ କରିବା ଉଚିତ ବୋଲି ମୁଖ୍ୟ ଅତିଥି ପରିଡା କହିଥିଲେ। ଅନ୍ୟତମ ଅତିଥି ଅଭିନେତା ଚନ୍ଦନ କହିଥିଲେ ଯେ, ଓଡ଼ିଶାରେ ୭୦ ପ୍ରତିଶତ ଯୁବ ବର୍ଗ ସାମାଜିକ ମୂଲ୍ୟବୋଧ ବୁଝି କାମ କରିଲେ ରାଜ୍ୟ ଓ ଦେଶ ସୁନାରେ ପରିଣତ ହେବ। ସୁସ୍ଥ ସମାଜ ଗଠନ ପାଇଁ, ଗରିବ, ଅସହାୟ ବ୍ୟକ୍ତିଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟ ତଥା ସମସ୍ତ ଜରୁରୀ କ୍ଷେତ୍ରରେ ଯୁବକମାନେ ସହଯୋଗ କରିବା ଆବଶ୍ୟକ ବୋଲି ଅନୁଷ୍ଠାନର ଅଧକ୍ଷ ମିର ଅହମ୍ମଦ ଅଲ୍ଲୀ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଶୁଭଶ୍ରୀ, ଭାଗ୍ୟଶ୍ରୀ, ନଳିନୀ, ବର୍ଷା, ତୃପ୍ତି ପ୍ରମୁଖ ଯୋଗଦେଇଥିଲେ।




ଆଲୋଚନାଚକ୍ରରେ ଉପସ୍ଥିତ ସଂଗଠନର କର୍ମକର୍ତ୍ତା ଓ ଅନ୍ୟମାନେ।

■ କୁଷ୍ଠରୋଗ ଚିହ୍ନଟ ଅଭିଯାନ ଆରମ୍ଭ

# ୪ ସହର ପାଇଁ ୧୦୪ ଟିମ୍

**ରୋଗ ସଂକ୍ରମଣ ନ ହେବା ପାଇଁ ପ୍ରତିଷେଧକ**

**ଖୋର୍ଦ୍ଧା ଅଫିସ,୧୮।୧୧**

ସୋମବାରଠାରୁ ଖୋର୍ଦ୍ଧା ଜିଲାର ଖୋର୍ଦ୍ଧା, ଜଟଣୀ, ବାଣପୁର, ବାଲୁଗାଁ ପୌରାଞ୍ଚଳରେ କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ୪ ସହରର ୪୪,୬୭୧ ଜଣଙ୍କୁ ପରୀକ୍ଷା କରାଯିବାର ଟାର୍ଗେଟ ରହିଛି। ରୋଗ ଚିହ୍ନଟ ପାଇଁ ୧୦୪ ଟିମ୍ ଗଠନ ହୋଇଛି। ଆଶା ଓ ଅଙ୍ଗନୱାଡି କର୍ମୀ ଘରକୁଘର ଯାଇ ରୋଗ ଅଛି କି ନାହିଁ ପରିବାରର ସଦସ୍ୟମାନଙ୍କୁ ଯାଞ୍ଚ କରିଛନ୍ତି। ଯଦି କୁଷ୍ଠ ରୋଗର ଲକ୍ଷଣ ଦେଖିବାକୁ ମିଳେ ତେବେ ସ୍ୱାସ୍ଥ୍ୟକର୍ମୀଙ୍କ ପାଖକୁ ରୋଗୀଙ୍କୁ ପଠାଯିବ। ସ୍ୱାସ୍ଥ୍ୟକର୍ମୀ ପରୀକ୍ଷା କରିବା ପରେ ପୁଣି ସନ୍ଦେହ ହେଲେ ଡାକ୍ତରଙ୍କୁ ଦେଖାଇବାକୁ ପଡିବ। ଡାକ୍ତର ରୋଗ ଚିହ୍ନଟ କଲେ ଏମ୍‌ଡିଟି ଔଷଧ ଖାଇବାକୁ ପଡିବ। ଅନ୍ୟପକ୍ଷେ ରୋଗ ଚିହ୍ନଟ ପରେ ପରିବାରର ସଦସ୍ୟ ଓ ପଡୋଶୀ ସଂକ୍ରମଣରୁ ରକ୍ଷା ପାଇଁ ପ୍ରତିଷେଧମୂଳକ ସିଙ୍ଗଲ ଡୋଜ ଔଷଧ ଖାଇ ପାରିବେ।

### ୪୫ ଜଣଙ୍କୁ ଏମ୍‌ଡିଟି ଔଷଧ

କୁଷ୍ଠରୋଗ ଏକ ବାୟୁ ବାହିତ ଜୀବାଣୁ ଦ୍ୱାରା ହୋଇଥାଏ। କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ଗ୍ରାମାଞ୍ଚଳରେ ସେପ୍ଟେମ୍ବର ୧୦ରୁ ୨୩ ପର୍ଯ୍ୟନ୍ତ ହୋଇଥିଲା। ଏଥିରେ ୨ ଲକ୍ଷ ୪୮ ହଜାର ୭୬୦ ଲୋକଙ୍କୁ ପରୀକ୍ଷଣ କରାଯାଇ ୩୧୪୧ ଜଣଙ୍କୁ ସନ୍ଦେହ କରାଯାଇଥିଲା। ତେବେ ୪୫ ଜଣଙ୍କୁ ରୋଗୀ ଚିହ୍ନଟ କରାଯାଇ ଏମ୍‌ଡିଟି ଔଷଧ ଦିଆଯାଇଛି।

### ନିରାକରଣ କାଗଜକଲମରେ

ଖୋର୍ଦ୍ଧା ଜିଲାରେ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ କାଗଜକଲମରେ ଚାଲୁ ରହିଥିବା ଅଭିଯୋଗ ହେଉଛି। ରୋଗ ପ୍ରତିକାର ପାଇଁ କର୍ମଚାରୀ ଖାଲି ମୁଖ୍ୟ ସମସ୍ୟା ରୂପେ ଉଭା ହୋଇଛି। ରୋଗ ନିରାକରଣ ପାଇଁ କର୍ମଚାରୀଙ୍କ ଆନ୍ତରିକତା ଅଭାବ ପରିଲକ୍ଷିତ ହେଉଛି। ଅପରପକ୍ଷେ କର୍ମଚାରୀ ଅଭାବ ସତ୍ତ୍ୱେ ରୋଗ ନିୟନ୍ତ୍ରଣ ଓ କାର୍ଯ୍ୟ ଚାଲୁ ରହିଥିବା ବିଭାଗ ପକ୍ଷରୁ ସଫେଇ ଦିଆଯାଇଛି। ସବୁ ରୋଗୀଙ୍କୁ ଚିହ୍ନଟ କରାଯାଇ ଏମ୍‌ଡିଟି ବଟିକା ଦିଆଯାଉଛି ବୋଲି ଦର୍ଶାଯାଉଛି। ହେଲେ ରୋଗୀଙ୍କ ସଂଖ୍ୟା ବଢୁଥିବାରୁ ତାହାର କାରଣ ଖୋଜା ଯାଉନି। କେତେଜଣ ରୋଗୀ ଲୋକ ଲଜ୍ଜା ଭୟରେ ଔଷଧ ଖାଉ ନ ଥିବା କୁହାଯାଉଛି। ଯାହାକି ରୋଗ ବଢିବାର ମୁଖ୍ୟ କାରଣ। ଖୋର୍ଦ୍ଧା ଜିଲାରେ ବାଣପୁର, ବାଲୁଗାଁ, ଟାଙ୍ଗୀ, ବାଲକାଟୀ, ବାଲିପାଟଣା, ମେଣ୍ଢାଶାଳ, ଜଟଣୀ, ହଳଦିଆ, ବେଗୁନିଆ, ବୋଲଗଡ ଆଦି ୧୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚସି) ରହିଛି। ପ୍ରତି ସିଏଚସିରେ ଜଣେ ଲେଖାଏ ଅନୁ ଚିକିତ୍ସା କର୍ମୀ(ପାରା ମେଡିକାଲ ୱାର୍କର) ରହିବାର ବ୍ୟବସ୍ଥା ଅଛି। ହେଲେ ଜିଲାର ସବୁ ସିଏଚସିରେ ଅନୁ ଚିକିତ୍ସା କର୍ମୀ ପଦବୀ ଖାଲି ରହିଛି। ଏଣୁ ସିଏଚସିଗୁଡିକରେ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହୋଇପାରୁନି। ରୋଗୀ ରୋଗ ସମ୍ପର୍କରେ ସଚେତନ ହୋଇ ପାରୁନାହାନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ୨ଜଣ ଅନୁ ଚିକିତ୍ସା କର୍ମୀ ପଦବୀ ରହିଥିବାବେଳେ ଏଠାରେ ଜଣେ କାମ ଚଳାଉଛନ୍ତି। ସମ୍ପୃକ୍ତ କର୍ମଚାରୀ ଜିଲାସାରା କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ ତଦାରଖ କରୁଛନ୍ତି। ଅନ୍ୟପକ୍ଷେ ବାଲୁଗାଁ ଓ ଜଟଣୀ ପାଇଁ ୨ ଜଣ ସୁପରଭାଇଜର ପଦବୀ ରହିଛି। ହେଲେ ଏହା ମଧ ଖାଲି ପଡିଛି। ଫିଜିଓଥେରାପି ପଦବୀ ବହୁଦିନ ଧରି ଖାଲି ପଡିଛି। ସମ୍ପୃକ୍ତ କାର୍ଯ୍ୟକ୍ରମ ପାଇଁ ୧୬ଟି ପଦବୀ ଖାଲି ପଡିଥିବାରୁ କୁଷ୍ଠ ନିରାକରଣ ହୋଇପାରୁନାହିଁ ବୋଲି ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ମହାପାତ୍ରଙ୍କୁ ପଚାରିବାରେ କୁଷ୍ଠରୋଗ ଚିହ୍ନଟ ପ୍ରକ୍ରିୟା ଜିଲାର ୪ଟି ସହରାଞ୍ଚଳରେ ଆରମ୍ଭ ହୋଇଛି। କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ କିଭଳି ସଫଳ ହେବ ସେ ନେଇ ଚେଷ୍ଟା ଜାରି ରହିଛି ବୋଲି ସେ କହିଥିଲେ।

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୧୯/୨୦୧୯ Bhubaneswar, Tuesday, November 19/2019

## ସଂକ୍ଷେପରେ

### କୋର୍ଟ ପରିସରରୁ ଖସି ପଳାଇଲେ ଅଭିଯୁକ୍ତ
#### ପୋଲିସ ନାକେଦମ, ଯୁବକ ମାଡ଼ି ବସିଲେ

**କଟକ ଅଫିସ, ୧୮।୧୧:** କଟକ ଜିଲା ଦୌରାଜଜ୍‌ଙ୍କ କୋର୍ଟ ପରିସରରୁ ଜଣେ ଅଭିଯୁକ୍ତ ସୋମବାର ପୋଲିସ ହେପାଜତରୁ ଖସି ପଳାଇଥିଲେ। ଅଭିଯୁକ୍ତଙ୍କୁ କିଶୋରନଗର ଥାନା ପୋଲିସ କୋର୍ଟରେ ହାଜର କରିବାକୁ ଆଣିଥିଲା। କିନ୍ତୁ ଅଭିଯୁକ୍ତ ଜଣକ ପୋଲିସକୁ ଚକମା ଦେଇ ନିକଟସ୍ଥ ତ୍ରିଶୂଳିଆ ବ୍ରିଜ୍ ଆଡକୁ ଦୌଡିପଳାଇଥିଲେ। ପୋଲିସ ସଦଳବଳ ତାଙ୍କୁ ଧରିବା ପାଇଁ ପିଛା କରିଥିଲା। ପୋଲିସ ଗୋଡ଼ାଉଥିବା ଦେଖି ଅଶ୍ୱିନୀ ବେହେରା ନାମକ ଯୁବକ ତ୍ରିଶୂଳିଆ ସେତୁ ଉପରେ ଅଭିଯୁକ୍ତଙ୍କୁ କାବୁ କରିଥିଲେ। ଏହାପରେ ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଧରି ନେଇଥିଲା।

### ୨୦ହଜାର ଟଙ୍କା ଲାଞ୍ଚ: ବରିଷ୍ଠ କିରାଣି ଗିରଫ

**କଟକ ଅଫିସ, ୧୮।୧୧:** ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାରର ବରିଷ୍ଠ କିରାଣି କିଶୋର ଚନ୍ଦ୍ର ସ୍ୱାଇଁ ୨୦ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ସୋମବାର ଧରା ପଡ଼ିଛନ୍ତି। ସେ ଏହି ଟଙ୍କା ଖୋର୍ଦ୍ଧା ଜିଲା ବାଲିଅନ୍ତା ଅଞ୍ଚଳର ନୃସିଂହ ଚରଣ ସେନାପତିଙ୍କଠାରୁ ପୂର୍ବ ଦାବି ମୁତାବକ ଗ୍ରହଣ କରୁଥିଲେ। ସେନାପତିଙ୍କ ବାପା ପ୍ରସନ୍ନ ଉକ୍ତ ପାଠାଗାରର ଜଣେ ବୁକ୍ ବାଇଣ୍ଡର ଭାବେ କାର୍ଯ୍ୟ କରୁଥିଲେ। ସେ ଏବେ ଶଯ୍ୟାଶାୟୀ। ପ୍ରସନ୍ନଙ୍କ ମେଡିସିନ ବିଲ୍ ଓ ପେନ୍‌ସନ ସମ୍ପର୍କିତ କାଗଜପତ୍ର କାମ ପାଇଁ କିରାଣୀ ସ୍ୱାଇଁ ଏହି ଲାଞ୍ଚ ନୃସିଂହଙ୍କଠାରୁ ଦାବି କରିଥିଲେ। ସୋମବାର ସ୍ୱାଇଁ ନୃସିଂହଙ୍କଠାରୁ ପୂର୍ବ ଦାବି ମୁତାବକ ୨୦ହଜାର ଟଙ୍କା ଗ୍ରହଣ କରୁଥିବାବେଳେ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନର ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଲାଞ୍ଚ ଟଙ୍କା ତାଙ୍କ ନିକଟରୁ ଜବତ କରାଯାଇଥିଲା। ଏହା ପରେ ତାଙ୍କ ଭୁବନେଶ୍ୱରସ୍ଥିତ ସରକାରୀ କ୍ୱାର୍ଟରକୁ ଭିଜିଲାନ୍ସ ଯାଞ୍ଚ କରିଛି। ଏ ସମ୍ପର୍କରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୫୫/୨୦୧୯) ରୁଜୁ କରାଯାଇ କିରାଣି ସ୍ୱାଇଁଙ୍କୁ ଗିରଫ କରାଯାଇଛି।

### ମହାନଦୀକୁ ଡେଇଁ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ

**କଟକ ଅଫିସ, ୧୮।୧୧:** ମାଲଗୋଦାମ ଥାନା ଯୋବ୍ରା ବ୍ୟାରେଜ ନିକଟରେ ସୋମବାର ପୂର୍ବାହ୍ନ ୧୧ଟାରେ ଜଣେ ସ୍କୁଲ ଛାତ୍ରୀ ମହାନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେ ପାଣିରେ ବୁଡିଯାଉଥିବା ସମୟରେ ସ୍ଥାନୀୟ ଅଞ୍ଚଳର ୩ଜଣ ଯୁବକ ତାଙ୍କୁ ଉଦ୍ଧାର କରିଥିଲେ। ମାଲଗୋଦାମ ପୋଲିସ ପହଞ୍ଚି ଛାତ୍ରୀଙ୍କୁ ଚିକିତ୍ସା ନିମନ୍ତେ ଏସ୍‌ସିବି ମେଡିକାଲ ପଠାଇଥିଲେ। ସେଠାରେ ଚିକିତ୍ସା ହେବା ପରେ ପୋଲିସ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଛାତ୍ରୀ ଜଣଙ୍କ ସ୍ଥାନୀୟ ଏକ ସ୍କୁଲରେ ୯ମ ଶ୍ରେଣୀରେ ପାଠ ପଢୁଛନ୍ତି। ପାଠ ପଢାକୁ ନେଇ ଘରେ ପାଟିତୁଣ୍ଡ ହୋଇଥିବାରୁ ସେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି ବୋଲି ତାଙ୍କ ବୁଢ଼ୀମା ପୋଲିସ ନିକଟରେ କହିଥିଲେ। ୩ଯୁବକଙ୍କ ଏପରି ସାହସିକତା ପାଇଁ ସହରର ସମସ୍ତ ଅଞ୍ଚଳରୁ ପ୍ରଶଂସାର ସୁଅ ଛୁଟିଛି।

### ଯୁବତୀଙ୍କୁ କମେଣ୍ଟ ମାରି ୫ ଜଣ ଧରାପଡ଼ିଲେ

**କଟକ ଅଫିସ, ୧୮।୧୧:** ବାଲିଯାତ୍ରାରେ ଜଣେ ଯୁବତୀଙ୍କୁ କମେଣ୍ଟ ମାରିବା ଅଭିଯୋଗରେ କ୍ୟାଣ୍ଟନମେଣ୍ଟ ପୋଲିସ ସୋମବାର ୫ ଜଣଙ୍କୁ କାବୁ କରିଛି। ସେମାନଙ୍କ ମଧରେ ତିନିଜଣ ନାବାଳକ ଅଛନ୍ତି। ଅନ୍ୟ ୨ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ସତୀଚୌରା ଅଞ୍ଚଳର ମହମ୍ମଦ ରିଆଜ(୧୯) ଓ କାଫଲା ବଜାରର ରବିନାରାୟଣ ସାହୁ(୨୦)। ଏ ନେଇ ମାମଲା(ନଂ. ୧୬୯/୧୯) ରୁଜୁ ହୋଇଛି। ଏଥିସହ ୩ ନାବାଳକଙ୍କୁ ଅନୁଗୋଳସ୍ଥିତ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଛି। ସୋମବାର ସକାଳେ ଅଭିଯୁକ୍ତମାନେ ସମ୍ପୃକ୍ତା ଯୁବତୀଙ୍କ ପିଛା କରିବା ସହ କମେଣ୍ଟ ମାରିଥିଲେ। ଯୁବତୀ ଜଣଙ୍କ କ୍ୟାଣ୍ଟନମେଣ୍ଟ ଥାନାରେ ଅଭିଯୋଗ କରିଥିଲେ।

## ୨୩ ଦିନରେ ରାଜଧାନୀରେ ତୃତୀୟ ହତ୍ୟାକାଣ୍ଡ

# ଅବସରପ୍ରାପ୍ତ ରେଲୱେ କର୍ମଚାରୀଙ୍କ ତଣ୍ଟିକାଟି ହତ୍ୟା

- ଉଲଗ୍ନ ଅବସ୍ଥାରେ ଲଜ୍‌ରୁ ମୃତଦେହ ଉଦ୍ଧାର
- ସାବୁନ ଆଣିବାକୁ କହି ଅଭିଯୁକ୍ତ ଫେରାର
- ଟଙ୍କା ଲୁଟ୍‌କୁ ନେଇ ହତ୍ୟା କରାଯାଇଥିବା ସନ୍ଦେହ

**କଟକରୋଡ୍ (ଡି.ଏନ୍.ଏ.)/ ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)**

ରାଜଧାନୀ ଭୁବନେଶ୍ୱରରେ ସୋମବାର ଜଣେ ଅବସରପ୍ରାପ୍ତ ରେଲୱେ କର୍ମଚାରୀଙ୍କ ତଣ୍ଟିକାଟି ହତ୍ୟା କରାଯାଇଛି। ମୃତକ ହେଲେ ଖୋର୍ଦ୍ଧା ଜିଲା ଜଟଣୀ ଅଞ୍ଚଳରେ ରହୁଥିବା ଟି.ଭେଙ୍କଟ ରାଓ(୬୫)। ଖବର ପାଇ ଲକ୍ଷ୍ମୀସାଗର ଥାନା ଅଧିକାରୀ ଦୟାନିଧି ନାୟକ ଓ ଜୋନ୍ ଏସିପି ଅମରେନ୍ଦ୍ର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଥିଲେ। ଲଜ୍‌ର ଏକ ଖଟ ଉପରେ ରକ୍ତ ଜୁଡୁବୁଡୁ ଏବଂ ଉଲଗ୍ନ ଅବସ୍ଥାରେ ପଡ଼ିଥିବା ଭେଙ୍କଟଙ୍କ ମୃତଦେହକୁ ପୋଲିସ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ଉକ୍ତ ରୁମ୍‌ରୁ ପୋଲିସ ଏକ ଛୁରି ଜବତ କରିଛି। ଫୋରେନ୍‌ସିକ୍ ଟିମ୍ ସେଠାରୁ ରକ୍ତ ଓ ଅନ୍ୟାନ୍ୟ ନମୁନା ସଂଗ୍ରହ କରିନେଇଛି। ଏନେଇ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଭେଙ୍କଟଙ୍କ ପରିବାର ଲୋକଙ୍କୁ ଖବର ଦେଇଛି। ପରିବାର ଲୋକେ ଆସିବା ପରେ ମଙ୍ଗଳବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି। ଅନ୍ୟପକ୍ଷରେ ପୋଲିସ ଉକ୍ତ ଲଜ୍‌ର କେୟାର ଟେକର ସହ ଅନ୍ୟ କର୍ମଚାରୀଙ୍କୁ ପଚରାଉଚରା କରୁଛି।

ମିଳିଥିବା ସୂଚନା ଅନୁଯାୟୀ, ଭେଙ୍କଟ ରେଲୱେ ବାଣିଜ୍ୟିକ ବିଭାଗରେ କିରାଣି ଚାକିରିରୁ ଅବସର ନେବା ପରେ ଭୁବନେଶ୍ୱର ରେଲୱେ ଷ୍ଟେଶନରେ ଏକ ଅଟୋମେଟିକ ଟିକେଟ ଭେଣ୍ଡିଂ ମେଶିନ ଚଳାଉଥିଲେ। ଷ୍ଟେଶନରେ ଥିବା କେତେଜଣ ଲୋକଙ୍କ କହିବା ଅନୁଯାୟୀ, ଭେଙ୍କଟ ସୋମବାର ମଧ୍ୟାହ୍ନ ପ୍ରାୟ ସାଢେ ୧୨ଟାରେ ଷ୍ଟେଶନରେ ପହଞ୍ଚିବା ପରେ ଟିକେଟ ମେଶିନ୍‌ରେ ନିୟୋଜିତ ଥିଲେ। ପ୍ରାୟ ସାଢେ ଗୋଟାଏ ସମୟରେ ଭେଙ୍କଟଙ୍କ ନିକଟରେ ଜଣେ ଯୁବକ ଆସି ପହଞ୍ଚିଥିଲେ। ଉଭୟ ୬ ନମ୍ବର ପ୍ଲାଟଫର୍ମ ସମ୍ମୁଖ ସୁକାନ୍ତି ଡର୍ମିଟୋରି ଲଜ୍‌କୁ ଶୌଚ ହେବା ପାଇଁ ଯାଇଥିଲେ। ସେଠାରେ ଥିବା କେୟାରଟେକର ବାମନ ମହାଳିକଙ୍କୁ ଉଭୟ ବାପ, ପୁଅ ବୋଲି ପରିଚୟ ଦେଇଥିଲେ। ଏହାପରେ କେୟାରଟେକର ତାଙ୍କୁ ଲଜ୍‌ର ଦ୍ୱିତୀୟ ମହଲାରେ ଥିବା ଏକ ରୁମ୍ ଯୋଗାଇ ଦେଇଥିଲେ। ଲଜ୍‌ରେ ରହିବାକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ପରିଚୟପତ୍ର ରଖିବା ନିୟମ ରହିଥିଲେ ମଧ କେୟାରଟେକର ତାଙ୍କଠାରୁ ତାହା ରଖି ନ ଥିଲେ। ପ୍ରାୟ ଅଧ ଘଣ୍ଟା ପରେ ଭେଙ୍କଟ ସହ ଯାଇଥିବା ଯୁବକ ନିକଟ ଦୋକାନରୁ ସାବୁନ ଆଣିବାକୁ ଯାଉଛି କହି ପଳାଇଯାଇଥିଲେ। ଯୁବକ ଜଣକ ନ ଫେରିବାରୁ କେୟାରଟେକର ମହାଳିକଙ୍କ ସନ୍ଦେହ ହୋଇଥିଲା। ସେ ଉକ୍ତ ରୁମ୍‌କୁ ଯାଇ ଦେଖିବା ପରେ ଖଟ ଉପରେ ଭେଙ୍କଟଙ୍କ ତଣ୍ଟିକାଟି ହତ୍ୟା କରାଯାଇଥିବା ଦେଖିବାକୁ ପାଇଥିଲେ। ଘଟଣା ଅପରାହ୍ନ ପ୍ରାୟ ୨ଟାରେ



ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରାଯାଉଛି।

ହୋଇଥିବାବେଳେ ପୋଲିସକୁ ୨ ଘଣ୍ଟା ପରେ ଖବର ଦିଆଯାଇଥିଲା। ଏଭଳି ବିଳମ୍ବକୁ ନେଇ ସନ୍ଦେହ ସୃଷ୍ଟି ହେଉଥିବାବେଳେ ଲଜ୍‌ର ସିସିଟିଭି କ୍ୟାମେରା ଅଚଳ ଥିବା କେୟାରଟେକର ମହାଳିକ କହିଛନ୍ତି। ସେହିପରି ଲଜ୍ ମାଲିକଙ୍କ ମୋବାଇଲ ଫୋନ୍ ନମ୍ବର ବନ୍ଦ ରହିବା ସହ ସେ ଫେରାର ଥିବା ଥାନା ଅଧିକାରୀ ନାୟକ କହିଛନ୍ତି।

ଅନ୍ୟପକ୍ଷରେ ଏହି ହତ୍ୟାକାଣ୍ଡ ଟଙ୍କା ଲୁଟ ପାଇଁ କରାଯାଇଥିବା ସନ୍ଦେହ କରାଯାଉଛି। କାରଣ ଭେଙ୍କଟ ଟ୍ରେନ୍‌ଯାତ୍ରୀଙ୍କୁ ଟିକେଟ ଯୋଗାଉଥିବା ଭେଣ୍ଡିଂ ମେଶିନ୍ ଚଳାଉଥିବାରୁ ତାଙ୍କ ନିକଟରେ ଟଙ୍କା ଥିଲା। ତେଣୁ ଯୁବକ ଜଣକ ଯୋଜନା କରି ତାଙ୍କୁ ଲଜ୍‌କୁ ଡାକି ହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ତେଣୁ ଷ୍ଟେଶନ ସିସିଟିଭି କ୍ୟାମେରାର ଫୁଟେଜ ଓ ଉକ୍ତ ଲଜ୍ ନିକଟ ଅନ୍ୟ ସିସିଟିଭି କ୍ୟାମେରା ଫୁଟେଜ ଆଧାରରେ ହତ୍ୟାକାରୀଙ୍କୁ ପୋଲିସ ଚିହ୍ନଟ କରିବାକୁ ଉଦ୍ୟମ ଚଳାଇଛି। ଏନେଇ ଥାନା ଅଧିକାରୀ ନାୟକ କହିଛନ୍ତି, ବୃଦ୍ଧଙ୍କ ବେକରେ ପ୍ରଥମେ ଛୁରାମାଡ଼ ପରେ ତଣ୍ଟି କଟାଯାଇ ହତ୍ୟା କରାଯାଇଛି। ଅଭିଯୁକ୍ତଙ୍କୁ ଚିହ୍ନଟ କରାଯିବାକୁ ଉଦ୍ୟମ କରାଯାଉଛି।

ଏହି ଘଟଣାକୁ ମିଶାଇ ଗତ ୨୩ ଦିନ ଭିତରେ ଭୁବନେଶ୍ୱରରେ ୩ଟି ହତ୍ୟାକାଣ୍ଡ ଘଟିଲାଣି। ପ୍ରଥମେ ଗତ ଦୀପାବଳି ଅର୍ଥାତ୍ ଅକ୍ଟୋବର ୨୭ରେ ଏୟାରଫିଲ୍ଡ ଥାନା ଅଞ୍ଚଳରେ ଏକ ହତ୍ୟାକାଣ୍ଡ ଘଟିଥିବାବେଳେ ଗତ ୭ ତାରିଖରେ ଖଣ୍ଡଗିରିଥାନା ଅନ୍ତର୍ଗତ ବାହାଦଲପୁରରେ ଆଉ ଜଣଙ୍କୁ ହତ୍ୟା କରାଯାଇଥିଲା।




ମୃତଦେହ ମିଳିଥିବା ଲଜ୍।

## ମହାପ୍ରଭୁଙ୍କର ହେଲା ପଇତାଲାଗି



**ପୁରୀ ଅଫିସ, ୧୮।୧୧**

ଶ୍ରୀମନ୍ଦିରରେ ସୋମବାର ମହାପ୍ରଭୁଙ୍କ ପଇତାଲାଗି ନୀତି ସମ୍ପନ୍ନ ହୋଇଛି। ଅପରାହ୍ନ ପ୍ରାୟ ୪ଟା ୫ରୁ ସନ୍ଧ୍ୟା ୭ଟା ୪୦ମିନିଟ୍ ପର୍ଯ୍ୟନ୍ତ ଦଇତାପତି ସେବକମାନେ ଠାକୁରଙ୍କ ଶ୍ରୀଅଙ୍ଗରେ ପଇତାଲାଗି କରିଥିଲେ। ମଧ୍ୟାହ୍ନ ଧୂପ ସରିବା ପରେ ଦଇତାପତି ସେବକମାନେ ଗର୍ଭଗୃହକୁ ପ୍ରବେଶ କରିଥିଲେ। ଦେଉଳକରଣଙ୍କଠାରୁ ବାସୁଙ୍ଗାପାଟରେ ନିର୍ମିତ ପଇତା ନେଇ ଦଇତାପତିମାନେ ଗୋଷ୍ଠୀଗତ ଭାବେ ପଇତାଲାଗି କରିଥିଲେ। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ଜୟବିଜୟ ଦ୍ୱାର ବନ୍ଦ ରଖାଯାଇଥିଲା। ଫଳରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଭକ୍ତମାନେ ବେଢା ପରିସରସ୍ଥ ଅନ୍ୟାନ୍ୟ ଦେବଦେବୀଙ୍କ ମନ୍ଦିର ବୁଲି ଦେଖିଥିଲେ। ପଇତାଲାଗି ନୀତି ସମ୍ପନ୍ନ ହେବା ପରେ ଠାକୁରଙ୍କ ମହାସ୍ନାନ କରାଯାଇ ଅନ୍ୟାନ୍ୟ ନୀତି ଚାଲିଥିଲା। ମହାସ୍ନାନ ପରେ ପୁଣି ଭକ୍ତମାନେ ଠାକୁରଙ୍କୁ ଦର୍ଶନ କରିଥିଲେ ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି। ସୂଚନାଥାଉ କି, ଠାକୁରଙ୍କ ଶ୍ରୀଅଙ୍ଗର ସୁରକ୍ଷା ଲାଗି ବର୍ଷକୁ ପ୍ରାୟ ୪ଥର ପଇତାଲାଗି କରାଯାଏ। ଦୈନନ୍ଦିନ ଠାକୁରଙ୍କ ଶ୍ରୀଅଙ୍ଗରେ ଲାଗି ହେଉଥିବା ଚନ୍ଦନ ଖସି ନ ଯିବା ପାଇଁ ଏହା କରାଯାଇଥାଏ।

# କଳିଙ୍ଗ ମୋଟର ସ୍ପୋର୍ଟ୍ସ କ୍ଲବ ରାଲି ଉଦ୍‌ଯାପିତ

**ପୁରୀ ଅଫିସ, ୧୮।୧୧**

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ କଳିଙ୍ଗ ମୋଟର ସ୍ପୋର୍ଟ୍ସ କ୍ଲବ ପକ୍ଷରୁ ବାହାରିଥିବା କାର୍ ରାଲି ସୋମବାର ପୁରୀ ସିଂହଦ୍ୱାରସ୍ଥିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ଶେଷ ହୋଇଛି। ଗାନ୍ଧିଜୀଙ୍କ ଓଡ଼ିଶା ସହ ସମ୍ପର୍କ, ରହଣିସ୍ଥଳ, ଶାନ୍ତି ଓ ସଦ୍‌ଭାବନା ପ୍ରଚାର ଉଦ୍ଦେଶ୍ୟରେ ଏହି ରାଲି ଗତ ୧୫ ତାରିଖରେ ଭୁବନେଶ୍ୱରରୁ ବାହାରିଥିଲା। ମହାତ୍ମା ଗାନ୍ଧୀଙ୍କ ସ୍ମୃତି ବହନ କରୁଥିବା ଓଡ଼ିଶାର ବିଭିନ୍ନ ସ୍ଥାନ ପରିଦର୍ଶନ କରିବା ପରେ ସୋମବାର ଅପରାହ୍ନରେ ପୁରୀରେ ରାଲି ପହଞ୍ଚିଥିଲା। କ୍ଲବ ସଦସ୍ୟମାନେ ପ୍ରଥମେ ଗାନ୍ଧୀ ପାର୍କକୁ ଯାଇ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ତାଙ୍କ ସ୍ମୃତିଚାରଣ କରିଥିଲେ। ଏଠାରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ଡେପୁଟି କଲେକ୍ଟର ସୁମନ୍ତ କର ଏବଂ ଜଗନ୍ନାଥ ବସ୍ତିଆଙ୍କୁ କ୍ଲବ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଦସ୍ୟମାନେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ସିଂହଦ୍ୱାର ନିକଟସ୍ଥ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ରାଲି ଶେଷ ହୋଇଥିଲା। ସୂଚନାଥାଉ କି, ୧୯୩୪ ମସିହାରେ ଗାନ୍ଧିଜୀ ଓଡ଼ିଶା ଆସିଥିବା ବେଳେ ସିଂହଦ୍ୱାରଠାରେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଏହି ରାଲିରେ କ୍ଲବ ସଭାପତି ପ୍ରବୀଣ ଭଞ୍ଜଦେଓ, ସାଧାରଣ ସମ୍ପାଦକ ରମେଶ ମହାପାତ୍ର, ମେଜର ଜେନେରାଲ ଏସ୍.ଡି. ମହାନ୍ତି, ଦେବବ୍ରତ ପାଣିଗ୍ରାହୀ, ଲଜପତ୍ ପ୍ରସାଦ, ଅରୁଣ ଭାଟିଆ, ରଶ୍ମିରଞ୍ଜନ କାନୁନ୍‌ଗୋ ପ୍ରମୁଖ ସାମିଲ ଥିଲେ।



ଗାନ୍ଧୀ ପାର୍କସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ କଳିଙ୍ଗ ମୋଟର ସ୍ପୋର୍ଟ୍ସ କ୍ଲବର ସଦସ୍ୟ।

# ଜେଲଗଲେ ଯନ୍ତ୍ରୀ

- ସ୍ତ୍ରୀଙ୍କ ବିରୋଧରେ ମାମଲା
- ଭିଜିଲାନ୍ସ ଠାବ କରିଥିଲା ବିପୁଳ ସମ୍ପତ୍ତି

**କଟକ ଅଫିସ, ୧୮।୧୧**

ବରଗଡ଼ ଉଠା ଜଳସେଚନ ଡିଭିଜନ ସହକାରୀ ଯନ୍ତ୍ରୀ ବୈକୁଣ୍ଠନାଥ ରାଉତଙ୍କୁ ଭିଜିଲାନ୍ସ ସୋମବାର ଗିରଫ କରିଛି। ରାଉତଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ଗତ ୧୬ ତାରିଖରେ ଭିଜିଲାନ୍ସ ତାଙ୍କ ଅଫିସ, ଘର ସମେତ ମୋଟ ୭ଟି ସ୍ଥାନରେ ଯାଞ୍ଚ କରିଥିଲା। ଯାଞ୍ଚରୁ ମୋଟ ୧ କୋଟି ୬୩ ଲକ୍ଷ ୩୯ହଜାର ୬୬୮ ଟଙ୍କାର ସମ୍ପତ୍ତି ଠାବ ହୋଇଥିଲା। ଯାଞ୍ଚ ପରେ ଆୟବ୍ୟୟର ହିସାବ କରାଯାଇଥିଲା। ହିସାବ ପରେ ଜଣାପଡ଼ିଲା ଯେ, ଯନ୍ତ୍ରୀ ରାଉତ ୧ କୋଟି ୧୭ ଲକ୍ଷ ୨୫ହଜାର ୮୬୮ ଟଙ୍କା ଆୟ ବହିର୍ଭୂତ ଭାବେ ଠୁଳ କରିଛନ୍ତି। କାରଣ ଉକ୍ତ ସମ୍ପତ୍ତି ସମ୍ପର୍କରେ ସେ ଭିଜିଲାନ୍ସକୁ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଏ ସମ୍ପର୍କରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ୫୪/୨୦୧୯ ନମ୍ବରରେ ଏକ ମାମଲା ରୁଜୁ କରାଯାଇଛି। ମାମଲାରେ ରାଉତଙ୍କୁ ଭିଜିଲାନ୍ସ ଗିରଫ କରି କୋର୍ଟଚାଲାଣ କରିଥିଲା। କୋର୍ଟରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଉକ୍ତ ମାମଲାରେ ଭିଜିଲାନ୍ସ ରାଉତଙ୍କ ସ୍ତ୍ରୀଙ୍କୁ ମଧ ପକ୍ଷଭୁକ୍ତ କରିଛି।




## କୋଣାର୍କ ସୁରକ୍ଷା ମାମଲା: ଏଏସ୍‌ଆଇକୁ ଜବାବ ତଲବ

# ଜଗମୋହନରେ ବାଲି ଭର୍ତ୍ତି ପାଇଁ ବିଶେଷଜ୍ଞଙ୍କ ମତ ଆବଶ୍ୟକ: ଆମିକସ୍ କ୍ୟୁରି

**କଟକ ଅଫିସ,୧୮।୧୧**

କୋଣାର୍କ ସୂର୍ଯ୍ୟମନ୍ଦିରର ସୁରକ୍ଷା ମାମଲାରେ ହାଇକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍ କ୍ୟୁରି ଏନ୍.କେ. ମହାନ୍ତି ଏକ ରିପୋର୍ଟ ସୋମବାର ଦାଖଲ କରିଛନ୍ତି। ସତ୍ୟପାଠ ଆକାରରେ ଦାଖଲ ଏହି ରିପୋର୍ଟରେ କୋଣାର୍କର ସୁରକ୍ଷା ପାଇଁ ୧୪ଟି ପ୍ରସ୍ତାବ ଦିଆଯାଇଛି। ବିଶେଷକରି କୋଣାର୍କର ଜଗମୋହନ ମଧରେ ବାଲି ଭର୍ତ୍ତି ପାଇଁ ବିଶେଷଜ୍ଞମାନଙ୍କ ସହିତ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଉ ବୋଲି ସେ ରିପୋର୍ଟରେ ଦର୍ଶାଇଛନ୍ତି। ରାସାୟନିକ ସଫେଇ ଯେଉଁ ମାତ୍ରାରେ କରାଯାଉଛି ସେହି ବ୍ୟବଧାନକୁ ଆହୁରି ଅଧିକ ଥର ବଢାଇବା ପାଇଁ ସେ ରିପୋର୍ଟରେ ଦର୍ଶାଇଛନ୍ତି। ଦକ୍ଷିଣପାର୍ଶ୍ୱର ସୁରକ୍ଷା କାନ୍ଥକୁ ସ୍ଥାନାନ୍ତର କରି ରହିଥିବା ଛିଦ୍ର ଓ ଫାଟକୁ ମରାମତି କରିବାକୁ ମଧ ପ୍ରସ୍ତାବ ଦିଆଯାଇଛି। ମନ୍ଦିର ବାହାରେ ଲାଗିଥିବା ପୋଲ୍‌ର ଭାରାଗୁଡିକୁ ହଟାଇ ଦେବା ପାଇଁ ୩ ମାସ ମଧରେ ନିଷ୍ପତ୍ତି ନିଆଯାଇଥିବା ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍‌ଆଇ) ସର୍କଲ ମୁଖ୍ୟ ନିଶ୍ଚିତ କରିଛନ୍ତି ବୋଲି ଅଦାଲତଙ୍କୁ ଆମିକସ କ୍ୟୁରି ଅବଗତ କରାଇଛନ୍ତି। ସମୁଦ୍ରରୁ ଆସୁଥିବା ଲୁଣି ପବନ ଓ ସାମୁଦ୍ରିକ ଝଡକୁ ରୋକିବା ପାଇଁ କୋଣାର୍କ ମନ୍ଦିର ଚାରିପଟେ ଝାଉଁଗଛ ରୋପଣ କରି ସବୁଜ ବଳୟ ସୃଷ୍ଟି କରିବାକୁ ମଧ ସେ ପରାମର୍ଶ ଦେଇଛନ୍ତି। ମୁଖ୍ୟ ବିଚାରପତି କେ.ଏସ୍.ଝାବେରୀ ଓ ବିଚାରପତି କେ.ଆର.ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଏ ସଂକ୍ରାନ୍ତରେ ଏଏସ୍‌ଆଇକୁ ଆସନ୍ତା ୧୬ତାରିଖରେ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଦିଲୀପ କୁମାର ମହାପାତ୍ରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଡ. ଅଶୋକ କୁମାର ମହାପାତ୍ର କୋଣାର୍କ କିପରି ଦିନକୁଦିନ ଅସୁରକ୍ଷିତ ହୋଇପଡୁଛି ସେ ନେଇ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।





1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଯେ ପର୍ଯ୍ୟନ୍ତ ନିଜ ଘରକୁ ଆଶ୍ରମ ବା ପବିତ୍ର ସ୍ଥାନ ବୋଲି ଭାବି ନାହଁ, ସେ ପର୍ଯ୍ୟନ୍ତ କାମ ବିକାର ଲାଗି ରହିଥିବ।
-ପ୍ରଜାପିତା ବ୍ରହ୍ମାକୁମାରୀ



## ସଂକ୍ଷେପରେ

### ମହିଳାଙ୍କୁ ଅସଦାଚରଣ, ଯୁବକ ଗିରଫ

**ସାଲେପୁର,୧୮।୧୧(ଡି.ଏନ.ଏ.):** ସାଲେପୁର ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଅସଦାଚରଣ କରାଯାଇଥିବା ସୋମବାର ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଏକ ମାମଲା ନଂ-୩୧୮/୧୯ ରୁଜୁ କରିବା ସହ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ କାଳନ୍ଦୀ ଗୋଚ୍ଛାୟତ(୨୨)। ମଙ୍ଗଳବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ସଂଯୁକ୍ତା ଖିଲାର ସୂଚନା ଦେଇଛନ୍ତି। ମହିଳା ଜଣକ ତାଙ୍କ ନାତୁଣିକୁ ଅରବିନ୍ଦ ମାର୍ଗରେ ଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନକୁ ଦିନ ପ୍ରାୟ ୧୧ଘଟିକା ସମୟରେ ନେଇକି ଯାଇଥିଲେ। ଏହାପରେ କୌଣସି କାରଣରୁ ସ୍କୁଲ ପଛପଟକୁ ଯାଇଥିଲେ। ହଠାତ୍ ସେଠାରେ କାଳନ୍ଦୀ ପହଞ୍ଚି ତାଙ୍କୁ ଅସଦାଚରଣ କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି।

### ବାଲ୍ୟ ବିବାହ ରୋକିବା ପାଇଁ ସଚେତନତା କାର୍ଯ୍ୟକ୍ରମ

**ବାଙ୍କୀ,୧୮।୧୧(ସ୍ୱ.ପ୍ର.):** ବାଙ୍କୀ ଏନ୍ଏସି ଅନ୍ତର୍ଗତ ରାଣୀ ଶୁକଦେଈ ମହିଳା ମହାବିଦ୍ୟାଳୟ ପ୍ରାଙ୍ଗଣରେ ସୋମବାର ବାଲ୍ୟବିବାହ ରୋକିବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡମପଡା ବ୍ଲକ ଶିଶୁ ସୁରକ୍ଷା ଅଧିକାରୀ ନିର୍ମଳା ପଣ୍ଡା ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବାଲ୍ୟବିବାହ କିପରି ରୋକାଯାଇପାରିବ ସେସମ୍ପର୍କରେ ଆଲୋଚନା ହୋଇଥିଲା। ଏସବୁ ଆଲୋଚନା ଘରେ, ସାଙ୍ଗସାଥୀଙ୍କ ମଧ୍ୟରେ ଓ ଗାଁରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଛାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ମୁଖ୍ୟବକ୍ତା ଭାବେ କଲେଜ ଅଧକ୍ଷ ଶ୍ୟାମସୁନ୍ଦର ରାଉତ ଯୋଗଦେଇ ସୁସ୍ଥ ଜୀବନ ପାଇଁ ସମସ୍ତେ ବାଲ୍ୟବିବାହ ରୋକିବାପାଇଁ ଶପଥ ନେବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟ ସମ୍ମାନିତ ଅତିଥି ଭାବେ ଶିକ୍ଷୟିତ୍ରୀ ଡ. ବିଣାପାଣୀ ପଟ୍ଟନାୟକ ଓ ବ୍ଲକ ପ୍ରୋଜେକ୍ଟ କୋଡିନେଟର ହରପ୍ରିୟା ସାହୁ ଯୋଗଦେଇଥିଲେ। ଡମପଡା ବ୍ଲକ କ୍ଷେତ୍ର ପରିଦର୍ଶିକା ବନଲତା ମହାନ୍ତି ଓ ଜ୍ୟୋର୍ତିମୟୀ ପ୍ରଧାନ ଏଥିରେ ସହଯୋଗ କରିଥିଲେ।

### ବିଷାକ୍ତ ଜୀବନାଶକର ନିରାପଦ ବ୍ୟବହାର ପାଇଁ ସଚେତନତା

**ବଡମ୍ବା,୧୮।୧୧(ଡି.ଏନ୍.ଏ.):** ବିଷାକ୍ତ ଜୀବନାଶକର ନିରାପଦ ବ୍ୟବହାର ପାଇଁ ସୋମବାର ଏକ ସଚେତନତା ଶିବିର ବ୍ଲକ୍ ଅନ୍ତର୍ଗତ ଶଙ୍ଖାମେରୀ ପଞ୍ଚାୟତସ୍ଥିତ ଶନିଶ୍ଚର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ବଡମ୍ବା କୃଷିବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ବିଭାଗୀୟ କର୍ମଚାରୀ ବିଜୟ କୁମାର ତରାସିଆ ସ୍ୱାଗତ ଭାଷଣ ଦେଇ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବିଭାଗୀୟ କର୍ମଚାରୀ ବ୍ରଜବନ୍ଧୁ ମହାନ୍ତି ଏଥିରେ ଉପସ୍ଥିତ ରହି ବିଷାକ୍ତ ଜୀବନାଶକର ଯେପରି ଅପବ୍ୟବହାର ନହୁଏ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଶଙ୍ଖାମେରୀ ଗ୍ରାମପଞ୍ଚାୟତ ୧ନଂ ୱାର୍ଡର ୱାର୍ଡସଭ୍ୟ କିଶୋରଚନ୍ଦ୍ର ରାଉତରାୟ ପରିଚାଳନା କରିଥିଲେ।

୧୧ କେଭି ବିଦ୍ୟୁତ୍ ତାର ଲାଇନ ଟଣାକୁ ନେଇ ଉତ୍ତେଜନା

# ୨ ଗ୍ରାମରେ ଗୋଷ୍ଠୀ ସଂଘର୍ଷ: ୬ ଆହତ

**ଆଠଗଡ,୧୮।୧୧(ସ୍ୱ.ପ୍ର.)**


ନଣ୍ଡେଇଲୋ ଗ୍ରାମର ଆହତ ବ୍ୟକ୍ତିମାନେ।

**ନଣ୍ଡେଇଲୋ, ରାଉତରାପୁର ଗ୍ରାମ**
- ୨ ଗ୍ରାମରେ ପୂର୍ବରୁ ଲାଗିଥିଲା ବିବାଦ
- ଗ୍ରାମରେ ପୋଲିସ ମୁତୟନ
- ଉଭୟ ପକ୍ଷରୁ ଥାନାରେ ଏତଲା

୧୧ କେଭି ବିଦ୍ୟୁତ୍ ଲାଇନ ଟଣାକୁ କେନ୍ଦ୍ର କରି ଆଠଗଡ ଥାନା ଅନ୍ତର୍ଗତ କନ୍ଦରପୁର ପଞ୍ଚାୟତର ନଣ୍ଡେଇଲୋ ଓ ରାଉତରାପୁର ଗ୍ରାମ ମଧ୍ୟରେ ସୋମବାର ଗୋଷ୍ଠୀ ସଂଘର୍ଷ ହୋଇଛି। ଏଥିରେ ନଣ୍ଡେଇଲୋ ଗ୍ରାମର ୫ ଜଣ ଏବଂ ରାଉତରାପୁରର ଜଣେ ବ୍ୟକ୍ତି ଆହତ ହୋଇଛନ୍ତି। ସେମାନଙ୍କୁ ଆଠଗଡ ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସା କରାଯାଇଛି। ଏନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ବାଘେରା ନିକଟବର୍ତ୍ତୀ ଏକ ପାହାଡ ଉପରେ କାଜୁ ବଗିଚାକୁ ନେଇ ଉଭୟ ନଣ୍ଡେଇଲୋ ଓ ରାଉତରାପୁର ଗ୍ରାମ ମଧ୍ୟରେ ପୂର୍ବରୁ ବିବାଦ ଲାଗି ରହିଥିଲା। ପ୍ରଶାସନ ଓ ପୋଲିସ ପକ୍ଷରୁ ଏହାର ସମାଧାନ କରିବା ପାଇଁ ବାରମ୍ବାର ଉଦ୍ୟମ କରାଯାଇଥିଲେ ମଧ୍ୟ ବିବାଦ ତୁଟିପାରି ନ ଥିଲା। ନିକଟରେ ରାଉତରାପୁର ଗ୍ରାମରେ ବିଦ୍ୟୁତ୍ ସମସ୍ୟା ଦୂର କରିବା ଲାଗି ଏକ ନୂତନ ଟ୍ରାନ୍ସଫର୍ମର ବସାଯିବା ସହ ଗ୍ରାମକୁ ୧୧ କେଭି ବିଦ୍ୟୁତ ଲାଇନ ଟଣା ହେଉଥିଲା। ଏହି ତାର ନଣ୍ଡେଇଲୋ ଗ୍ରାମ ଦେଇ ଯାଉଥିବାରୁ ସେଠାକାର ଲୋକେ ଏହାକୁ ବିରୋଧ କରିଥିଲେ। ଗ୍ରାମ ମଧ୍ୟ ଦେଇ ଆଉ ବିଦ୍ୟୁତ୍ ଲାଇନ ଟଣା ଯାଇପାରିବ ନାହିଁ ବୋଲି ସେମାନେ କହିଥିଲେ। ଏନେଇ ସେସୁ କର୍ତ୍ତୃପକ୍ଷ ଏବଂ ପୋଲିସ ପ୍ରଶାସନକୁ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ନଣ୍ଡେଇଲୋ ଗ୍ରାମ ଦେଇ ବିଦ୍ୟୁତ୍ ଲାଇନ ଟଣା ନ ଯାଇ ଗ୍ରାମ ନିକଟସ୍ଥ ରାସ୍ତା କଡ଼ଦେଇ ବିଦ୍ୟୁତ୍ ଲାଇନ ଟଣାଯିବା ଲାଗି ସ୍ଥିର ହୋଇଥିଲା।

ଗତ ୧୫ ତାରିଖରେ ରାସ୍ତାକଡରେ ବିଦ୍ୟୁତ୍ ଖୁଣ୍ଟି ପୋତିବା ଲାଗି ବିଦ୍ୟୁତ୍ ଠିକାଦାରଙ୍କ ପକ୍ଷରୁ ଗାତ ଖୋଳାଯାଉବେଳେ ନଣ୍ଡେଇଲୋ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଏନେଇ ୧୬ତାରିଖରେ ରାଉତରାପୁର ଗ୍ରାମବାସୀଙ୍କ ପକ୍ଷରୁ ଆଠଗଡ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ମାତ୍ର ସୋମବାର ସକାଳେ ରାଉତରାପୁର ଗ୍ରାମର ବହୁ ଲୋକଙ୍କ ଉପସ୍ଥିତିରେ ବିଦ୍ୟୁତ୍ ଠିକାଦାର ପୁନର୍ବାର ଗାତ ଖୋଳା କାର୍ଯ୍ୟ ଆରମ୍ଭ କରିଥିଲେ। ସେତିକିବେଳେ ନଣ୍ଡେଇଲୋ ଗ୍ରାମର ବହୁ ଲୋକ ସେଠାରେ ପହଞ୍ଚି ଏହାକୁ ବିରୋଧ କରିଥିଲେ। ପ୍ରଥମେ ବଚସା ଓ ପରେ ଏହା ସଂଘର୍ଷର ରୂପ ନେଇଥିଲା। ଏହି ଗୋଷ୍ଠୀ ସଂଘର୍ଷରେ ନଣ୍ଡେଇଲୋ ଗ୍ରାମର ଶ୍ୟାମ ନାୟକ, କୃଷ୍ଣଚନ୍ଦ୍ର ମହାନ୍ତି, ନରେନ୍ଦ୍ର ବେହେରା, ଅକ୍ଷୟ ବେହେରା ଓ ଶ୍ୱେତ ବେହେରା ନାମକ ଜଣେ ମହିଳା ଆହତ ହୋଇଥିଲେ। ସେହିପରି ରାଉତରାପୁରର ରସାନନ୍ଦ ରାଉତ ମଧ୍ୟ ଆହତ ହୋଇଥିଲେ। ଗୋଷ୍ଠୀ ସଂଘର୍ଷ ସମୟରେ ନଣ୍ଡେଇଲୋ ଗ୍ରାମର କିଛି ଲୋକଙ୍କ ଦ୍ୱାରା ବୋମା ଫିଙ୍ଗା ଯାଇଥିବା ଏବଂ ଫାଙ୍କା ଗୁଳିଚାଳନା କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସେହିପରି ରାଉତରାପୁର ଗ୍ରାମବାସୀ ହାତରେ ଠେଙ୍ଗା, ଟାଙ୍ଗିଆ, କଟୁରୀ ଆଦି ମାରଣାସ୍ତ୍ର ସାହାଯ୍ୟରେ ଆକ୍ରମଣକ କରିଥିବା ଅଭିଯୋଗ ହୋଇଛନ୍ତି। ଏନେଇ ନଣ୍ଡେଇଲୋ ଗ୍ରାମର ଶ୍ୟାମ ନାଏକ ଓ ରାଉତରାପୁର ଗ୍ରାମର ରସାନନ୍ଦ ରାଉତଙ୍କୁ ପକ୍ଷରୁ ଆଠଗଡ଼ ଥାନାରେ ୨ଟି ପୃଥକ ଏତଲା ଦିଆଯାଇଛି ବୋଲି ଆଇଆଇସି ଜ୍ଞାନରଞ୍ଜନ ମିଶ୍ର କହିଛନ୍ତି। ଘଟଣା ପରେ ଆଇଆଇସି ମିଶ୍ର ଓ ଅନ୍ୟ ପୋଲିସ ଅଧିକାରୀମାନେ ନଣ୍ଡେଇଲୋ ଓ ରାଉତରାପୁର ଗ୍ରାମକୁ ଯାଇ ଏହାର ତଦନ୍ତ କରିଛନ୍ତି। ଉତ୍ତେଜନାକୁ ଦୃଷ୍ଟିରେ ରଖି ଉଭୟ ଗ୍ରାମରେ ସଶସ୍ତ୍ର ପୋଲିସ ମୁତୟନ କରାଯାଇଛି। ମଙ୍ଗଳବାର ଆଠଗଡ ଥାନା ପକ୍ଷରୁ ଉଭୟ ଗ୍ରାମର ଲୋକଙ୍କୁ ଆଲୋଚନା ପାଇଁ ଡକାଯାଇଛି। ସେଠାରେ ସମସ୍ୟାର ସମାଧାନ ପାଇଁ ଉଭୟ ପକ୍ଷ ରାଜି ନ ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ମିଶ୍ର କହିଛନ୍ତି।

### ଅସୁସ୍ଥ କଳାକାରଙ୍କୁ ଭେଟିଲେ ପଞ୍ଚାୟତିରାଜ ମନ୍ତ୍ରୀ

**ମାହାଙ୍ଗା,୧୮।୧୧(ସ୍ୱ.ପ୍ର.)**
ମାହାଙ୍ଗା ବ୍ଲକ ଅନ୍ତର୍ଗତ ଚାହାପଡା ପଞ୍ଚାୟତ ଅନ୍ତର୍ଗତ ଜହଳ ଗ୍ରାମର ବରିଷ୍ଠ କଳାକାର ତଥା ମାହାଙ୍ଗା ଗଣକବି ସାଂସ୍କୃତିକ ସଂସଦର ସାଂସ୍କୃତିକ ସମ୍ପାଦକ ବ୍ରଜବନ୍ଧୁ ବିଶ୍ୱାଳ ଅସୁସ୍ଥ ହୋଇପଡିଛନ୍ତି। ଖବରପାଇ ପଞ୍ଚାୟତରାଜ ମନ୍ତ୍ରୀ ପ୍ରତାପ ଜେନା ତାଙ୍କ ବାସଭବନରେ ପହଞ୍ଚି ସ୍ୱାସ୍ଥ୍ୟବସ୍ଥା ବୁଝିବା ସହ ଆଶୁଆରୋଗ୍ୟ କାମନା କରିଥିଲେ। ତାଙ୍କ ସହ ମାହାଙ୍ଗା ନିର୍ବାଚନମଣ୍ଡଳୀ ବିଜେଡି ପର୍ଯ୍ୟବେକ୍ଷକ ବିବେକାନନ୍ଦ ସାମନ୍ତରାୟ, ଜିଲା ପରିଷଦ ସଭ୍ୟ ହୃଷିକେଶ ସ୍ୱାଇଁ, ଚାହାପଡା ସରପଞ୍ଚ ପ୍ରକାଶ ରାଉତ ଓ ବରିଷ୍ଠ ବିଜେଡି ନେତା ଗୌରାଙ୍ଗ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ନୃସିଂହ ଛକରେ ସଙ୍ଗୀତ ସନ୍ଧ୍ୟା

**ବାଙ୍କୀ,୧୮।୧୧(ସ୍ୱ.ପ୍ର.)**
ବାଙ୍କୀ ଏନ୍.ଏ.ସି. ଅନ୍ତର୍ଗତ ନୃସିଂହ ଛକରେ ରବିବାର ସନ୍ଧ୍ୟାରେ ଗୀତସାଗର କଟକ ତରଫରୁ ସଙ୍ଗୀତ ଓ ଆଧୁନିକ ଗୀତ,ନାଚର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଦେଖିବାକୁ ଅନେକ ଦର୍ଶକଙ୍କ ଭିଡ଼ ଜମିଥିଲା। ଶାନ୍ତିଶୃଙ୍ଖଳାକୁ ଆଖି ଆଗରେ ରଖି ସ୍ୱେଚ୍ଛାସେବୀମାନଙ୍କୁ ନିୟୋଜିତ କରାଯାଇଥିଲା। ବାଙ୍କୀ ପୋଲିସ ତରଫରୁ ଥାନା ଅଧିକାରୀ ସମୀର କୁମାର ପଣ୍ଡା ଏଥିରେ ସହଯୋଗ କରିଥିଲେ। ଏନେଇ ଥାନା ତରଫରୁ ହୋମଗାର୍ଡ ଯୋଗାଇ ଦିଆଯାଇଥିଲା।

ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଧାରଣା ୩ୟ ଦିନରେ

## ଆନ୍ଦୋଳନକୁ ସମର୍ଥନ ଜଣାଇଲେ ବ୍ଲକ୍ କର୍ମଚାରୀ

**ବଡମ୍ବା,୧୮।୧୧(ଡି.ଏନ୍.ଏ)**

ବଡମ୍ବା ବ୍ଲକ୍ ପଞ୍ଚାୟତ କାର୍ଯ୍ୟନିର୍ବାହୀ ସଂଘ ପକ୍ଷରୁ ଚାଲିଥିବା କଲମ ଛାଡ ଆନ୍ଦୋଳନ ସୋମବାର ୩ୟ ଦିନରେ ପହଞ୍ଚିଛି। ଯୋଉମୁଁ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୟାମସୁନ୍ଦର ନାୟକଙ୍କୁ ମାଡ଼ ମାରିଥିବା ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ଏହି ଆନ୍ଦୋଳନ କରାଯାଉଥିବା ବେଳେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିବାରୁ ଆନ୍ଦୋଳନକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଉକ୍ତ ଆନ୍ଦୋଳନକୁ ବଡ଼ମ୍ବା ବ୍ଲକ୍ କର୍ମଚାରୀ ସୋମବାର ସମର୍ଥନ ଜଣାଇଛନ୍ତି ବୋଲି ସଂଘ ସମ୍ପାଦକ ସଞ୍ଜୟ କୁମାର ସାହୁ କହିଛନ୍ତି। କାର୍ଯ୍ୟନିର୍ବାହୀ ଅଧିକାରୀ ନାୟକ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତଦନ୍ତ ବେଳେ ୨ ଜଣ ବ୍ୟକ୍ତ ତାଙ୍କୁ ମାଡ଼ ମାରିଥିଲେ। ଏନେଇ ବଡ଼ମ୍ବା ଥାନାରେ ଅଭିଯୋଗ ହେବା ପରେ ମାମଲା (ନଂ.୨୪୬/୧୯) ହୋଇଥିଲା। ଏହି ଘଟଣାରେ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିବା ପାଇଁ ଆନ୍ଦୋଳନ ଜାରି ରହିଛି। ଆନ୍ଦୋଳନକାରୀଙ୍କ ନିକଟରେ ଭାରପ୍ରାପ୍ତ ବିଡିଓ ଅନିଲ୍ କୁମାର ପଟ୍ଟନାୟକ ପହଞ୍ଚି ବୁଝାସୁଝା କରିଥିଲେ ମଧ୍ୟ ସେମାନେ ଜିଦ୍‌ରେ ଅଟଳ ରହିଛନ୍ତି। ଏହି ଆନ୍ଦୋଳନ ଯୋଗୁ ପଞ୍ଚାୟତର ବହୁ ହିତାଧିକାରୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହାର ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି।

## ଅନ୍ତର୍ଜାତୀୟ ମାନବାଧିକାର ପରିଷଦର ବାର୍ଷିକୋତ୍ସବ

**ଚୌଦ୍ୱାର,୧୮।୧୧(ଡି.ଏନ୍.ଏ.)**

ଅନ୍ତର୍ଜାତୀୟ ମାନବ ଅଧିକାର ପରିଷଦର ନବମ ବାର୍ଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। କପାଳେଶ୍ୱର ସାଇବିହାରସ୍ଥିତ ରୋଟାରୀ ଭବନରେ ପରିଷଦର ରାଜ୍ୟ ସଭାପତି ସସ୍ମିତା ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁ, ଅକ୍ଷୟ ଭୂୟାଁ, ପରିଷଦର ରାଜ୍ୟ ଯୁଗ୍ମ ସମ୍ପାଦକ ପ୍ରଣବ ବିଶ୍ୱାଳ ପ୍ରମୁଖ ଅତିଥିଭାବେ ଯୋଗଦେଇ ସମାଜର ପଛୁଆ ବର୍ଗ, ଅସହାୟଙ୍କ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରିଷଦର ସଭ୍ୟଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କେତେଜଣଙ୍କୁ ସମ୍ମାନିତ କରାଯାଇଥିଲା। ନାରାୟଣ ବିଶ୍ୱାଳ ଧନ୍ୟବାଦ ଦେଇଥିବାବେଳେ ସତ୍ୟବ୍ରତ ଦାସ ଉତ୍ସବକୁ ପରିଚାଳନା କରିଥିଲେ। ସଞ୍ଜିତ୍ ମହାନ୍ତି, ଶିବବ୍ରତ ଦାସ, ଜ୍ଞାନେନ୍ଦ୍ର ପରିଡା, ସ୍ୱାଧୀନ ଦାସ, ଶିତଲ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଦ୍ୟାଳୟରୁ ଚୋରି ଉଦ୍ୟମ

**ନିଶ୍ଚିନ୍ତକୋଇଲି,୧୮।୧୧(ସ୍ୱ.ପ୍ର.)**
ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା ଅଣସରପୁର ପ୍ରାଥମିକ ବିଦ୍ୟାଳୟରୁ ଚୋରି ଉଦ୍ୟମ ହୋଇଛି। ରବିବାର ରାତିରେ କେତେଜଣ ଦୁର୍ବୃତ୍ତ ବିଦ୍ୟାଳୟ ତାଲା ଭାଙ୍ଗି ସାମଗ୍ରୀ ଚୋରି କରିବା ନିମନ୍ତେ ଉଦ୍ୟମ କରିଥିଲେ। ହେଲେ କିଛି ନେଇ ନ ପାରି ଫେରି ଯାଇଛନ୍ତି। କେବଳ କବାଟ ଝରକା ଭାଙ୍ଗି ଦେଇଛନ୍ତି। ଏ ସମ୍ପର୍କରେ ସୋମବାର ପ୍ରଧାନଶିକ୍ଷୟିତ୍ରୀ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଘେରାହେଲା ସ୍କୁଲ ପାଚେରି ତାରବାଡ଼

**ସାଲେପୁର,୧୮।୧୧(ଡି.ଏନ.ଏ.)**

ସାଲେପୁର ଶିକ୍ଷାମଣ୍ଡଳ ଅଧୀନ ବହୁଗ୍ରାମ ପଞ୍ଚାୟତସ୍ଥିତ ସିଂହମାପୁର ପ୍ରାଥମିକ ବିଦ୍ୟାଳୟ ଚତୁଃପାର୍ଶ୍ୱରେ ଘେରାଯାଇଥିବା ତାରବାଡ କଟାଯିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଏପରି କି ଘଟଣାକୁ ନେଇ ବିଦ୍ୟାଳୟ ପରିସରରେ ହୋହଲ୍ଲା ହେବା ସହ କିଛି ସମୟ ପାଇଁ ବିଦ୍ୟାଳୟ ଶ୍ରେଣୀଗୃହକୁ ଉତ୍ତ୍ୟକ୍ତ ଲୋକେ ଗତ ୧୪ତାରିଖ ଦିନ ବନ୍ଦ କରି ଦେଇଥିଲେ। ସୋମବାର ପାଗା ଫାଣ୍ଡି ପୋଲିସ୍, ବହୁଗ୍ରାମ ସରପଞ୍ଚ ମିଲିରାଣୀ ବୋଷ, ସାଲେପୁର ଅତିରିକ୍ତ ଶିକ୍ଷା ମଣ୍ଡଳ ଅଧିକାରୀ ଜଗବନ୍ଧୁ ଶତପଥୀ, ଜମାଲ୍‌ପୁର ସିଆରସିସି, ପରିଚାଳନା କମିଟି କର୍ମକର୍ତ୍ତା ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ ପୁନଶ୍ଚ ତାରବାଡ ଘେରାଯାଇଛି।

## 'ଗାନ୍ଧିଜୀ ପ୍ରାକୃତିକ ଚିକିତ୍ସାର ଜନକ'


ପ୍ରାକୃତିକ ଚିକିତ୍ସା ଦିବସରେ ଯୋଗଦେଇଥିବା ଅତିଥିମାନେ।

**ନରାଜ,୧୮।୧୧(ଡି.ଏନ୍.ଏ.)**

**ପ୍ରାକୃତିକ ଚିକିତ୍ସା ଦିବସ**

ଭାରତ ସରକାରଙ୍କ ଆୟୁଷ ମନ୍ତ୍ରାଳୟର ପୁନେସ୍ଥିତ ଜାତୀୟ ପ୍ରାକୃତିକ ଚିକିତ୍ସା ପ୍ରତିଷ୍ଠାନର ସହାୟତାରେ ୨ୟ ପ୍ରାକୃତିକ ଚିକିତ୍ସା ଦିବସ ବାଆଁରାସ୍ଥିତ ଜଗଦ୍‌ଗୁରୁ କୃପାଳୁ ଚିକିତ୍ସା କେନ୍ଦ୍ରରେ ପାଳିତ ହୋଇଯାଇଛି। ଜେକେ ୟୁନିଭରସିଟିର କୂଳପତି ଡ.ଏସ୍ ରାମରତ୍ନମ ଏଥିରେ ମୁଖ୍ୟଅତିଥିଭାବେ ଯୋଗଦେଇ ଗାନ୍ଧିଜୀ ପ୍ରାକୃତିକ ଚିକିତ୍ସାର ଜନକ କହିଲେ ଅତ୍ୟୁକ୍ତି ହେବନାହିଁ। ଆଧୁନିକ ଚିକିତ୍ସାକୁ କମ ବ୍ୟବହାର କରିବା ପାଇଁ ସେ ଗୁରୁତ୍ୱ ଦେବା ସହ ଔଷଧ ବିହୀନ ଜୀବନ ଯାପନ ସବୁଠୁ ଫଳପ୍ରଦ ବୋଲି କହିଥିଲେ। ଅନ୍ୟତମ ବକ୍ତା ଭାବେ ଅନୁଷ୍ଠାନର ମୁଖ୍ୟ ଚିକିତ୍ସକ ଡ. ମିଲିନ୍ଦ ପରାସର ଯୋଗଦେଇ ପ୍ରାକୃତିକ ଚିକିତ୍ସାର ଏକ ସମ୍ପୂର୍ଣ୍ଣ ଚିତ୍ର ପ୍ରଦାନ କରିଥିଲେ। ଭାରତ ସରକାରଙ୍କ ଅଧୀନ ଜାତୀୟ ପ୍ରାକୃତିକ ଚିକିତ୍ସା ପ୍ରତିଷ୍ଠାନର ରାଜ୍ୟ ସଂଯୋଜକ ବିଜୟ କୁମାର ପୃଷ୍ଟି ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଜ୍ଜନ ଶର୍ମା ଏଥିରେ ଯୋଗଦେଇ ନଜର ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଶେଷରେ ଚିକିତ୍ସା କେନ୍ଦ୍ର ଦାୟିତ୍ୱରେ ଥିବା ହରମନ ଭାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ମଧ୍ୟାହ୍ନଭୋଜନ ଚାଉଳ ଯୋଗାଣରେ ଠକେଇ

**ନିଶ୍ଚିନ୍ତକୋଇଲି,୧୮।୧୧(ସ୍ୱ.ପ୍ର.)**
ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳ ବିଦ୍ୟାଳୟଗୁଡିକୁ ମଧ୍ୟାହ୍ନଭୋଜନ ଚାଉଳ ଯୋଗାଣରେ ଠକେଇ ହେଉଥିବା ଅଭିଯୋଗ ହୋଇଛି। ସୋମବାର ବ୍ଲକ ଅଧୀନ ଅହମ୍ମଦ ବକ୍ସ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଏକଥା ଜଣାପଡ଼ିବା ପରେ ମଧ୍ୟାହ୍ନଭୋଜନ ଚାଉଳକୁ ଫେରାଇ ଦିଆଯାଇଛି। ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ନିଶ୍ଚିନ୍ତକୋଇଲି ବ୍ଲକ ଦାୟିତ୍ୱରେ ଥିବା ଠିକାଦାର ପ୍ରତି ମାସରେ ନିୟମିତ ଚାଉଳ ଦେଉ ନ ଥିଲାବେଳେ ମାପ ଓଜନରେ ଠକେଇ କରୁଥିବା ଅଭିଯୋଗ ହୋଇଥିଲା। ଠିକାଦାର ଯୋଗାଉଥିବା ୫୦ କିଗ୍ରା ବସ୍ତାରେ ୮ରୁ ୧୦କିଗ୍ରା କମ୍ ରହୁଥିଲା। ଯେଉଁ ଶିକ୍ଷକମାନେ ଏହାର ପ୍ରତିବାଦ କରୁଥିଲେ କିମ୍ବା ଚାଉଳ ଗ୍ରହଣ କରୁ ନ ଥିଲେ ସେମାନଙ୍କୁ ଆକ୍ରୋଶର ଶିକାର ହେବାକୁ ପଡୁଥିଲା। ଅହମ୍ମଦ ବକ୍ସ ଉଚ୍ଚ ବିଦ୍ୟାଳୟର ୮ଟି ଶ୍ରେଣୀର ୨୩୫ ଛାତ୍ରୀଛାତ୍ର ମଧ୍ୟାହ୍ନଭୋଜନ ଖାଇଥାନ୍ତି। ସୋମବାର ସମ୍ପୃକ୍ତ ଠିକାଦାର ଏହି ବିଦ୍ୟାଳୟକୁ ୪୫ କୁଇଣ୍ଟାଲ ଚାଉଳ ଆଣିଥିଲେ। ପ୍ରତି ବସ୍ତାରେ ପ୍ରାୟ ୫କିଗ୍ରାରୁ ଉର୍ଦ୍ଧ୍ୱ ଚାଉଳ କମ୍ ଥିବାର ଓଜନରୁ ଜଣାପଡିଥିଲା। ଫଳରେ ମୋଟ୍ ୨ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଚାଉଳ କମ୍ ଥିବା ହେତୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଚାଉଳ ଗ୍ରହଣ ନ କରି ଫେରାଇ ଦେଇଥିଲେ। ଏସମ୍ପର୍କରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ରବୀନ୍ଦ୍ର ସାହୁ ବିଭାଗୀୟ ଅଧିକାରୀଙ୍କୁ ଜଣାଇଛନ୍ତି। ଘଟଣା ସମ୍ପର୍କରେ ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଥିବା ଏବିଇଓ ନିକୁଞ୍ଜ ବିହାର ମହାନ୍ତିଙ୍କୁ ପଚାରିବାରେ କହିଥିଲେ, ଚାଉଳ ଯୋଗାଣରେ ଅନିୟମିତତା ହୋଇଥିବା ଅଭିଯୋଗ ଆସିଛି। ଏହାର ତଦନ୍ତ କରାଯିବ। ଏବେ ପ୍ରତି ବିଦ୍ୟାଳୟ ଚାଉଳ ଓଜନ କରି ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ପୋଷ୍ୟ ସନ୍ତାନ ସଚେତନତା ଅଭିଯାନର ଶୁଭାରମ୍ଭ

**ନରସିଂହପୁର ୧୮।୧୧ (ଡି.ଏନଏ)**

ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ କଟକ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ଆରମ୍ଭ ହୋଇଥିବା ସଚେତନା ରଥ ସୋମବାର ନରସିଂହପୁର ବ୍ଲକରେ ପହଞ୍ଚିଛି। ସେଠାରେ ରଥକୁ ସ୍ୱାଗତ କରାଯିବା ସହ ଏହି ଅଭିଯାନର ଶୁଭାରମ୍ଭ ହୋଇଛି। ଏହି ଅବସରରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ନରସିଂହପୁର ବିଡିଓ ପ୍ରଶାନ୍ତ କୁମାର ତରାଇ, ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ମିଶ୍ର, ସିଡିପିଓ ମମତା ରାଉତ, ସହକାରୀ ଯନ୍ତ୍ରୀ ଦିଲିପ କୁମାର ବେହେରା, ବିନ୍ଧ୍ୟବାସିନୀ ଅନାଥଶ୍ରମର ସମ୍ପାଦକ ପ୍ରମୋଦିନୀ ନାୟକ, ନିଜିଗଡ ସରପଞ୍ଚ ପ୍ରଭାକର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ନିଃସନ୍ତାନ ଦମ୍ପତ୍ତିଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସନ୍ତାନ ଆବଶ୍ୟକ।ଏନେଇ ସରକାରଙ୍କ ନିୟମ ଅନୁଯାୟୀ ସମ୍ପୃକ୍ତ ବିଭାଗରେ ରହିଥିବା ଅନଲାଇନ ମାଧ୍ୟମରେ ଆବେଦନ କରିହେବ। ଏଥିସହ ୧୧ଟି ତଥ୍ୟ ପ୍ରଦାନ ପରେ କୋର୍ଟ ମାଧ୍ୟମରେ ଅର୍ଥ ପ୍ରଦାନ କରି ପୋଷ୍ୟ ସନ୍ତାନ ଗ୍ରହଣ କରାଯାଇପାରିବ ବୋଲି ସଚେତନତା ରଥ ଜରିଆରେ ଲୋକଙ୍କୁ କୁହାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନିଜିଗଡ, କାକୁଡିଆ, ପାଇକପଡାପାଟଣା, ପାର୍ବତୀପୁର, ଆଇଁସିଆ, ନିମସାହି ଅଞ୍ଚଳର ଅଙ୍ଗନୱାଡି କର୍ମୀ ଓ ସାମଜିକ କର୍ମୀମାନେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଗତ ୨ ଦିନ ତଳେ କଟକ ଜିଲାପାଳଙ୍କ ଦ୍ୱାରା ଏହି ରଥକୁ ଉଦ୍‌ଘାଟନ କରାଯାଇଥିଲା।



ନରସିଂହପୁରରେ ସଚେତନତା ରଥକୁ ଶୁଭାରମ୍ଭ କରାଯାଉଛି।

## ଗଣପର୍ବରେ ପରିଣତ ହେବ ଛାଡ଼ଖାଇ ଉତ୍ସବ

**ନରସିଂହପୁର ୧୮।୧୧(ଡି.ଏନ୍.ଏ.)**

ନରସିଂହପୁର ଛାଡ଼ଖାଇ ଉତ୍ସବର ଷଷ୍ଠ ସନ୍ଧ୍ୟା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଂସ୍କୃତିକ ମଞ୍ଚରେ ନରସିଂହପୁର କଲଚୁରାଲ୍ ଏକାଡେମୀର କଳାକାର ମାନେ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ଭୁବନେଶ୍ୱରରୁ ଆସିଥିବା ନୂପୁର ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା 'ଓଡିଶା ମୋ ଜନ୍ମଭୂମି' ନୃତ୍ୟ ଦର୍ଶକଙ୍କ ମନକୁ ଛୁଇଁ ପାରିଥିଲା। ପରେ ମେଲୋଡି କଳାକାରଙ୍କ ନୃତ୍ୟ ଦର୍ଶକମାନଙ୍କୁ ମତୁଆଲା କରିଥିଲା। ଷଷ୍ଠ ଦିବସରେ ମଞ୍ଚରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଛାଡଖାଇ ଉତ୍ସବ ୫୩ ବର୍ଷରେ ମଧ୍ୟ ଯୁବକ ପରି ଜ୍ୱଳଜ୍ୱଲ୍ୟ ମାନ ହେଉଛି। ବୟସ ଯେତିକି ବଢୁଛି ଏହାର କଳେବର ସେତିକି ବୃଦ୍ଧି ପାଉଛି। ଆଗାମୀ ଦିନରେ ଏହି ଗଣପର୍ବ ଗଣ ଉତ୍ସବରେ ପରିଣତ ହେବା ନିଶ୍ଚିତ ବୋଲି ସେ କହିଥିଲେ। ସ୍ଥାନୀୟ ବିଧାୟକ ଦେବୀ ପ୍ରସାଦ ମିଶ୍ର ଏଥିରେ ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ରବୀନ୍ଦ୍ର ସାହୁ, ନରସିଂହପୁର ବିଡିଓ ପ୍ରଶାନ୍ତ କୁମାର ତରାଇ ଓ ଅଭ୍ୟର୍ଥନା କମିଟିର ଅଧକ୍ଷ କିଶୋର ଚନ୍ଦ୍ର ମିଶ୍ର ଯୋଗଦେଇଥିଲେ। ଶେଷରେ ଥାନା ଅଧିକାରୀ ଲିଙ୍ଗରାଜ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବକୁ ଦେବଦତ୍ତ ମଳୟ କୁମାର ବରାଳ ସଂଯୋଜନା କରିଥିଲେ।


ଛାଡ଼ଖାଇ ମହୋତ୍ସବରେ ମଞ୍ଚାସୀନ ଅତିଥିମାନେ।

## ସଂକ୍ଷେପରେ

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ: ଜଣେ ଗିରଫ

**କଟକ ଅଫିସ, ୧୮।୧୧:** ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଲାଲବାଗ ପୋଲିସ ସୋମବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ମେହେନ୍ଦିପୁରର ସେଖ୍ ଜାବିର। ଅଭିଯୋଗ ଅନୁଯାୟୀ, ସୋମବାର ସେଖ୍ ଜାବିର ଏକ ଧାରୁଆ ଅସ୍ତ୍ରରେ ଉକ୍ତ ଅଞ୍ଚଳର ରିଙ୍କୁ ଓରଫ ସେଖ୍ ସଖିଲଙ୍କୁ କୌଣସି କାରଣକୁ ନେଇ ଆକ୍ରମଣ କରିଥିଲେ। ଏଥିରେ ରିଙ୍କୁ ଆହତ ହୋଇଥିଲେ। ଏ ନେଇ ରିଙ୍କୁଙ୍କ ବଡ ଭାଇ ଲାଲବାଗ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୩୬/୧୯) ରୁଜୁ କରିଥିଲା।

### ଫଟୋଗ୍ରାଫର୍ସ ଆସୋସିଏଶନ କର୍ମକର୍ତ୍ତାଙ୍କ ଚୟନ

**ଚୌଦ୍ୱାର,୧୮।୧୧(ଡି.ଏନ୍.ଏ.):** ଚୌଦ୍ୱାର ତଥା ଆଖପାଖ ଅଞ୍ଚଳର ପେସାଦାର ଫଟୋଗ୍ରାଫର ଓ ଗଣମାଧମ ପ୍ରତିନିଧିଙ୍କ ଏକ ମିଳିତ ବୈଠକ ରୋଟାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସୋସିଏଶନର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତିଭାବେ ସତ୍ୟବ୍ରତ ଦାସ, ଉପସଭାପତି ସଧୀର ଦାସ, ସାଧାରଣ ସମ୍ପାଦକ ସଞ୍ଜୀବ ତିୱାରୀ, ଯୁଗ୍ମ ସମ୍ପାଦକ ପରିକ୍ଷିତ ଲେଙ୍କା, କୋଷାଧକ୍ଷ ଦୀପକ ବେଉରା ଏବଂ ଉପଦେଷ୍ଟା ଭାବେ କମଳାକାନ୍ତ ନାୟକ, ପ୍ରକାଶ ନାୟକ, ମିର୍ଜାନସିମ ବେଗ, ରମେଶ ମହାପାତ୍ର, ଗୋକୁଳାନନ୍ଦ ସାହୁ ଓ କାହ୍ନୁ ବାବୁଙ୍କୁ ଚୟନ କରାଯାଇଥିଲା। ଏହି ସଂଘକୁ ସୁଦୃଢ କରିବା ସହ ସମସ୍ତ ଫଟୋଗ୍ରାଫରଙ୍କ ସ୍ୱାର୍ଥରକ୍ଷା ପାଇଁ କାମ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସେକ୍ ସେବାକ୍, ତ୍ରିନାଥ ମହନ୍ତ, ରାଜେଶ ନାଇଡୁ, ଆଲୋକ ଦାଶ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ବରିଷ୍ଠ ନାଗରିକ କ୍ଲବ୍‌ର ବାର୍ଷିକ ଉତ୍ସବ

**ଚୌଦ୍ୱାର,୧୮।୧୧(ଡି.ଏନ୍.ଏ.);** ଚୌଦ୍ୱାର ପୌରପାଳିକା ୧୯ନମ୍ବର ୱାର୍ଡ ହାଉସିଂବୋର୍ଡ ଫେଜ-୨ସ୍ଥିତ ବରିଷ୍ଠ ନାଗରିକ କ୍ଲବ୍‌ର ନବନିର୍ମିତ ଗୃହ ଉଦ୍‌ଘାଟିତ ହୋଇଯାଇଛି। ୧୬ଲକ୍ଷ ଟଙ୍କାରେ ନିର୍ମିତ ଏହି କ୍ଲବ୍ ଗୃହକୁ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଏବଂ ପୌର ନିର୍ବାହୀ ଅଧିକାରୀ ପବିତ୍ର ବେହେରା ଏଥିରେ ଅତିଥିଭାବେ ଯୋଗ ଦେଇଥିଲେ। କ୍ଲବ ସଭାପତି ଶିଶିର ଶତପଥୀଙ୍କ ପୌରୋହିତ୍ୟରେ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ବରିଷ୍ଠ ନାଗରିକ କ୍ଲବର ସପ୍ତମ ବାର୍ଷିକ ଉତ୍ସବରେ ଏମ୍‌ପି ମହତାବ ଯୋଗଦେଇ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। କ୍ଲବ୍ ପରିସରରେ ଏକ ଶୌଚାଳୟ ଓ ବାଉଣ୍ଡରି ନିର୍ମାଣ ପାଇଁ ୫ଲକ୍ଷ ଟଙ୍କାର ଅନୁଦାନ ପାଇଁ ମଧ ଘୋଷଣା କରିଥିଲେ। ବରିଷ୍ଠ ନାଗରିକଙ୍କ କଲ୍ୟାଣ ପାଇଁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ପୂର୍ବତନ ବିଧାୟକ ବିଶ୍ୱାଳ ପ୍ରତିଶ୍ରୁତି ଦେଇଥିଲେ। ଚୌଦ୍ୱାର ଥାନା ନୋଡାଲ ଅଫିସର ତପସ୍ୱିନୀ କାନୁନ୍‌ଗୋ, ପୂର୍ବତନ କାଉନସିଲର କରୁଣାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବ୍ ଉପଦେଷ୍ଟା ଶୁଭେନ୍ଦୁ ସାମଲ କ୍ଲବ୍‌ର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଉଭୟ ଏମ୍‌ପି ଓ ପୂର୍ବତନ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ କ୍ଲବ୍‌ର ମୁଖପତ୍ର 'ଅପରାହ୍ନର ସୂର୍ଯ୍ୟ' ଉନ୍ମୋଚନ କରାଯାଇଥିଲଣ। କୁମରବର ସ୍ୱାଇଁଙ୍କ ସମେତ ବହୁ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ସୁଶାନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

### ଫୁଟବଲ: କଟକ ସ୍ପୋର୍ଟସ ହଷ୍ଟେଲ ଚାମ୍ପିୟନ

**ଚୌଦ୍ୱାର,୧୮।୧୧(ଡି.ଏନ୍.ଏ.):** ଗତ ୧୦ତାରିଖରୁ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ଆଗ୍ରାହାଟ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ରୋମାଞ୍ଚକ ଭାବେ ଟ୍ରାଇବ୍ରେକର ଜରିଆରେ କଟକ ସ୍ପୋର୍ଟସ୍ ହଷ୍ଟେଲ ୪-୨ଗୋଲରେ ଭୁବନେଶ୍ୱରର କଳିଙ୍ଗ ସ୍ପୋର୍ଟିଂକୁ ହରାଇ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜୟୀ ସ୍ପୋର୍ଟସ୍ ହଷ୍ଟେଲକୁ ଚାମ୍ପିୟନ ଟ୍ରଫି ଓ ୧୫ହଜାର ଟଙ୍କା ପ୍ରଦାନ କରିଥିଲେ। ସେହିପରି କଳିଙ୍ଗ ସ୍ପୋର୍ଟିଂକୁ ରନର୍ସ ଅପ୍ ଟ୍ରଫି ଓ ୧୦ହଜାର ଅର୍ଥ ପ୍ରଦାନ କରିଥିଲେ। ରମାନାଥ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଆତ୍ମାର ଅଧକ୍ଷ ଶେକ୍ ସାହାଜାନ୍, ଯୁବନେତା ବିଷ୍ଣୁଚରଣ ପରିଡ଼ା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସମ୍ପାଦକ ପ୍ରଦୀପ୍ତ ବେହେରା ବିବରଣୀ ପାଠ କରିଥିବାବେଳେ ସଭାପତି ଅକ୍ଷୟ ବରାଳ ଧନ୍ୟବାଦ ଦେଇଥିଲେ। ରେଫେରୀ ଭୀମ ଛତ୍ରୀ, ଦୈତାରୀ କାରୁଆ, ନାରାୟଣ ସାହୁ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। କ୍ଲବର ସରୋଜକାନ୍ତ ବରାଳ, ପ୍ରଦୀପ୍ତ ବେହେରା, ଶିବ ପ୍ରସାଦ ପରିଡ଼ା, ପ୍ରମୋଦ ପଣ୍ଡା, ଉମେଶ ଚନ୍ଦ୍ର ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସକାଳ ବୁଲାକୁ ନାଚଗୀତ ଆସର ଜମୁଛି

## ବାଲିଯାତ୍ରା ପଡ଼ିଆରେ ପଥ ଉତ୍ସବ

**କଟକ ଅଫିସ, ୧୮।୧୧**

ବାଲିଯାତ୍ରା ପଡିଆରେ ଅନୁଷ୍ଠିତ ପଥ ଉତ୍ସବକୁ ଉପଭୋଗ କରିବା ପାଇଁ ସୋମବାର ସକାଳୁ ପହଞ୍ଚି ଯାଇଥିଲେ ବହୁ କଟକିଆ। ସକାଳ ବୁଲା ସାଙ୍ଗକୁ ପଥ ଉତ୍ସବରେ ସଙ୍ଗୀତର ଆସର ସଭିଙ୍କୁ ବେଶ୍ ଉତ୍ସାହିତ କରିଥିଲା। ଜିଲା କଳା ସଂସ୍କୃତି ସଂଘର ନାମ ସଙ୍କୀର୍ତ୍ତନରୁ ଆରମ୍ଭ ହୋଇଥିଲା ପ୍ରଥମ କାର୍ଯ୍ୟକ୍ରମ। ବହୁ ଶ୍ରଦ୍ଧାଳୁ ଝାଞ୍ଜ, ମୃଦଙ୍ଗ ଧରି ଭଗବାନଙ୍କ ଭଜନ ଜଣାଣ କରିଥିଲେ। ପରେ କଣ୍ଠଶିଳ୍ପୀ ମାନସୀ ସାହୁ ଓ ବରୁଣ କୁମାରଙ୍କ ଭଜନ ପରିବେଷଣ କରିଥିଲେ। ସେହିପରି ଜୟ ଜଗନ୍ନାଥ ସେବା ସମିତିର କଳାକାର ଓ ବିଘ୍ନେଶ ବ୍ୟାଣ୍ଡ ଦ୍ୱାରା ନୃତ୍ୟସଙ୍ଗୀତର ଆସର ବେଶ ଜମିଥିଲା। ଲିଜା ସାହୁ ମଞ୍ଚ ପରିଚାଳନା କରିଥିଲେ। ଭାରତୀୟ ରେଡ୍‌କ୍ରସ ସୋସାଇଟି ପକ୍ଷରୁ ବାଲିଯାତ୍ରା ପଡିଆରେ ସ୍ୱଚ୍ଛତା ନିମନ୍ତେ ସଫେଇ କରାଯାଇଥିଲା। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।





### ଖେଳିଲେ ଜିଲାପାଳ

ପଥ ଉତ୍ସବରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଓଡ଼ିଶା କର୍ଫବଲ ଆସୋସିଏଶନର ଖେଳାଳିମାନଙ୍କ ସହିତ ସାମିଲ ହୋଇ ଖେଳିଥିଲେ। ଖେଳକୁଦ ଦ୍ୱାରା ଶାରୀରିକ ଓ ମାନସିକସ୍ତରରେ ମଣିଷ ସୁସ୍ଥ ରହିଥାଏ ବୋଲି ଜିଲାପାଳ କହିଥିଲେ। ଏହି ରଥ କଟକ ଜିଲାର ପ୍ରାୟ ୧୪ ବ୍ଲକ ପରିଭ୍ରମଣ କରିବ। ଲୋକମାନେ କେଉଁ ମାଧମରେ ପୋଷ୍ୟ ସନ୍ତାନ ଗ୍ରହଣ କରିବେ ସେ ସମ୍ପର୍କରେ ଏହି ରଥ ବାର୍ତ୍ତା ଦେବ।

### ଦିନେ ବଢିଲା ପଥ ଉତ୍ସବ

ଗୋଟିଏ ଦିନ ବଢିଲା ପଥ ଉତ୍ସବ। ଜିଲା ପ୍ରଶାସନ ପକ୍ଷରୁ ଆସନ୍ତା ୨୦ ପର୍ଯ୍ୟନ୍ତ ପଥ ଉତ୍ସବର ମଜା ନେଇପାରିବେ ଦର୍ଶକ। ଗତ ୧୩ରୁ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ପଥ ଉତ୍ସବର ଆୟୋଜନ କରାଯାଇଥିଲା। ଏହାକୁ ଆଉ ଗୋଟିଏ ଦିନ ବୃଦ୍ଧି କରାଗଲା ବୋଲି ପଥ ଉତ୍ସବରେ ଜିଲାପାଳ ଘୋଷଣା କରିଥିଲେ।

### ଗଡିଲା ପୋଷ୍ୟ ସନ୍ତାନ ସଚେତନତା ରଥ

ପୋଷ୍ୟ ସନ୍ତାନ ଗ୍ରହଣ ପ୍ରକ୍ରିୟା ସମ୍ବନ୍ଧରେ ଲୋକଙ୍କୁ ସଚେତନ କରିବା ପାଇଁ ଆରମ୍ଭ ହୋଇଛି ପୋଷ୍ୟ ସନ୍ତାନ ସଚେତନତା ରଥ କାର୍ଯ୍ୟକ୍ରମ। ରବିବାର ପଥ ଉତ୍ସବରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଏହାକୁ ଉଦ୍‌ଘାଟନ କରିଥିଲେ।





## ୧୫୨ ଅଭିଯୋଗର ଶୁଣାଣି କଲେ ପ୍ରକଳ୍ପ ନିର୍ଦ୍ଦେଶକ

**କଣ୍ଟାପଡ଼ା,୧୮।୧୧(ଡି.ଏନ୍.ଏ.)**

କଣ୍ଟାପଡ଼ା ବ୍ଲକରେ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅନୁପସ୍ଥିତ ରହିବାରୁ କଟକ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମହମ୍ମଦ ଅବଦଲ ଅଖତର ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ମୋଟ୍ ୩୫୧ଟି ଅଭିଯୋଗ ହୋଇଥିବା ବେଳେ ସେଥିରୁ ୩୩୯ ବ୍ୟକ୍ତିଗତ ଓ ୧୨ଟି ଅଭିଯୋଗ ସାମୂହିକ ସମସ୍ୟା ସମ୍ପର୍କରେ ହୋଇଥିଲା। ଡିମିରି ଫାଣ୍ଡିରେ କର୍ମଚାରୀଙ୍କ ଅଭାବରୁ ସେଠାରେ ହୋଇଥିବା ଅଚଳାବସ୍ଥାକୁ ଦୂରକରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ସେହିପରି ଅଡ଼ଶପୁର ରାଜସ୍ୱ ସର୍କଲର ବରାହୀପୁର ଗ୍ରାମରେ ଗତ ଚକବନ୍ଦୀ ଯୋଗ ପ୍ରକ୍ରିୟା ୨୦୦୩ମସିହାରୁ ସରିଥିଲେ ମଧ ଅଦ୍ୟାବଧି ଚାଷୀଙ୍କୁ ଚକମଡାଣ ଦିଆଯାଇନାହିଁ। ଖଣ୍ଡିଆରୀପୁର ଗ୍ରାମ ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକ ଛାତ୍ରୀଛାତ୍ର ଥିଲେ ମଧ ଏହାକୁ ବ୍ଲକ ଶିକ୍ଷା ପ୍ରଶାସନ ବନ୍ଦ କରିବା ପ୍ରତିବାଦରେ ଗ୍ରାମବାସୀ ଅଭିଯୋଗ କରିଥିଲେ। ବ୍ୟକ୍ତିଗତ ଅଭିଯୋଗରୁ ଅଧିକାଂଶ ଫନୀ ଘରଭଙ୍ଗା ସହାୟତାରୁ ବଞ୍ଚିତ ହୋଇଥିବା ସମ୍ପର୍କରେ ଥିଲା। ଶିବିରରେ ମୋଟ ୧୫୨ଅଭିଯୋଗର ସମାଧାନ ହୋଇପାରିଥିଲା। ୨ଜଣ ବ୍ୟକ୍ତିଙ୍କୁ କଟକ ଜିଲା ରେଡକ୍ରସ ପାଣ୍ଠିରୁ ୨୦୦୦ଟଙ୍କା ଲୋଖାଏ ପ୍ରଦାନ କରାଯାଇଥିଲା। ଦିବ୍ୟାଙ୍ଗ ବ୍ୟକ୍ତି ଅଶୋକ ମଲିକଙ୍କୁ ୩ ଚକିଆ ସାଇକେଲ ଓ ୨ଜଣଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ବିଭୂତି ଖଣ୍ଡାଏତରାୟ, ଜିଲା କୃଷି ଉପନିର୍ଦ୍ଦେଶକ ପରେଶଚନ୍ଦ୍ର ସାହୁ, କଣ୍ଟାପଡା ବ୍ଲକ ବିଡିଓ କେ. ଅଶୋକ କୁମାର, କଣ୍ଟାପଡା ପଞ୍ଚାୟତ ସମିତି ଅଧକ୍ଷା ସ୍ମିତାରାଣୀ ସ୍ୱାଇଁ, ତହସିଲଦାର ଆର୍ତ୍ତତ୍ରାଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଭସାଣି ପାଇଁ ପୋଲିସ ପ୍ରଶାସନର ବୈଠକ

**ଖୁଣ୍ଟୁଣୀ,୧୮।୧୧(ଡି.ଏନ୍.ଏ.)**

ଖୁଣ୍ଟୁଣୀ ଅଞ୍ଚଳରେ ଅନୁଷ୍ଠିତ କାର୍ତ୍ତିକେଶ୍ୱର ଭସାଣି ପାଇଁ ସୋମବାର ପୋଲିସ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚୌଦ୍ୱାର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲ ଅଧକ୍ଷତା କରିଥିଲେ। ଭସାଣିକୁ ଶାନ୍ତିଶୃଙ୍ଖଳାରେ ଶେଷ କରିବା ପାଇଁ ଗ୍ରାମର ମୁରବୀମାନଙ୍କୁ ନେଇ ଏକ ଶାନ୍ତି କମିଟି ଗଠନ କରାଯାଇଥିଲା। ଏଥିରେ ଖବରଦାତା ସଚ୍ଚିଦାନନ୍ଦ ପଣ୍ଡା, ସୁଶାନ୍ତ ସାହୁ, କିଶୋର ସ୍ୱାଇଁ ଓ ଗୋପାଳକୃଷ୍ଣ ସାମନ୍ତରାୟ ରହିଛନ୍ତି। ଡିଜେ ବାଜାକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିବାବେଳେ ଯାନବାହନ ନିୟନ୍ତ୍ରଣ ପାଇଁ ୧ପ୍ଲାଟୁନ ଫୋର୍ସ ମୁତୟନ ରହିବେ।



କଟକ ଯୋବ୍ରା ବାହିନୀ ମା' ଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ଅବସରରେ ସୋମବାର ମହାନଦୀ ତଟରୁ ପୂଜାସ୍ଥଳ ନିକଟକୁ ବାହାରିଥିବା କଳସ ଶୋଭାଯାତ୍ରା।

## ଅନ୍ତର୍ଜାତୀୟ ମାନବାଧିକାର ପରିଷଦର ବାର୍ଷିକୋତ୍ସବ

**ଚୌଦ୍ୱାର,୧୮।୧୧(ଡି.ଏନ୍.ଏ.)**

ଅନ୍ତର୍ଜାତୀୟ ମାନବ ଅଧିକାର ପରିଷଦର ନବମ ବାର୍ଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। କପାଳେଶ୍ୱର ସାଇବିହାରସ୍ଥିତ ରୋଟାରୀ ଭବନରେ ପରିଷଦର ରାଜ୍ୟ ସଭାପତି ସସ୍ମିତା ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁ, ଅକ୍ଷୟ ଭୂୟାଁ, ପରିଷଦର ରାଜ୍ୟ ଯୁଗ୍ମ ସମ୍ପାଦକ ପ୍ରଣବ ବିଶ୍ୱାଳ ପ୍ରମୁଖ ଅତିଥିଭାବେ ଯୋଗଦେଇ ସମାଜର ପଛୁଆ ବର୍ଗ, ଅସହାୟଙ୍କ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରିଷଦର ସଭ୍ୟଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କେତେଜଣଙ୍କୁ ସମ୍ମାନିତ କରାଯାଇଥିଲା। ନାରାୟଣ ବିଶ୍ୱାଳ ଧନ୍ୟବାଦ ଦେଇଥିବାବେଳେ ସତ୍ୟବ୍ରତ ଦାସ ଉତ୍ସବକୁ ପରିଚାଳନା କରିଥିଲେ। ସଞ୍ଜିତ୍ ମହାନ୍ତି, ଶିବବ୍ରତ ଦାସ, ଜ୍ଞାନେନ୍ଦ୍ର ପରିଡା, ସ୍ୱାଧୀନ ଦାସ, ଶିତଲ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ରୀଅରବିନ୍ଦ ପାଠଚକ୍ର

**କଟକ ଅଫିସ, ୧୮।୧୧**

ସିଡିଏସ୍ଥିତ ବିରଞ୍ଚି ନାରାୟଣ ଦାଶଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାତୃଭବନର ଅନେକ ସାଧିକାସାଧକ ତଥା ଇଷ୍ଟର୍ନ ଜୋନର ଅପାଭାଇମାନେ ଯୋଗଦାନ କରିଥିଲେ। ଆଲୋଚ୍ୟ ବିଷୟ 'ନୂତନ ଜଗତ ପାଇଁ ପ୍ରସ୍ତୁତ' ବିଷୟରେ ସମରେନ୍ଦ୍ର ଭାଇ ବିଶଦ ଆଲୋଚନା କରିଥିଲେ। ଏହି ଉତ୍ସବରେ ସୁବାସ ଚନ୍ଦ୍ର ସାହୁ, ଅନୁରାଧା ସାହୁ, ବାନାମ୍ବର ମହାନ୍ତି, କଳ୍ପନା ଦାଶ, ବିଜୟଲକ୍ଷ୍ମୀ ମିଶ୍ର, ଅକ୍ଷୟ ମହାପାତ୍ରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଭାରତୀ ମିଶ୍ର ଧନ୍ୟବାଦ ଦେଇଥିଲେ।

## ତୃଣମୂଳ ସ୍ତରରୁ ସଙ୍ଗଠନକୁ ସୁଦୃଢ କରାଯିବ

**କଟକ ଅଫିସ, ୧୮।୧୧**

କଟକ ନଗର (ଜିଲା) କଂଗ୍ରେସ କମିଟିର ସାଙ୍ଗଠନିକ ବୈଠକ ପୁରୀଘାଟସ୍ଥିତ ଦଳୀୟ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ନଗର କଂଗ୍ରେସ ସଭାପତି ତଥା ବିଧାୟକ ମହମ୍ମଦ ମୋକିମ ଅଧକ୍ଷତା କରି ଦଳର ସଙ୍ଗଠନକୁ ତୃଣମୂଳ ସ୍ତରରୁ ମଜବୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। କେନ୍ଦ୍ର ସରକାରଙ୍କ ଅଗଣତାନ୍ତ୍ରିକ ଓ ଜନ ବିରୋଧୀ ନୀତି ବିରୁଦ୍ଧରେ ଏକଜୁଟ୍ ହେବାକୁ ମୋକିମ କହିଥିଲେ। କେନ୍ଦ୍ରର ଅପାରଗତାରୁ ଦେଶର ଆର୍ଥିକ ମାନ୍ଦାବସ୍ଥା, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଆକାଶଛୁଆଁ ଦର ବୃଦ୍ଧି ସାଙ୍ଗକୁ ରାଜ୍ୟ ସରକାରଙ୍କ ବିଫଳତାରୁ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ନେଇ ଆଲୋଚନା ହୋଇଥିଲା। ବୈଠକରେ ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ ପୂର୍ବତନ ସଭାନେତ୍ରୀ ତଥା କଟକ ନଗର କଂଗ୍ରେସ ପ୍ରଭାରୀ ସୁସ୍ମିତା ବେହେରା ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ। ଆଗାମୀ ଦିନରେ ସାଙ୍ଗଠନିକ ସ୍ତରରେ କିପରି କଂଗ୍ରେସ ସୁଦୃଢ ହେବ ସେଥିପାଇଁ ସମସ୍ତ ସଭ୍ୟଙ୍କ ସହ ଆଲୋଚନା କରିଥିଲେ। ସନାତନ ପୃଷ୍ଟି, ଗିରିବାଳା ବେହେରା, ଶୈଳବାଳା ଜେନା, ଅଶ୍ୱିନୀ ମହାରଣା, ପ୍ରଦୀପ ପ୍ରଧାନ, ସେକ୍ ସମ୍ମିମଉଲ୍ଲା, ଅରୁଣ ସେଠୀଙ୍କ ସହ ଅନ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ନିଖିଳ ଭାରତ ସମବାୟ ସପ୍ତାହ ପାଳିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**କଟକ ଅଫିସ, ୧୮।୧୧**

ସମବାୟ ସମିତି କଟକ ନଗର ମଣ୍ଡଳ ପକ୍ଷରୁ ୬୬ତମ ନିଖିଳ ଭାରତ ସମବାୟ ସପ୍ତାହ ସୋମବାର ଶତାବ୍ଦୀ ଭବନଠାରେ ପାଳିତ ହୋଇଯାଇଛି। ଏଥିରେ ପ୍ରତିଷ୍ଠାତା ସଭାପତି ମହେନ୍ଦ୍ର କୁମାର ନାୟକଙ୍କ ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସମବାୟ ସମିତି ଉପନିବନ୍ଧକ ଲକ୍ଷ୍ମୀଧର ସୁବୁଦ୍ଧି କହିଥିଲେ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଦ୍ୱାରା କଟକଠାରେ ପ୍ରତିଷ୍ଠିତ ହୋଇଥିବା ପ୍ରଥମ ସମବାୟ ଅନୁଷ୍ଠାନ ଭାବେ ଉତ୍କଳ ଟ୍ୟାନେରୀ ଜନ୍ମ ହୋଇଥିଲା। ପର୍ଯ୍ୟାୟ କ୍ରମେ ଏହା ବିଭିନ୍ନ ସ୍ଥାନରେ ବିଭିନ୍ନ ରୂପରେ ମୁଣ୍ଡଟେକିଥିଲା। ଯାହାଦ୍ୱାରା ଓଡ଼ିଶାର ଆର୍ଥିକ ଅଭିବୃଦ୍ଧି ସମ୍ଭବ ହୋଇପାରିଛି। ଏଥିରେ ସମ୍ମାନିତ ଅତିଥି ଭାବେ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ କଟକର ସୁନୀତା ପତି ଯୋଗଦେଇଥିଲେ। ଅମୀୟ କୁମାର ଖୁଣ୍ଟିଆ ସମବାୟ ସଂସ୍ଥାମାନେ ଓଡ଼ିଶାର ପ୍ରତ୍ୟେକ ନାଗରିକଙ୍କ ଆସ୍ଥା ଓ ବିଶ୍ୱାସଭାଜନ ହୋଇପାରିଛି ବୋଲି କହିଥିଲେ। ମହାନଗର କ୍ରେଡିଟ କୋଅପରେଟିଭ ସୋସାଇଟିର ମୁଖ୍ୟ କାର୍ଯ୍ୟନିର୍ବାହୀ ମମତା ପଣ୍ଡା, ସ୍ୱୟଂଶ୍ରୀ ମହିଳା ସମବାୟ ସମିତିର ମୁଖ୍ୟ କାର୍ଯ୍ୟନିର୍ବାହୀ ନୟନା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାମଲୀଳା ପ୍ରଚାର ସମିତିର ସଂକ୍ରାନ୍ତି ଉତ୍ସବ

**କଟକ ଅଫିସ, ୧୮।୧୧**

ଆସନ୍ତା ଧନୁ ସଂକ୍ରାନ୍ତିରେ ବିଡାନାସୀସ୍ଥିତ ବୀଣାପାଣି ରାମଲୀଳା ନାଟ୍ୟ ସଂସଦ ଅନୁରୋଧକ୍ରମେ ଚହଟେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ସଂକ୍ରାନ୍ତି ଉତ୍ସବ ପାଳନ ହେବ। ସମିତି ପକ୍ଷରୁ ମାସିକ ସଂକ୍ରାନ୍ତି ଉତ୍ସବ ଓ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଚୌଧୁରୀ କାଶୀନାଥ ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ପାଦକ ମାରୁତିଶ୍ରୀ ରବୀନ୍ଦ୍ର କୁମାର ସେଠୀ ପ୍ରାରମ୍ଭିକ ସୂଚନା, ସର୍ବ ବ୍ୟବସ୍ଥାପକ ଗୋପାଳ ଚନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସୁଧିର ଲେଙ୍କା ରାମଧୂନ ଗାନ, କୈଳାସ ଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ ।



କଟକ ଦେଉଳସାହିସ୍ଥିତ ରଘୁନାଥ ଜୀଉ ଜୁନିୟର କଲେଜରେ ସୋମବାର ଆତ୍ମ ପ୍ରଶିକ୍ଷଣ ଉଦ୍‌ଘାଟନ ଅବସରରେ ଯୋଗଦେଇଥିବା ଅତିଥିବୃନ୍ଦ।

## ନୂଆ ନିୟମ ବଳରେ ବାଦ୍ ପଡିବେ ଅଯୋଗ୍ୟ ହିତାଧିକାରୀ

**କଟକ ସଦର,୧୮।୧୧(ଡି.ଏନ୍.ଏ.)**

### କଟକ ସଦର ବ୍ଲକ

ଆବାସ ଯୋଜନାରେ ହିତାଧିକାରୀ ମନୋନୟନର ଗାଇଡଲାଇନ୍‌ରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସାମାନ୍ୟ ସଂଶୋଧନ କରିଛି। ୨୦୧୯ ପୂର୍ବରୁ ବିଭିନ୍ନ ସରକାରୀ ଯୋଜନାରେ ଘର ପାଇଥିବା ବ୍ୟକ୍ତିମାନେ ଆଉ ଆବାସ ଯୋଜନାରେ ସାମିଲ ହୋଇପାରିବେ ନାହିଁ ବୋଲି ଉକ୍ତ ବିଭାଗ ପକ୍ଷରୁ ସମସ୍ତ ବିଡିଓଙ୍କୁ ସୂଚନା ଦିଆଯାଇଛି। ଏହି ନୂଆ ଗାଇଡଲାଇନ ବଳରେ କଟକ ସଦର ବ୍ଲକ ୨୩ଟି ପଞ୍ଚାୟତର ୫୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ବାଦ୍ ପଡିବା ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। କାରଣ ଏମାନେ ୨୦୦୦-୨୦୧୯ ମାର୍ଚ୍ଚ ସୁଦ୍ଧା ଇନ୍ଦିରାଆବାସ, ମୋ' କୁଡିଆ, ବିଜୁ ପକ୍କାଘର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇଥିବା ବ୍ୟକ୍ତିମାନେ ଆଉ ନୂଆ ଯୋଜନାରେ ସାମିଲ ହୋଇପାରିବେ ନାହିଁ ବୋଲି ସରକାରଙ୍କ ନୂଆ ନିୟମ ରହିଛି। ତଥାପି ରାଜନୈତିକ ବ୍ୟକ୍ତିଙ୍କ ପ୍ରଭାବ ଯୋଗୁ ଏହିଭଳି ଅଯୋଗ୍ୟ ହିତାଧିକାରୀମାନଙ୍କ ନାମ ଚିଠା ତାଲିକାରେ ଅନ୍ତର୍ଭୁକ୍ତ କରାଯାଇ ଜିଓ ଟ୍ୟାଗିଂ କରାଯାଇଥିଲା। ଉକ୍ତ ଗାଇଡଲାଇନ୍‌ରେ ପରିବର୍ତ୍ତନ ପାଇଁ ପତ୍ରସଂଖ୍ୟା ୨୦୯୮୭/୧୫।୧୧।୧୯ରେ ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ହେଲେ ଏହା ପୂର୍ବରୁ ସରକାରଙ୍କ ପକ୍ଷରୁ ପୁରୁଣା ଗାଇଡଲାଇନ୍‌ରେ ଏ ସମ୍ପର୍କରେ ସ୍ପଷ୍ଟ ଭାବେ ଉଲ୍ଲେଖ ନ ଥିଲା। ଫଳରେ ଉକ୍ତ ବ୍ଲକର ଅଧିକାଂଶ ଚିଠା ତାଲିକାରେ ନାମ ଥିବା ହିତାଧିକାରୀ ଦ୍ୱିତୀୟ ଥର ଘର ପାଇବା ପାଇଁ ଉଦ୍ୟମ କରିଥିଲେ। ଏହାଛଡା ଫନୀ ବାତ୍ୟାରେ ଚାଳଘରକୁ ଦେଖାଇ ଦ୍ୱିତୀୟ ଥର ଲାଗି କେତେଜଣ ଲୋକ ଆବାସ ଯୋଜନାରେ ସାମିଲ ପାଇଁ ଉଦ୍ୟମ ଜାରି ରଖିଥିଲେ। ୨୦୦୦ ମସିହା ଜନଗଣନା ଅନୁସାରେ ଏହି ବ୍ଲକର ମୋଟ୍ ଘର ସଂଖ୍ୟା ୨୪,୩୧୮ ଥିବାବେଳେ ୨୦୧୧ରେ ଘର ସଂଖ୍ୟା ୩୦,୬୦୮ରେ ପହଞ୍ଚିଥିଲା। ମହାବାତ୍ୟା ପରେ ୧୯୯୨ ଓ ୧୯୯୭ ମସିହା ବିପିଏଲ ଅନୁଯାୟୀ ୧୨,୭୫୭ ଜଣ ସରକାରୀ କୋଠାଘର ପାଇଥିଲେ। ୨୦୦୮ରୁ ୨୦୧୨ ମଧ୍ୟରେ ବିପିଏଲ୍ ହିତାଧିକାରୀ ନ ମିଳିବାରୁ ସରକାର ସମ୍ଭାବ୍ୟ ଘର ତାଲିକାରୁ ୪୦୦୦ରୁ ଊର୍ଦ୍ଧ୍ୱ ଇନ୍ଦିରାଆବାସ ଓ ମୋ' କୁଡିଆ ପ୍ରଦାନ କରିଥିଲେ। ୨୦୧୯ ମାର୍ଚ୍ଚ ସୁଦ୍ଧା ଏହି ବ୍ଲକ ଅଧୀନ ୨୩ଟି ପଞ୍ଚାୟତରେ ୨୧,୦୦୦ରୁ ଊର୍ଦ୍ଧ୍ୱ ଲୋକ ଘର ପାଇସାରିଛନ୍ତି। ଘର ପାଇବା ପାଇଁ ଯୋଗ୍ୟ ହିତାଧିକାରୀଙ୍କ ନାମ ଆବାସ ଚିଠା ତାଲିକାରେ କିପରି ଯୋଗ କରାଯିବ ତାହା ଉପରେ ସରକାର ସ୍ପଷ୍ଟ ଆଭିମୁଖ୍ୟ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

ଯେ ପର୍ଯ୍ୟନ୍ତ ନିଜ ଘରକୁ ଆଶ୍ରମ ବା ପବିତ୍ର ସ୍ଥାନ ବୋଲି ଭାବି ନାହଁ, ସେ ପର୍ଯ୍ୟନ୍ତ କାମ ବିକାର ଲାଗି ରହିଥିବ।
- ପ୍ରଜାପିତା ବ୍ରହ୍ମାକୁମାରୀ



## ସଂକ୍ଷେପରେ

### ଚୋରି ଅଭିଯୋଗରେ ଜଣେ ଗିରଫ

ପୁରୀ ଅଫିସ, ୧୮।୧୧: ପୁରୀ ପ୍ଲାଟଫର୍ମରେ ଜଣେ ଯାତ୍ରୀଙ୍କଠାରୁ ମୋବାଇଲ ଚୋରି ଅଭିଯୋଗରେ ଆରପିଏଫ୍ ପୋଲିସ କଟକ ଚାଉଳିଆଗଞ୍ଜର ସତ୍ୟରଞ୍ଜନ ଆଚାର୍ଯ୍ୟଙ୍କୁ ଗିରଫ କରିଛି। ସୋମବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ସିସିଟିଭି ଯାଞ୍ଚବେଳେ ସତ୍ୟରଞ୍ଜନ ପ୍ଲାଟଫର୍ମରେ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିଲେ। ଏହା ଦେଖି ଆର୍‌ପିଏଫ୍ ପୋଲିସ ତାଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲା। ଏହି ସମୟରେ ତାଙ୍କଠାରୁ ୨ଟି ମୋବାଇଲ ଫୋନ୍ ଏବଂ ନଗଦ ୭୫୦ ଟଙ୍କା ମିଳିଥିଲା। ପୋଲିସ ତାହାକୁ ଜବତ କରିଛି।

### ପୋଲିସ ପ୍ରୀତିରୁ ଖସିଗଲେ ଅଭିଯୁକ୍ତ

ଖୋର୍ଦ୍ଧା ଅଫିସ,୧୮।୧୧: ପୋଲିସର ଅଭିଯୁକ୍ତ ପ୍ରୀତି କାରଣରୁ ଜଣେ ବଳାତ୍କାର କରିଥିବା ଅଭିଯୁକ୍ତ ଜାମିନରେ ଖସିଯିବାର ଏସ୍‌ପିଙ୍କ ନିକଟରେ ଅଭିଯୋଗ ହୋଇଛି। ନଂ. ୯୯/୧୮ ବଳାତ୍କାର ମାମଲାରେ କୋର୍ଟ ଗିରଫ ପରୱାନା ଜାରି କରିଥିବାବେଳେ ଅଭିଯୁକ୍ତଙ୍କୁ କେବଳ ନଂ. ୫୧୮/୧୮ରେ ଗିରଫ ଦର୍ଶାଯାଇଥିଲା। ବେଗୁନିଆ ଥାନା ପୋଲିସ ଗିରଫ ପରୱାନା ସମ୍ପର୍କରେ ଚୁପ ରହିବାରୁ ଅଭିଯୁକ୍ତ ଜାମିନ ପାଇଗଲେ। ଏପଟେ ପୀଡିତା ବେଗୁନିଆ ଥାନା ପୋଲିସର କାରନାମାକୁ ଏସ୍‌ପିଙ୍କୁ ଅବଗତ କରାଇ ନ୍ୟାୟ ଭିକ୍ଷା କରିଛନ୍ତି।

### ବଣ ମଲ୍ଲୀର ମହକର ଉଦ୍‌ଘାଟନ

ଝାଁଳା,୧୮।୧୧(ଡି.ଏନ୍.ଏ) - ଭରତପୁର କମ୍ୟୁନିଟି ସେଣ୍ଟର କ୍ଲଷ୍ଟର-୪ ଓଡ଼ିଶା ମ୍ୟୁଜିକ ଆଣ୍ଡ ଆର୍ଟ ଏକାଡେମୀ (ଓମା-ଓଡ଼ିଶା)ର ବଣମଲ୍ଲିର ମହକ ଉଦ୍‌ଘାଟନ ଉତ୍ସବ ରବିବାର ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଡ. ରଞ୍ଜନ କୁମାର ସାହୁ ଓ କ୍ଷୀରୋଦ କୁମାର ସାହୁ ଉପସ୍ଥିତ ଥିଲେ। ବସ୍ତିର ୫୦ରୁ ଊର୍ଦ୍ଧ୍ୱ ବାଳିକାବାଳକ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ମଣ ମଲ୍ଲିର ମହକର ସମ୍ପାଦକ ଯଯାତି କେଶରୀ ରାଉତଙ୍କ ତତ୍ତ୍ୱାବଧାନରେ ଉତ୍ସବ ପାଳିତ ହୋଇଥିଲା। ବିଭିନ୍ନ ବସ୍ତିର ପିଲାମାନଙ୍କ ଲୁଚି ରହିଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିବା ବଣ ମଲ୍ଲିର ମହକର ମୂଳମନ୍ତ୍ର। ଏହାକୁ ସୌଭାଗ୍ୟ ମହାପାତ୍ର ପରିଚାଳନା କରିଥିଲେ।

## ■ କୁଷ୍ଠରୋଗ ଚିହ୍ନଟ ଅଭିଯାନ ଆରମ୍ଭ
# ୪ ସହର ପାଇଁ ୧୦୪ ଟିମ୍

### ରୋଗ ସଂକ୍ରମଣ ନ ହେବା ପାଇଁ ପ୍ରତିଷେଧକ

ଖୋର୍ଦ୍ଧା ଅଫିସ,୧୮।୧୧

ସୋମବାରଠାରୁ ଖୋର୍ଦ୍ଧା ଜିଲାର ଖୋର୍ଦ୍ଧା, ଜଟଣୀ, ବାଣପୁର, ବାଲୁଗାଁ ପୌରାଞ୍ଚଳରେ କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ୪ ସହରର ୪୪,୬୭୧ ଜଣଙ୍କୁ ପରୀକ୍ଷା କରାଯିବାର ଟାର୍ଗେଟ ରହିଛି। ରୋଗ ଚିହ୍ନଟ ପାଇଁ ୧୦୪ ଟିମ୍ ଗଠନ ହୋଇଛି। ଆଶା ଓ ଅଙ୍ଗନୱାଡି କର୍ମୀ ଘରକୁଘର ଯାଇ ରୋଗ ଅଛି କି ନାହିଁ ପରିବାରର ସଦସ୍ୟମାନଙ୍କୁ ଯାଞ୍ଚ କରିଛନ୍ତି। ଯଦି କୁଷ୍ଠ ରୋଗର ଲକ୍ଷଣ ଦେଖିବାକୁ ମିଳେ ତେବେ ସ୍ୱାସ୍ଥ୍ୟକର୍ମୀଙ୍କ ପାଖକୁ ରୋଗୀଙ୍କୁ ପଠାଯିବ। ସ୍ୱାସ୍ଥ୍ୟକର୍ମୀ ପରୀକ୍ଷା କରିବା ପରେ ପୁଣି ସନ୍ଦେହ ହେଲେ ଡାକ୍ତରଙ୍କୁ ଦେଖାଇବାକୁ ପଡିବ। ଡାକ୍ତର ରୋଗ ଚିହ୍ନଟ କଲେ ଏମ୍‌ଡିଟି ଔଷଧ ଖାଇବାକୁ ପଡିବ। ଅନ୍ୟପକ୍ଷେ ରୋଗ ଚିହ୍ନଟ ପରେ ପରିବାରର ସଦସ୍ୟ ଓ ପଡୋଶୀ ସଂକ୍ରମଣରୁ ରକ୍ଷା ପାଇଁ ପ୍ରତିଷେଧମୂଳକ ସିଙ୍ଗଲ ଡୋଜ ଔଷଧ ଖାଇ ପାରିବେ।

### ୪୫ ଜଣଙ୍କୁ ଏମ୍‌ଡିଟି ଔଷଧ

କୁଷ୍ଠରୋଗ ଏକ ବାୟୁ ବାହିତ ଜୀବାଣୁ ଦ୍ୱାରା ହୋଇଥାଏ। କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ଗ୍ରାମାଞ୍ଚଳରେ ସେପ୍ଟେମ୍ବର ୧୦ରୁ ୨୩ ପର୍ଯ୍ୟନ୍ତ ହୋଇଥିଲା। ଏଥିରେ ୨ ଲକ୍ଷ ୪୮ ହଜାର ୭୬୦ ଲୋକଙ୍କୁ ପରୀକ୍ଷଣ କରାଯାଇ ୩୧୪୧ ଜଣଙ୍କୁ ସନ୍ଦେହ କରାଯାଇଥିଲା। ତେବେ ୪୫ ଜଣଙ୍କୁ ରୋଗୀ ଚିହ୍ନଟ କରାଯାଇ ଏମ୍‌ଡିଟି ଔଷଧ ଦିଆଯାଇଛି।

### ନିରାକରଣ କାଗଜକଲମରେ

ଖୋର୍ଦ୍ଧା ଜିଲାରେ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ କାଗଜକଲମରେ ଚାଲୁ ରହିଥିବା ଅଭିଯୋଗ ହେଉଛି। ରୋଗ ପ୍ରତିକାର ପାଇଁ କର୍ମଚାରୀ ଖାଲି ମୁଖ୍ୟ ସମସ୍ୟା ରୂପେ ଉଭା ହୋଇଛି। ରୋଗ ନିରାକରଣ ପାଇଁ କର୍ମଚାରୀଙ୍କ ଆନ୍ତରିକତା ଅଭାବ ପରିଲକ୍ଷିତ ହେଉଛି। ଅପରପକ୍ଷେ କର୍ମଚାରୀ ଅଭାବ ସତ୍ତ୍ୱେ ରୋଗ ନିୟନ୍ତ୍ରଣ ଓ କାର୍ଯ୍ୟ ଚାଲୁ ରହିଥିବା ବିଭାଗ ପକ୍ଷରୁ ସଫେଇ ଦିଆଯାଇଛି। ସବୁ ରୋଗୀଙ୍କୁ ଚିହ୍ନଟ କରାଯାଇ ଏମ୍‌ଡିଟି ବଟିକା ଦିଆଯାଉଛି ବୋଲି ଦର୍ଶାଯାଉଛି। ହେଲେ ରୋଗୀଙ୍କ ସଂଖ୍ୟା ବଢୁଥିବାରୁ ତାହାର କାରଣ ଖୋଜା ଯାଉନି। କେତେଜଣ ରୋଗୀ ଲୋକ ଲଜ୍ଜା ଭୟରେ ଔଷଧ ଖାଉ ନ ଥିବା କୁହାଯାଉଛି। ଯାହାକି ରୋଗ ବଢିବାର ମୁଖ୍ୟ କାରଣ। ଖୋର୍ଦ୍ଧା ଜିଲାରେ ବାଣପୁର, ବାଲୁଗାଁ, ଟାଙ୍ଗୀ, ବାଳକାଟୀ, ବାଲିପାଟଣା, ମେଣ୍ଢାଶାଳ, ଜଟଣୀ, ହଳଦିଆ, ବେଗୁନିଆ, ବୋଲଗଡ ଆଦି ୧୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚସି) ରହିଛି। ପ୍ରତି ସିଏଚସିରେ ଜଣେ ଲେଖାଏ ଅନୁ ଚିକିତ୍ସା କର୍ମୀ(ପାରା ମେଡିକାଲ ୱାର୍କର) ରହିବାର ବ୍ୟବସ୍ଥା ଅଛି। ହେଲେ ଜିଲାର ସବୁ ସିଏଚସିରେ ଅନୁ ଚିକିତ୍ସା କର୍ମୀ ପଦବୀ ଖାଲି ରହିଛି। ଏଣୁ ସିଏଚସିଗୁଡିକରେ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହୋଇପାରୁନି। ରୋଗୀ ରୋଗ ସମ୍ପର୍କରେ ସଚେତନ ହୋଇ ପାରୁନାହାନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ୨ଜଣ ଅନୁ ଚିକିତ୍ସା କର୍ମୀ ପଦବୀ ରହିଥିବାବେଳେ ଏଠାରେ ଜଣେ କାମ ଚଳାଉଛନ୍ତି। ସମ୍ପୃକ୍ତ କର୍ମଚାରୀ ଜିଲାସାରା କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ ତଦାରଖ କରୁଛନ୍ତି। ଅନ୍ୟପକ୍ଷେ ବାଲୁଗାଁ ଓ ଜଟଣୀ ପାଇଁ ୨ ଜଣ ସୁପରଭାଇଜର ପଦବୀ ରହିଛି। ହେଲେ ଏହା ମଧ୍ୟ ଖାଲି ପଡିଛି। ଫିଜିଓଥେରାପି ପଦବୀ ବହୁଦିନ ଧରି ଖାଲି ପଡିଛି। ସମ୍ପୃକ୍ତ କାର୍ଯ୍ୟକ୍ରମ ପାଇଁ ୧୬ଟି ପଦବୀ ଖାଲି ପଡିଥିବାରୁ କୁଷ୍ଠ ନିରାକରଣ ହୋଇପାରୁନାହିଁ ବୋଲି ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ମହାପାତ୍ରଙ୍କୁ ପଚାରିବାରେ କୁଷ୍ଠରୋଗ ଚିହ୍ନଟ ପ୍ରକ୍ରିୟା ଜିଲାର ୪ଟି ସହରାଞ୍ଚଳରେ ଆରମ୍ଭ ହୋଇଛି। କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ କିଭଳି ସଫଳ ହେବ ସେ ନେଇ ଚେଷ୍ଟା ଜାରି ରହିଛି ବୋଲି ସେ କହିଥିଲେ।

# ଅସୁବିଧାରେ ଥାଇ ଅସହାୟଙ୍କ ସାହାରା ହେଉଛନ୍ତି ତ୍ରିନାଥ


ତ୍ରିନାଥ ଲଣ୍ଡ୍ରିରେ କାମ କରୁଥିବା ବେଳେ ଅସହାୟ ବ୍ୟକ୍ତି ଜଣକ ପାଖରେ ବସିଛନ୍ତି।

ନିରାକାରପୁର,୧୮।୧୧(ଡି.ଏନ୍.ଏ)

କଥାରେ ଅଛି ନିଜେ ବଞ୍ଚିଲେ ବାପାର ନାଁ। କିନ୍ତୁ ନିଜେ ଦୟନୀୟ ଅବସ୍ଥାରେ ରହି ମଧ୍ୟ ଅସହାୟ ବ୍ୟକ୍ତିଙ୍କୁ ସାହାଯ୍ୟ କରୁଥିବା ଏକ ନିଆରା ମଣିଷ ହେଲେ ତ୍ରିନାଥ ସେଠୀ(୫୦)। ପେସା ତାଙ୍କର ଲଣ୍ଡ୍ରିରେ ପୋଷାକ ଆଇରନ କରି ପରିବାର ପ୍ରତିପୋଷଣ ସାଙ୍ଗକୁ ନିଶା ହେଲା ଅସହାୟ ବ୍ୟକ୍ତିଙ୍କୁ ସାହାଯ୍ୟ କରିବା। ଏଭଳି ନିଆରା ବ୍ୟକ୍ତି ତ୍ରିନାଥଙ୍କ ଘର ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ କାଶିପୁର ଗ୍ରାମରେ। ବାପାଙ୍କ ମୃତ୍ୟୁ ପରେ ତ୍ରିନାଥ ତାଙ୍କ କୌଳିକ ବୃତ୍ତିକୁ ଦୀର୍ଘ ୧୦ ବର୍ଷ ହେଲା ଆପଣାଇ ନେଇଛନ୍ତି। ନିରାକାରପୁର ରେଳ ଷ୍ଟେଶନ ପାଖରେ ଏକ ବରଗଛ ତଳେ ପଲିଥିନ ବାନ୍ଧି ଲୋକଙ୍କ ପୋଷାକ ଆଇରନରୁ ଯାହା ମିଳେ ସେଥିରେ ପରିବାର ପ୍ରତିପୋଷଣ କରୁଛନ୍ତି। ତ୍ରିନାଥ ଠିକ୍‌ରେ କଥାବାର୍ତ୍ତା କରି ପାରନ୍ତିନି। ଦୀର୍ଘମାସ ହେଲା ଜଣେ ଅଣଓଡ଼ିଆ ମାନସିକ ବିକାରଗ୍ରସ୍ତ ରୋଗୀ ହାତରେ ଆଟାଚ ଓ କାନ୍ଧରେ ଏକ ବ୍ୟାଗ୍ ଓହଳାଇ ଅସହାୟ ଅବସ୍ଥାରେ ଘୂରି ବୁଲୁଥିଲେ। ତ୍ରିନାଥ ତାଙ୍କୁ ପାଖରେ ରଖି ଭରଣପୋଷଣ ମଧ୍ୟ କରୁଛନ୍ତି। ସେ ମଧ୍ୟ କେଉଁ ଆଡେ ନ ଯାଇ ତ୍ରିନାଥଙ୍କ ଲଣ୍ଡ୍ରି ଦୋକାନ ପାଖରେ ବସି ରହୁଛନ୍ତି। ଏ ନେଇ ତ୍ରିନାଥଙ୍କୁ ପଚାରିବାରେ ଆଗଭଳି ଏବେ ଆଉ ଲଣ୍ଡ୍ରିରୁ ରୋଜଗାର ହେଉନି ତଥାପି ବଞ୍ଚିବା ପାଇଁ ଚଳାଇବାକୁ ପଡୁଛି। ବାରମ୍ବାର ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଙ୍କୁ କିଛି ଖାଇବାକୁ ଦିଅ ବୋଲି ଆସୁଥିବା ଲୋକଙ୍କୁ କହୁଛି। ଏଣୁ ଏହି ଅସହାୟ ବ୍ୟକ୍ତିଙ୍କୁ ସାହାଯ୍ୟ ସହଯୋଗ ନ କଲେ ଶୀତ କାକରରେ ପଡି ଜୀବନ ଯିବାର ସମ୍ଭାବନା ରହିଛି।

## ■ ମେଶିନ ଗର୍ଜନରେ ଗ୍ରାମବାସୀ ରାତି ଉଜାଗର
# କେବୁଲ ପୋତିବା ପାଇଁ ଖୋଳାଯାଉଛି କଂକ୍ରିଟ ରାସ୍ତା

ନିରାକାରପୁର,୧୮।୧୧(ଡି. ଏନ. ଏ.)

ବିଭିନ୍ନ ବେସରକାରୀ ସଂସ୍ଥା ଗାଁ ଗହଳରେ କେବୁଲ ବିଛାଇବା କାମ କରୁଛନ୍ତି। ଗାଁ ଗହଳିରେ ଥିବା ଅଣଓସାରିଆଠାରୁ ଆରମ୍ଭ କରି ଓସାରିଆ ବଡ ରାସ୍ତାରୁ କଂକ୍ରିଟ ଖୋଳାଯାଉଛି। କଂକ୍ରିଟ ଖଣ୍ଡ ଗୁଡିକ ରାସ୍ତାରେ ପକାଇ ଦିଆଯାଉଛି। ଫଳରେ ଲୋକେ ଯାତାୟାତରେ ଅସୁବିଧା ହେବା ସହ ଟ୍ରାଫିକ ସମସ୍ୟା ଉପୁଜୁଛି। ଏଭଳି ଏକ ଘଟଣା ଶନିବାର ରାତିରେ ନିରାକାରପୁରରୁ ଭୂଷଣ୍ଡପୁର ଯାଇଥିବା ଆରଡି କଂକ୍ରିଟ ରାସ୍ତାକୁ ବିଭିନ୍ନ ସ୍ଥାନରେ ଡ୍ରିଲ ମେଶିନ ସାହାଯ୍ୟରେ ଠିକାଦାର ଶ୍ରମିକମାନଙ୍କୁ ନିୟୋଜିତ କରି ଖୋଳୁଥିଲେ। ବେଆଇନ ଭାବେ ଏହି ରାସ୍ତା ଖୋଳା ଯାଉଥିବାରୁ କେଉଁଠାରେ କାଳେ ବିରୋଧ କରାଯିବ ସେଥିପାଇଁ ଠିକାଦାର ରାତିରେ ଅଧିକ ଲୋକ ନେଇ ନୂଆ କଂକ୍ରିଟ ରାସ୍ତା ମେଶିନ ସାହାଯ୍ୟରେ ଲଗାଇ ଖୋଳି ନଷ୍ଟ କରି ଦେଉଛନ୍ତି। ରାତିରେ ଭାଇବ୍ରେଟ ଓ ଡ୍ରିଲ୍ ମେଶିନ ଲାଗିବା ଦ୍ୱାରା ହୃଦ୍‌ରୋଗୀ, ବୃଦ୍ଧାବୃଦ୍ଧ ଓ ଛୋଟ ଛୁଆମାନେ ଶୋଇବାରେ ଅସୁବିଧା ହେଉଛି। ଠିକାଦାରମାନେ ଚତୁରତାର ସହ ଦିନ ଅପେକ୍ଷା ରାତିରେ କାମ କରିବାକୁ ଅଧିକ ପସନ୍ଦ କରୁଛନ୍ତି। ଏ ସଂକ୍ରାନ୍ତରେ ନିରାକାରପୁର ଆରଡି କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ଷେଣ୍ଢଙ୍କୁ ପଚାରିବାରେ ସେମାନେ ଏ ରାସ୍ତାକୁ ବିନା ଅନୁମତିରେ ଖୋଳିପାରିବେ ନାହିଁ। ଯଦି ଖୋଳିଛନ୍ତି ତେବେ ସେମାନଙ୍କ ନାମରେ ଏତଲା ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି।


କଂକ୍ରିଟ ରାସ୍ତା ଖୋଳାଯାଇଛି।

### ଡ୍ରେନ୍ ସମ୍ପ୍ରସାରଣ ପାଇଁ ନକ୍ସା ପ୍ରସ୍ତୁତ
## ଅନୁଦାନ ଆସିଲେ ଜମି ଅଧିଗ୍ରହଣ ହେବ

ଭୁବନେଶ୍ୱର, ୧୮।୧୧(ବ୍ୟୁରୋ):

ଅସରାଏ ବର୍ଷା ହେଲେ ରାଜଧାନୀ ହୋଇଯାଏ ଜଳମଗ୍ନ। ଜଳ ନିଷ୍କାସନର ସୁବ୍ୟବସ୍ଥା ନ ଥିବାରୁ ପ୍ରତିବର୍ଷ ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି ରାଜଧାନୀବାସୀ। ତେବେ ଏହି ସମସ୍ୟାକୁ ଦୂର କରିବା ଲାଗି ବିଏମ୍‌ସି ପକ୍ଷରୁ 'ଡ୍ରେନ୍ ବିକାଶ ଯୋଜନା' ଆରମ୍ଭ କରାଯାଇଛି। ଏହି ଯୋଜନାରେ ସହର ମଧ୍ୟ ଦେଇ ଗଙ୍ଗୁଆ ନାଳରେ ମିଶିଥିବା ୧୩ ପ୍ରାକୃତିକ ନାଳର ବିକାଶକୁ ଗୁରୁତ୍ୱ ଦିଆଯାଇଛି। ଏନେଇ ବିଏମ୍‌ସି ଡ୍ରେନେଜ୍ ଡିଭିଜନ୍ ପକ୍ଷରୁ ବ୍ଲୁ-ପ୍ରିଣ୍ଟ ମଧ୍ୟ ପ୍ରସ୍ତୁତ ହୋଇସାରିଛି। ଯୋଜନା ବର୍ତ୍ତମାନ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରାଯୁକ୍ତିକ ସମୀକ୍ଷା ଅଧୀନରେ ରହିଛି। ପ୍ରସ୍ତାବ ମଞ୍ଜୁର ହୋଇ ଅନୁଦାନ ଆସିବା କ୍ଷଣି ବିଏମ୍‌ସି ଡ୍ରେନ୍‌ର ବିକାଶ ପାଇଁ ଆବଶ୍ୟକ ଘରୋଇ ଜମି ଅଧିଗ୍ରହଣ କରିବ ବୋଲି ସୋମବାର ପ୍ରକାଶିତ ଏକ ପ୍ରେସ୍ ବିବୃତିରୁ ଜଣାପଡ଼ିଛି।

ସୂଚନାନୁଯାୟୀ, ମୋଟ ୬୧.୪୩୮ ଏକର ଜମିକୁ ବିଏମ୍‌ସି ଡ୍ରେନ୍ ସମ୍ପ୍ରସାରଣ ପାଇଁ ଅଧିଗ୍ରହଣ କରିବ, ଯାହା ସହରର ୧୩ ପ୍ରାକୃତିକ ନାଳଗୁଡ଼ିକୁ ଆହୁରି ପ୍ରଶସ୍ତ କରିବ। ଫଳରେ ବର୍ଷାଜଳ ଓ ଦୈନିକ ନିଷ୍କାସିତ ହେଉଥିବା ବର୍ଜ୍ୟ ସହଜରେ ଗଙ୍ଗୁଆରେ ମିଶିପାରିବ। ଏନେଇ ବିଏମ୍‌ସି ୭୫୩କୋଟି ବ୍ୟୟବରାଦ ରଖିଥିବାବେଳେ ମୋଟ ୬୫.୬୨୧ କିଲୋମିଟର ରାସ୍ତାରେ ଏହି ଜମି ଅଧିଗ୍ରହଣ କରାଯିବ। ତେବେ ଟ୍ରାନ୍ସଫରେବଲ ଡେଭଲପ୍‌ମେଣ୍ଟ ରାଇଟ୍‌ସ (ଟିଡିଆର୍) ଆକ୍ଟ-୨୦୧୫ କିମ୍ବା ସିଧାସଳଖ କ୍ରୟ ପ୍ରକ୍ରିୟା ଦେଇ ଜମି ଅଧିଗ୍ରହଣ ସମ୍ଭବ ବୋଲି ବିଏମ୍‌ସି କହିଛି। ପ୍ରସ୍ତାବ ମଞ୍ଜୁର ହୋଇ ଅନୁଦାନ ଆସିବାମାତ୍ରେ କର୍ତ୍ତୃପକ୍ଷ ଜମି ଅଧିଗ୍ରହଣ କରି କାର୍ଯ୍ୟ ଆରମ୍ଭ କରିବେ ବୋଲି ପ୍ରେସ୍ ବିବୃତିରେ ପ୍ରକାଶ ପାଇଛି।

## ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ

ନିରାକାରପୁର,୧୮।୧୧(ଡି.ଏନ୍.ଏ.): ସୋମବାର ସନ୍ଧ୍ୟାରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଡପୋଖରୀଆ ପଞ୍ଚାୟତ ବୋଡଙ୍ଗରା-ଗୋପୀନାଥପୁର ସାହିର ଦାଶରଥି ମାଝି (୫୦)। ଦାଶରଥି ସନ୍ଧ୍ୟା ସାଢେ ୬ଟା ବେଳେ ଏକ ଘରୋଇ କମ୍ପାନୀକୁ କାର୍ଯ୍ୟ କରିବାକୁ ସାଇକେଲରେ ଯାଉଥିଲେ। ବୋଡଙ୍ଗରା ଗାଁ ମୁଣ୍ଡରେ ଏକ ଜଙ୍ଗଲୀ ହାତୀ ହଠାତ୍ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିବା ଗ୍ରାମବାସୀଙ୍କ ସୂତ୍ରରୁ ପ୍ରକାଶ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଟାଙ୍ଗୀ ବନ କର୍ମଚାରୀ ପହଞ୍ଚି ତାଙ୍କୁ ଖୋର୍ଦ୍ଧା ଜିଲା ଚିକିତ୍ସାଳୟକୁ ନେଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଶତାବ୍ଦୀ ପକ୍ଷରୁ ଶିଶୁ ମହୋତ୍ସବ ଉଦ୍‌ଯାପିତ

ଝାଁଳା,୧୮।୧୧(ଡି.ଏନ୍.ଏ)

ଭୁବନେଶ୍ୱର ଉପକଣ୍ଠ କେ- ୪ସ୍ଥିତ ଶତାବ୍ଦୀ ମହିଳା ସଙ୍ଗଠନ ପକ୍ଷରୁ ଶିଶୁ ମହୋତ୍ସବ ୫ ଦିନ ଧରି ପାଳିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦିକା ମମତା ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଦ୍‌ଯାପନ ଦିବସରେ ସୋମବାର ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଶିଶୁ ସୁରକ୍ଷା, ରାଜ୍ୟ ସଂଯୋଜକ ସତ୍ୟନାରାୟଣ ବିଶ୍ୱାଳ, ଲେଖିକା ଓ ସାମାଜିକ କର୍ମୀ ଡ. ସୁଷମା ମିଶ୍ର, ପିପୁଲସ ଫୋରମର ପ୍ରତିଷ୍ଠାତା ଗୋବିନ୍ଦ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେଥିମଧ୍ୟରୁ 'ଆମ ଘର'ର ପ୍ରତିଯୋଗୀ ଟିନା, ଟୁକୁ ଏବଂ ମମତା ଟୁଡୁ, ସ୍ୱୟମ ଏବଂ ଝାଁଳା କୃଷ୍ଣଚନ୍ଦ୍ର ସରକାରୀ ବିଦ୍ୟାପୀଠର ଷଷ୍ଠ ଶ୍ରେଣୀର ଛାତ୍ର ବି.କେ. ବଦ୍ରିନାଥ ଓ ସରସ୍ୱତୀ ଶିଶୁ ମନ୍ଦିର ଅଷ୍ଟମ ଶ୍ରେଣୀର ଛାତ୍ରୀ ସୁଶ୍ରୀ ସଙ୍ଗୀତା ସ୍ୱାଇଁଙ୍କୁ ପୁରସ୍କୃତ କରାଯାଇଥିଲା। ସଙ୍ଗଠନର ସଦସ୍ୟାମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।



କୃତୀ ପିଲାମାନେ।

## ■ ଫନୀ ଘରଭଙ୍ଗା ସହାୟତା ତାଲିକା
# ପୃଷ୍ଠା ଓଲଟାଇଲେ ଅଡୁଆ ବଢୁଛି

ପୁରୀ ଅଫିସ, ୧୮।୧୧:

ଫନୀ ଘରଭଙ୍ଗା ସହାୟତାକୁ ନେଇ ଅଡୁଆ ତୁଟୁନି। ବରଂ ଦିନ ଯେତେ ଗଡୁଛି ଜିଲା ପ୍ରଶାସନ ପାଇଁ ଚିନ୍ତା ସେତିକି ବଢୁଛି। ହିତାଧିକାରୀ ଚୟନରେ ସାମିଲ ଅଧିକାରୀ ଏବଂ ରାଜସ୍ୱ କର୍ମଚାରୀଙ୍କ ଅନିୟମିତତା ପ୍ରଶାସନକୁ ହରଡ଼ଘଣାରେ ପକାଇଛି। ଘରଭଙ୍ଗା ସହାୟତା ତାଲିକା ଖୋଲିଲେ ଦୁର୍ନୀତିର ଗନ୍ଧ ବାରି ହୋଇପଡୁଛି। ବହୁ ଥିଲାବାଲା ଲୋକେ ସହାୟତା ହାତେଇଥିବାବେଳେ ଅନେକ ଯୋଗ୍ୟ ତଥା ଗରିବ ହିତାଧିକାରୀଙ୍କ ନାଁ ନାହିଁ। ବହୁ ଜନପ୍ରତିନିଧି ଓ ସେମାନଙ୍କ ସମ୍ପର୍କୀୟ ଚଞ୍ଚକତା କରିଥିବାରୁ ଏହାକୁ ନେଇ କ୍ଷତିଗ୍ରସ୍ତଙ୍କ ମଧ୍ୟରେ ଅସନ୍ତୋଷ ତେଜୁଛି। ଫଳରେ ପ୍ରଶାସନ ପାଖରେ ଅଭିଯୋଗ ତାଲିକା ଲମ୍ବିବାରେ ଲାଗିଛି। ପ୍ରତିଦିନ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଲୋକେ ଅଭିଯୋଗ କରୁଥିବାବେଳେ ପ୍ରତ୍ୟେକ ସୋମବାର ସୃଷ୍ଟି ହେଉଛି ଅଣାୟତ୍ତ ପରିସ୍ଥିତି। ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ସକାଳୁ ସଞ୍ଜ ଯାଏ ଲାଗୁଛି ଲମ୍ବା ଲାଇନ। ସୋମବାର ଏ ସଂକ୍ରାନ୍ତ ୬୨୦ଟି ଅଭିଯୋଗ ହୋଇଛି। ପ୍ରତିଦିନ ଏତେ ସଂଖ୍ୟକ ଅଭିଯୋଗ ଆସୁଛି ଯେ, ସେଗୁଡ଼ିକର ଯାଞ୍ଚ କିପରି ହେଉଥିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବାତ୍ୟାରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା ପୁରୀ ଜିଲା। ଏହି ଜିଲାର ପ୍ରାୟ ୧୧ଟି ବ୍ଲକ ପ୍ରଭାବିତ ହୋଇଥିଲା। ଘର କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କୁ ସହାୟତା ଦେବା ଲାଗି ସରକାର ଘୋଷଣା କରିଥିଲେ। ଏହାପରେ ସରକାରୀ କର୍ମଚାରୀମାନେ ଗାଁ ଗାଁ ବୁଲି ତାଲିକା ପ୍ରସ୍ତୁତ କରିଥିଲେ। ସମ୍ପୂର୍ଣ୍ଣ ଭଙ୍ଗା, ମାତ୍ରାଧିକ ଭଙ୍ଗା ଏବଂ ଆଂଶିକ ଭଙ୍ଗା ଏହିପରି ବର୍ଗୀକରଣ କରାଯାଇ ତାଲିକା ହୋଇଥିଲା। ତାଲିକା ଅନୁଯାୟୀ ଫନୀ ସହାୟତା ବଣ୍ଟାଯାଇଛି। ତେବେ ହିତାଧିକାରୀ ଚୟନରେ ଅନିୟମିତତା ହୋଇଛି। ତାଲିକାରେ ଗୋଟିଏ ପରିବାରରୁ ଏକାଧିକ ବ୍ୟକ୍ତିଙ୍କ ସମେତ ବଡବଡ଼ିଆ ଓ ଜନ ପ୍ରତିନିଧିଙ୍କ ନାଁ ରହିଛି। ଅନେକ ଲୋକଙ୍କର କୋଠାଘର ବାତ୍ୟାରେ କିଛି କ୍ଷତି ହୋଇ ନ ଥିଲେ ମଧ୍ୟ ସେମାନଙ୍କୁ ଫନୀ ସହାୟତା ମିଳିଛି। କିନ୍ତୁ ଅନେକ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତଙ୍କ ନାଁ ତାଲିକାରେ ନାହିଁ। ଏଥିଯୋଗୁ ଅସନ୍ତୋଷ ତେଜିବାରେ ଲାଗିଛି। ବଡ଼ବଡ଼ିଆ ଓ ଜନପ୍ରତିନିଧିଙ୍କ ସହ କେତେଜଣ ଅଧିକାରୀ ଓ କର୍ମଚାରୀ ସଲାସୁତୁରା କରି ଏଭଳି ତାଲିକା ପ୍ରସ୍ତୁତ କରିଥିବା ଅଭିଯୋଗ ହେଉଛି। ଏ ନେଇ ଏବେ ସବୁ ବ୍ଲକରେ ଅଡୁଆ ପରିସ୍ଥିତି ଉପୁଜିଲାଣି। ସଦର ବ୍ଲକର ଜଣେ ଜିଆର୍‌ଏସ୍‌ଙ୍କ ପରିବାରର ୬ଜଣ ଘରଭଙ୍ଗା ସହାୟତା ପାଇଥିବାବେଳେ ଜିଲାର ଜଣେ ବ୍ଲକ ଅଧକ୍ଷା ଫନୀ ସହାୟତା ହାତେଇଛନ୍ତି। ସମ୍ପୃକ୍ତ ଜିଆରଏସ୍‌ଙ୍କ ପରିବାରକୁ ଏକାଧିକ ସହାୟତା ମିଳିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି। ଜିଲାପାଳ ବଲୱନ୍ତ ସିଂ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଯଦି କେହି ଚଞ୍ଚକତା କରି ଟଙ୍କା ନେଇଥିବେ ସେମାନଙ୍କଠାରୁ ଫେରସ୍ତ ଅଣାଯିବ। ଏଥିରେ ସରକାରୀ ଅଧିକାରୀ କିମ୍ବା କର୍ମଚାରୀ ସାମିଲ ଥିଲେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି।

## ■ ତର୍କ ପ୍ରତିଯୋଗିତାରେ ରାଜ୍ୟରେ ତୃତୀୟ
# ନୀଳକଣ୍ଠ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ବେଗୁନିଆ,୧୮।୧୧(ଡି.ଏନ୍.ଏ)

ବେଗୁନିଆ ବ୍ଲକ ଅଞ୍ଚଳର ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ସୋମବାର ବିଭିନ୍ନ ମହଲରୁ ସ୍ୱାଗତ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା। କଣ୍ଟାବାଡ ଗ୍ରାମସ୍ଥିତ ନୀଳକଣ୍ଠ ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶୁଭଶ୍ରୀ ଶୁଭ ଦର୍ଶନୀଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ସନ୍ତୋଷ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ବସନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ଉନ୍ନୟନ କମିଟିର ସଦସ୍ୟ ବଂଶୀଧର ପାଣିଗ୍ରାହୀ ବକ୍ତା ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ମହାପାତ୍ର ଏବଂ ଶିକ୍ଷୟିତ୍ରୀ ଉମା ଦେଇ ଶୁଭଶ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉଦ୍ୟମ ହିଁ ସଫଳତାର ପାହାଚ ଚଢାଇଥାଏ। ଦୈନିକ ଆମେ ଯେତିକି ସମୟ ଜ୍ଞାନ ଅର୍ଜନ କରୁଛେ ତାହାକୁ ଠିକ୍ ମାର୍ଗରେ ଲଗାଇଲେ ସଫଳତା ହିଁ ନିଶ୍ଚୟ ମିଳିବ ବୋଲି କୃତିତ୍ୱ ହାସଲ କରିଥିବା ଶୁଭଶ୍ରୀ ସହପାଠିନୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସୂଚନାଥାଉ କି ଶନିବାର ଅନୁଷ୍ଠିତ ରାଜ୍ୟସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମରେ ତର୍କ ପ୍ରତିଯୋଗିତାରେ ଶୁଭଶ୍ରୀ ତୃତୀୟ ସ୍ଥାନ ହାସଲ କରି ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ବ୍ଲକ ଅଞ୍ଚଳ ପାଇଁ ଗୌରବ ଆଣିଥିବାରୁ ତାଙ୍କ ଶିକ୍ଷା ଅଧିକାରୀ, ଶିକ୍ଷାବିତ, ଅଭିଭାବକ ଏବଂ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା।


ତର୍କ ପ୍ରତିଯୋଗିତାରେ ରାଜ୍ୟରେ ତୃତୀୟ ସ୍ଥାନ ପାଇଥିବା ଶୁଭଶ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ■ ମୋ ସରକାର ପରେ ବି ରୁଜୁ ହେଉନି ଏତଲା
# ଅଭିଯୋଗ ନ ଥିବା କହି ଫାଙ୍କୁଛି ପୋଲିସ

ଖୋର୍ଦ୍ଧା ଅଫିସ,୧୮।୧୧:

ମୋ ସରକାର ଲାଗୁ ପରେ ବି ଖୋର୍ଦ୍ଧା ପୋଲିସ ଜିଲାର ବିଭିନ୍ନ ଥାନା ପୋଲିସ ଏତଲା ରୁଜୁ ନ କରିବା ଏକ ଅଭ୍ୟାସଗତ ଧାରାରେ ପରିଣତ ହୋଇଛି। ଏତଲା ରୁଜୁ କରୁ ନ ଥିବା ପୋଲିସ ଅଧିକାରୀଙ୍କ ବିରୋଧରେ କଡା ଆଇନ ରହିଥିଲେ ମଧ୍ୟ ସଚେତନତା ଅଭାବରୁ ବାଟବଣା ହୋଇଯାଉଛି। ଅଧିକାଂଶ ଘଟଣାରେ ପୋଲିସ ଏତଲା ନ ରଖି ଅଭିଯୋଗ ହୋଇ ନ ଥିବା ସଫେଇ ଦେଇ ଫାଙ୍କି ଚାଲିଛି। ଏସ୍‌ଡିପିଓ, ଏସ୍‌ପି, ଆଇଜି, ଡିଜିଙ୍କ ନିକଟରେ ଅଭିଯୋଗ ହେଲେ ମଧ୍ୟ ସୁଫଳ ମିଳୁନି। ବରଂ ଥାନା ଓ ଫାଣ୍ଡି ପୋଲିସର କଥା ସହ କଥା ମିଶାଇ ଉପରିସ୍ଥ ଅଧିକାରୀ, ପଦାଧିକାରୀମାନେ ଅଭିଯୋଗ ନ ଥିବା ଦର୍ଶାଇ ସହଯୋଗ କରି ଆସୁଛନ୍ତି। ଏଣୁ ଆଇନ ବାଟରେ ଆଇନ ରହୁଥିବାବେଳେ ସାଧାରଣ ଲୋକ ହନ୍ତସନ୍ତ ହେଉଛନ୍ତି। ପୋଲିସର ଏହି କାରନାମା ବହୁ ପୁରୁଣା। ଦିଲ୍ଲୀରେ ପାରା ମେଡିକାଲ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାରେ ପୋଲିସର ଅସଲ ମୁଖା ଖୋଲିଥିଲା। ଏହି ଘଟଣାର ମୂଳୋତ୍ପାଟନ ପାଇଁ ଏ ଉଦ୍ଦେଶ୍ୟରେ ଗଠିତ କମିଟିର ପରାମର୍ଶକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏତଲା ପ୍ରସଙ୍ଗକୁ ଗୁରୁତ୍ୱ ଦେଇଥିଲା। ଯେଉଁ ପୋଲିସ ଅଧିକାରୀ ଅନୁସନ୍ଧାନ ଯୋଗ୍ୟ ଅଭିଯୋଗ ପାଇବା ପରେ ଏତଲା ରୁଜୁ କରୁନାହାନ୍ତି ସେମାନଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋର୍ଡ ଦଫା ୧୬୬(ଏ)ରେ ମାମଲା ରୁଜୁ କରାଯିବ। ଏଥିରେ ଦୋଷୀ ସାବ୍ୟସ୍ତ ହେଲେ ସମ୍ପୃକ୍ତ ଅଫିସରଙ୍କୁ ବର୍ଷେ ପର୍ଯ୍ୟନ୍ତ ଜେଲ ଯିବାକୁ ପଡିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସବୁ ରାଜ୍ୟକୁ ନିର୍ଦ୍ଦେଶନାମା ପଠାଯାଇଛି। ରେଜିଷ୍ଟ୍ରୀ ପୋଷ୍ଟ ଦ୍ୱାରା ଅଭିଯୋଗ କଲେ ପୋଲିସ ଏତଲା ରୁଜୁ କରିବାକୁ ବାଧ୍ୟ ହେବ। ଏହାପରେ ଯଦିଓ ଏତଲାକୁ ପୋଲିସ ଅଣଦେଖା କଲା ଦଣ୍ଡ ପାଇବା ନିଶ୍ଚିତ ହୋଇଯିବ।

### ଅଭିଯୋଗ ପରେ ନାହିଁ କାର୍ଯ୍ୟାନୁଷ୍ଠାନ

ରାଉତପଡାର ଏକ ପରିବାର ୨ ଥର ଅଭିଯୋଗ କରିବା ପରେ ପୋଲିସର ପଦକ୍ଷେପ ନାହିଁ। ଅଭିଯୋଗ ଅନୁସାରେ ରାଉତପଡାର ଯୋଗୀନାଥ ଚଣ୍ଡ ଜଣେ ଡ୍ରାଇଭର। ସେ ଘରେ ନ ଥିବାବେଳେ ବ୍ରାହ୍ମଣପୁଟ ଗାଁର ଜଣେ ବ୍ୟକ୍ତି ରାଉତପଡା ଆସି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ସ୍ତ୍ରୀଙ୍କ ଚୁଟି ଭିଡି ଚାପୁଡା ମାରିଥିଲେ। ଯୋଗୀଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଯୋଗୀଙ୍କ ସ୍ତ୍ରୀ ଘଟଣା ସମ୍ପର୍କରେ ଅକ୍ଟୋବର ୧୫ରେ ବେଗୁନିଆ ଥାନାରେ ଅଭିଯୋଗ କରିଥିଲେ। ଯୋଗୀ ଘରକୁ ଫେରିବା ପରେ ଅକ୍ଟୋବର ୨୨ରେ ପୁଣି ଅନୁରୂପ ଅଭିଯୋଗ କଲେ। ନ୍ୟାୟ ନ ମିଳିବାରୁ ନଭେମ୍ବର ୨ରେ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତଥାପି ପୋଲିସ ତାଙ୍କ ଅଭିଯୋଗକୁ ଅଣଦେଖା କରୁଛି ବୋଲି ଯୋଗୀ ଅଭିଯୋଗ କରିଛନ୍ତି।

ଯେ ପର୍ଯ୍ୟନ୍ତ ନିଜ ଘରକୁ ଆଶ୍ରମ ବା ପବିତ୍ର ସ୍ଥାନ ବୋଲି ଭାବି ନାହଁ, ସେ ପର୍ଯ୍ୟନ୍ତ କାମ ବିକାର ଲାଗି ରହିଥିବ।
-ପ୍ରଜାପିତା ବ୍ରହ୍ମାକୁମାରୀ



## ସଂକ୍ଷେପରେ

### ଖରିଫ ଧାନ ସଂଗ୍ରହ ପାଇଁ ପ୍ରଶିକ୍ଷଣ

ସାକ୍ଷୀଗୋପାଳ,୧୮।୧୧(ଡି.ଏନ୍.ଏ.): ଚଳିତ ଖରିଫ ଧାନ ସଂଗ୍ରହ ସମୟରେ କିପରି ଧାନ ମାନ ନିର୍ଦ୍ଧାରଣ କରାଯିବ ସେନେଇ ପ୍ରଶିକ୍ଷଣ ଶିବିର ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। କଣାସ ଓ ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ସେବା ସମବାୟ ସମିତିର ସମ୍ପାଦକ ଓ ଡାଟାଏଣ୍ଟ୍ରି ଅପରେଟରମାନେ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ପୁରୀ ଜିଲା ସମବାୟ ଉପନିବନ୍ଧକ ପ୍ରଶାନ୍ତ କୁମାର ସାହୁ, ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ କମଳ କୁମାର ଆଚାର୍ଯ୍ୟ, ଡେଲାଙ୍ଗ ବ୍ଲକ ଯୋଗାଣ ନିରୀକ୍ଷକ ଲିପ୍‌ସା ରାଣୀ ରାଉତ, ପ୍ରଶିକ୍ଷକ ସୁଦର୍ଶନ ପତି, ମାନ ନିର୍ଦ୍ଧାରକ ଦିପ୍ତୀ ବଳ ପ୍ରମୁଖ ଧାନ ସଂଗ୍ରହ ସମୟରେ କେଉଁ କେଉଁ ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡିବ ବୁଝାଇଥିଲେ। ନିୟନ୍ତ୍ରିତ ବଜାର କମିଟି ଆକାଉଣ୍ଟାଟ୍ ଜଗତ ଜ୍ୟୋତି ସାହୁ, ମାର୍କେଟ ସରକାର ସୁରେନ୍ଦ୍ର ଚରଣ ଦତ୍ତ ଓ ଦୁଶାସନ ସ୍ୱାଇଁ ଉପସ୍ଥିତ ଥିଲେ।

### ଭଲିବଲ୍ ଟୁର୍ଣ୍ଣାମେଣ୍ଟ: ମା' କୁଞ୍ଜେଶ୍ୱରୀ ଟିମ୍ ଚାମ୍ପିୟନ

କଣାସ, ୧୮।୧୧(ସ୍ୱ.ପ୍ର.): କଣାସ ବ୍ଲକ ଅନ୍ତର୍ଗତ ବକୁ ପଞ୍ଚାୟତର ନନ୍ଦପୁର ଗ୍ରାମରେ ମା' ଉଗ୍ରତାରା କ୍ରୀଡ଼ା ସଙ୍ଗଠନ ପକ୍ଷରୁ ରବିବାର ଦିବାରାତ୍ର ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଣାସର ମା' କୁଞ୍ଜେଶ୍ୱରୀ ଭଲିବଲ୍ ଟିମ୍ ଚାମ୍ପିୟନ୍ ହୋଇଛି। କଣାସ, ଅଞ୍ଜିରା, ନନ୍ଦପୁର, ଖୁଣ୍ଟିଆ ବାଣପୁର, ରାୟପୁର ଭଲିବଲ୍ ଦଳ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିଲେ। କଣାସର ମା' କୁଞ୍ଜେଶ୍ୱରୀ ଟିମ୍ ଓ ରାୟପୁର ଟିମ୍ ମଧ୍ୟରେ ଫାଇନାଲ୍ ମ୍ୟାଚ ହୋଇଥିଲା। ମା' କୁଞ୍ଜେଶ୍ୱରୀ ଟିମ୍ ୨-୦ରେ ରାୟପୁରକୁ ହରାଇ ଚାମ୍ପିୟନ୍ ହୋଇଥିଲା। କ୍ରୀଡ଼ା ଶିକ୍ଷକ ଅଭିନାଶ ପଟ୍ଟନାୟକ ଓ ପ୍ରତାପ କୁମାର ମାଝି ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଶିକ୍ଷାବିତ୍ ଭୁବନେଶ୍ୱର ରଣସିଂହ, ବକୁ ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ଜଗଦେବ, ଶାନ୍ତନୁ ସୁନ୍ଦରାରାୟ, ଅଜୟ କୁମାର ସେଠୀ ଅତିଥି ଭାବେ ଯୋଗଦେଇ ବିଜେତା ଦଳକୁ ଟ୍ରଫି ଏବଂ ଉପବିଜେତା ଦଳକୁ ରନର୍ସ କପ୍ ପ୍ରଦାନ କରିଥିଲେ।

### ଗ୍ରାମ୍ୟ କୋଠ ପରିଚାଳନା କମିଟି ପୁନଃଗଠିତ

କଣାସ, ୧୮।୧୧(ସ୍ୱ.ପ୍ର.): କଣାସ ବ୍ଲକ ଅନ୍ତର୍ଗତ ତ୍ରିଲୋଚନପୁର ଗ୍ରାମ୍ୟ କୋଠ ପରିଚାଳନା କମିଟିର ମାସିକ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟିର ସ୍ଥାୟୀ ସଭାପତି ପତିତପାବନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ପରିଚାଳନା କମିଟିର ପୁନଃଗଠନ କରାଯାଇଛି। ଶରତ ଚନ୍ଦ୍ର ଆଚାର୍ଯ୍ୟଙ୍କୁ ସଭାପତି ଓ ପତିତପାବନ ପାଣିଙ୍କୁ ସମ୍ପାଦକ ଭାବେ ସର୍ବସମ୍ମତ କ୍ରମେ ମନୋନୀତ କରାଯାଇଛି। ରମେଶ ଚନ୍ଦ୍ର ରଥ, ଦିଲୀପ କୁମାର ଦାସ, ନିରଞ୍ଜନ ଆଚାର୍ଯ୍ୟ, ସୁରେଶ ଚନ୍ଦ୍ର ଦାସ ଓ ପ୍ରଭାକର ଆଚାର୍ଯ୍ୟ ପ୍ରମୁଖ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ବୈଠକରେ ଗ୍ରାମର ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ସାମାଜିକ କର୍ମୀ ପ୍ରଭାତ କିଶୋର ଦାଶ, ପ୍ରସନ୍ନ କୁମାର ତ୍ରିପାଠୀ, ରଘୁନାଥ ଆଚାର୍ଯ୍ୟ, ପ୍ରଦ୍ୟୁମ୍ନ ଆଚାର୍ଯ୍ୟ, ହରିହର ରଥ, ରବି ନାରାୟଣ ଆଚାର୍ଯ୍ୟ, ସୁରେଶ୍ କୁମାର ତ୍ରିପାଠୀ, ହରିହର ଦାଶ, ମଧୁସୂଦନ ପାଣି ଏବଂ ରଘୁନାଥ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

### ସାମାଜିକ କର୍ମୀଙ୍କ ପରଲୋକ

ନିମାପଡ଼ା,୧୮।୧୧(ଡି.ଏନ୍.ଏ.): ନିମାପଡ଼ା ଥାନା ଅନ୍ତର୍ଗତ ଗୋପୀନାଥପାଟଣା ଗ୍ରାମର ସାମାଜିକ କର୍ମୀ ତଥା ବିଜେଡି ଯୁବନେତା ଜୟଚନ୍ଦ୍ର ସାହୁ (୫୯)ଙ୍କ ସୋମବାର ସକାଳେ ପରଲୋକ ଘଟିଛି। ତାଙ୍କ ମୃତଦେହକୁ ନୂତନ ବସଷ୍ଟାଣ୍ଡ ଛକଠାରୁ ହାଟଛକ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା। ଏଥିରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସୁଧୀର ରଞ୍ଜନ ଦାଶ, ଜୀବନାନନ୍ଦ ମହାପାତ୍ର, ସନ୍ତୋଷ ଓଝା, ସନ୍ତୋଷ ଦାଶ, ସନାତନ ପ୍ରଧାନ, ପଦ୍ମଚରଣ ସାହୁଙ୍କ ସମେତ ବହୁ ବ୍ୟକ୍ତି ସାମିଲ ହୋଇଥିଲେ। ଏଥିସହ ନିମାପଡ଼ା ବଜାରର ଦୋକାନ ବନ୍ଦ ରହିଥିଲା। ମନ୍ତ୍ରୀ ଦାଶ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

■ ପୁରୀ ସହରକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ଅଭିଯାନ

# ଆଜିଠୁ ଆବର୍ଜନା ସଂଗ୍ରହ କରିବ ୨୦ ଗାଡ଼ି

ପୁରୀ ଅଫିସ,୧୮।୧୧:

ପର୍ଯ୍ୟଟନ ସହର ପୁରୀକୁ ପ୍ରତ୍ୟହ ଦେଶ ବିଦେଶର ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁ ଆସୁଛନ୍ତି। ତେଣୁ ସହରକୁ ଆହୁରି ସ୍ୱଚ୍ଛ ଓ ପରିଷ୍କାର ରଖିବା ଲାଗି ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ପୂର୍ବରୁ ପୁରୀ ପୌରସଂସ୍ଥା ତା'ର ଏହି ସ୍ୱଚ୍ଛତା ଅଭିଯାନରେ ୫ଟି ଗାଡ଼ିକୁ ସାମିଲ କରିଥିଲା। ଗତ ୭ତାରିଖଠାରୁ ଏହି ୫ଟି ଗାଡ଼ିରେ ୬ଟି ୱାର୍ଡରୁ ଘରକୁ ଘର ବୁଲି ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଉଛି। ଏବେ ଆଉପାଦେ ଆଗକୁ ବଢିଛି ପୌରସଂସ୍ଥା। ସୋମବାର ଆହୁରି ୧୫ଟି ଗାଡ଼ି ଏଥିରେ ସାମିଲ କରାଯାଇଛି। ମଙ୍ଗଳବାରଠାରୁ ୨୦ଟି ଗାଡ଼ି ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ବୁଲି ଅଳିଆ ସଂଗ୍ରହ କରିବ। ଏହି ଅଭିଯାନକୁ ତ୍ୱରାନ୍ୱିତ କରିବା ଲାଗି ସୋମବାର ଟାଉନ ହଲ୍ ପରିସରରେ ଜିଲାପାଳ ବଲୱନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରୀ ସହରକୁ କିପରି ସ୍ୱଚ୍ଛ ଓ ନିର୍ମଳ ରଖାଯିବ ସେ ଦିଗରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। ଏହି ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶାଳ ସିଂ, ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ଟାଉନ୍‌ହଲ୍ ପରିସରରେ ଆୟୋଜିତ ବୈଠକରେ ଜିଲାପାଳ ସୂଚନା ଦେଉଛନ୍ତି।

ବୈଠକରେ ହୋଇଥିବା ଆଲୋଚନା ଅନୁଯାୟୀ, ପୌରସଂସ୍ଥା ଅଧୀନ ପ୍ରାୟ ୪୮,୦୦୦ ପରିବାର ପାଖରୁ ପୃଥକୀକୃତ ଓଦା ଏବଂ ଶୁଖିଲା ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ୪୮ଟି ଟାଟା ଏସ୍ ଗାଡ଼ି ଅଣାଯିବାର ଯୋଜନା ରହିଛି। ଏହି ଗାଡ଼ିରେ ଓଦା ଓ ଶୁଖିଲା ବର୍ଜ୍ୟବସ୍ତୁ ରଖିବା ପାଇଁ ଦୁଇଟି ପୃଥକ୍ ସ୍ଥାନର ବ୍ୟବସ୍ଥା କରାଯାଇଛି। ଗୋଟିଏ ଗାଡ଼ି ପ୍ରତ୍ୟହ ୧,୦୦୦ ପରିବାରରୁ ବର୍ଜ୍ୟବସ୍ତୁ ସଂଗ୍ରହ କରିବ। ଏହି ଗାଡ଼ି ଯେତେବେଳେ ସେମାନଙ୍କ ଲେନ୍‌ରେ ଦେଇ ଯିବ ସେତେବେଳେ ବର୍ଜ୍ୟବସ୍ତୁ ଦେବା ପାଇଁ ସଫେଇ କର୍ମଚାରୀ ଓ ସ୍ୱଚ୍ଛ ସାଥୀ ଲୋକଙ୍କୁ ସଚେତନ କରିବେ। ଲୋକେ ତାଙ୍କ ଘରୁ ପ୍ରତ୍ୟହ ବାହାରୁଥିବା ବର୍ଜ୍ୟବସ୍ତୁକୁ ଓଦା ଓ ଶୁଖିଲା ଏମିତି ଅଲଗା କରି ରଖି ଗାଡ଼ିରେ ଦେବେ। ପରବର୍ତ୍ତୀ ସମୟରେ ଏହି ବର୍ଜ୍ୟବସ୍ତୁ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ଓ ମ୍ୟାଟେରିଆଲ ରିକଭରି ଫାସିଲିଟି ସେଣ୍ଟରକୁ ଯିବ। ପ୍ରଥମ ପର୍ଯ୍ୟାୟରେ ୫ଟି ଗାଡ଼ି କାମ ଆରମ୍ଭ କରିଥିବାବେଳେ ମଙ୍ଗଳବାରଠାରୁ ୨୦ଟି ଗାଡ଼ି ବୁଲିବ। ପରବର୍ତ୍ତୀ ସମୟରେ ଆହୁରି ୨୮ଟି ଗାଡ଼ି ଏହି ଅଭିଯାନରେ ସାମିଲ ହେବ। ତେବେ ସ୍ୱଚ୍ଛ ସାଥୀମାନେ ଜନସାଧାରଣଙ୍କୁ ସଚେତନ କଲାବେଳେ କାହାର କ'ଣ ପ୍ରତିକ୍ରିୟା ରହୁଛି ତାହା ସଂଗ୍ରହ କରିବାକୁ ସେମାନଙ୍କୁ ପରାମର୍ଶ ଦିଆଯାଇଛି।

ଏ ସମ୍ପର୍କରେ ଜିଲାପାଳ କହିଛନ୍ତି, ପ୍ରତ୍ୟେକ ଘର ସମ୍ମୁଖରେ କ୍ୟୁଆର୍ କୋଡ୍ ଲଗାଯିବା ପାଇଁ ଯୋଜନା କରାଯାଉଛି। ଯେଉଁମାନେ ଆବର୍ଜନା ଦେବେ ତାଙ୍କ କ୍ୟୁଆର୍ କୋଡ୍ ରିଡିଂ କରିବେ ସମ୍ପୃକ୍ତ କର୍ମଚାରୀ। ସନ୍ଧ୍ୟାରେ ରିପୋର୍ଟ ବାହାରିବ। ଏହାଦ୍ୱାରା କେଉଁ ଘରୁ ବା ଦୋକାନରୁ ଆବର୍ଜନା ଆସିଲା ଏବଂ କେଉଁମାନେ ଦେଇନାହାନ୍ତି ତାହା ଜଣାପଡ଼ିବ। ଆବର୍ଜନା ସଂଗ୍ରହ କରୁଥିବା ଗାଡ଼ିରେ ଜିପିଆରଏସ୍ ଲଗାଯାଇ ତା'ର ଗତିବିଧି ଉପରେ ନଜର ରଖାଯିବ। ଅନ୍ୟପକ୍ଷରେ ପୁରୀ ପୌରସଂସ୍ଥା ଅଞ୍ଚଳରେ ୧୧ଟି ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର କରାଯିବ। ଏଠାରେ ମାଟିରେ ମିଶୁଥିବା ଆବର୍ଜନାରୁ ଖତ ପ୍ରସ୍ତୁତ କରାଯିବ। ସେହିପରି ପ୍ଲାଷ୍ଟିକ ଏବଂ ଅନ୍ୟାନ୍ୟ ସାମଗ୍ରୀକୁ ସିମେଣ୍ଟ ଫ୍ୟାକ୍ଟ୍ରି କିମ୍ବା ରାସ୍ତା କାମରେ ବ୍ୟବହାର ପାଇଁ ବିକ୍ରି କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

■ ଜିଲା ପରିଷଦ ଷ୍ଟାଣ୍ଡିଂ କମିଟିର ସ୍କୁଲ ପରିଦର୍ଶନ

# ମଧ୍ୟାହ୍ନଭୋଜନ ମାନ ନେଇ ଅସନ୍ତୋଷ

ଗୋପ,୧୮।୧୧(ଡି.ଏନ.ଏ.)

ଗୋପ ବ୍ଲକ ଅଧୀନ ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଧ୍ରୁବଚରଣ ଦାସଙ୍କ ନିର୍ଦ୍ଦେଶରେ ଏକ ୭ ଜଣିଆ ପ୍ରତିନିଧି ଦଳ ସୋମବାର ଗୋପ ବ୍ଲକର ୧୦ଟି ସ୍କୁଲ ପରିଦର୍ଶନ କରିଛନ୍ତି। ଏହି ଗସ୍ତବେଳେ କେତେକ ସ୍କୁଲରେ ଭିତ୍ତିଭୂମି ବୁଲି ଦେଖିବା ସହ ମଧ୍ୟାହ୍ନ ଭୋଜନ ଖାଇଥିଲେ। ମାତ୍ର ଅଧିକାଂଶ ବିଦ୍ୟାଳୟରେ ଅସ୍ୱାସ୍ଥ୍ୟକର ପରିବେଶରେ ମଧ୍ୟାହ୍ନଭୋଜନ ରନ୍ଧାଯିବା ସହ ଏହି ଖାଦ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବା ଓ ବିଦ୍ୟାଳୟ ପରିସର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଇ ନ ଥିବାବେଳେ ଭିତ୍ତିଭୂମି ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ଏ ନେଇ ଷ୍ଟାଣ୍ଡିଂ କମିଟି ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଗଣମାଧ୍ୟମକୁ ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ, ଏହି ୭ ଜଣିଆ ଷ୍ଟାଣ୍ଡିଂ କମିଟି ପ୍ରତିନିଧି ଦଳ ଏହି ବ୍ଲକ୍‌ର ଗଣେଶ୍ୱରପୁର ଉଚ୍ଚ ବିଦ୍ୟାଳୟ, ବନ୍ତଳୀଗ୍ରାମ ନୋଡାଲ ଉଚ୍ଚ ବିଦ୍ୟାଳୟ, ନିଗମାନନ୍ଦ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, କୋଣାର୍କ ସରକାରୀ ଉଚ୍ଚ ବିଦ୍ୟାଳୟ, ହରିଶ୍ଚନ୍ଦ୍ର ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ଛଇତନା, କବିରାଜପୁର ପ୍ରାଥମିକ ବିଦ୍ୟାଳୟ, ସାରଡ଼ା ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମହାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବୁଲି ଦେଖିଥିଲେ। ବନ୍ତଳୀଗ୍ରାମ ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ଏହି ପ୍ରତିନିଧି ଦଳଙ୍କୁ ସ୍କୁଲର କୌଣସି କାଗଜପତ୍ର ଦେଖିବାକୁ ଦିଆଯାଇ ନ ଥିଲା। ପରେ ଏହି ପ୍ରତିନିଧି ଦଳ ଗଣେଶ୍ୱରପୁର ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଲାଗି କରାଯାଇଥିବା ମଧ୍ୟାହ୍ନ ଭୋଜନକୁ ଯାଞ୍ଚ କରିବା ସହ ଖାଇବା ପରେ ଏହା ଅତି ନିମ୍ନମାନର ହୋଇଥିବା ନେଇ ତାଗିଦ୍ କରିଥିଲେ। ଷ୍ଟାଣ୍ଡିଂ କମିଟିରେ ପୂର୍ଣ୍ଣଚନ୍ଦ୍ର ଓଝା, ମିନତୀ ସେଠୀ, କାମିନୀବାଳା ସ୍ୱାଇଁ, ସୁମନ୍ତ ଦାସ, ସରୋଜିନୀ ନାୟକ, ରଶ୍ମିରେଖା ମହାନ୍ତି ରହି ତଦାରଖ କରିଥିଲେ। ଅନ୍ୟ ମଧ୍ୟରେ ଶିକ୍ଷା ଅଧିକାରୀ ବସନ୍ତ କୁମାର ମିଶ୍ର, ଅତିରିକ୍ତ ଶିକ୍ଷାଧିକାରୀ ପ୍ରଭାସଚନ୍ଦ୍ର କରଣ, ବ୍ରଜବନ୍ଧୁ ବେହେରା ଓ ସୁକାନ୍ତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




ଜିଲାପରିଷଦ ଷ୍ଟାଣ୍ଡିଂ କମିଟିର ସଦସ୍ୟମାନେ ଏକ ସ୍କୁଲ ପରିଦର୍ଶନ କରୁଛନ୍ତି।

# ପଞ୍ଚଗବ୍ୟ ଚିକିତ୍ସକ ସମ୍ମିଳନୀ ଆରମ୍ଭ

ପୁରୀ ଅଫିସ, ୧୮।୧୧:

ଗୋବଂଶ ବିକାଶରେ ଦେଶର ସ୍ୱାର୍ଥ ନିହିତ। ଗୋବର ଓ ଗୋମୂତ୍ରରୁ ଜୈବିକ କୃଷି ଓ ପଞ୍ଚଗବ୍ୟ ଔଷଧ ପ୍ରସ୍ତୁତି କରାଯାଇପାରିବ। ତେଣୁ ଗୋବଂଶ ସୁରକ୍ଷା, ସମୃଦ୍ଧି, ସମ୍ବର୍ଦ୍ଧନା ଲାଗି ପ୍ରତ୍ୟେକ ଭାରତୀୟଙ୍କ ଉତ୍ତରଦାୟିତ୍ୱ ରହିଛି। ପଞ୍ଚଗବ୍ୟ ଚିକିତ୍ସକ ସଂଘ ଏବଂ ପଞ୍ଚଗବ୍ୟ ବିଦ୍ୟାପୀଠ କାଞ୍ଚିପୁରମ୍ ମିଳିତ ଆନୁକୂଲ୍ୟରେ ପୁରୀ ରେଲୱେ ପର୍ଯ୍ୟଟନ ସୂଚନାକେନ୍ଦ୍ରରେ ସୋମବାର ଆରମ୍ଭ ହୋଇଥିବା ଚିକିତ୍ସକ ସମ୍ମିଳନୀରେ ଏହା କହିଛନ୍ତି ବିଦ୍ୟାପୀଠ ପରିଚାଳନା ମୁଖ୍ୟ ଡ. ନିରଞ୍ଜନ ବର୍ମା। ସେ କହିଛନ୍ତି, ପ୍ରାଚୀନ ଭାରତୀୟ ଶାସ୍ତ୍ରବିଧି ଦ୍ୱାରା ପ୍ରସ୍ତୁତ ପଞ୍ଚଗବ୍ୟ ଔଷଧ ସର୍ବରୋଗ ନିରୋଧି ଅଟେ। ଜୈବିକ କୃଷି ଦ୍ୱାରା ପ୍ରସ୍ତୁତ ଖାଦ୍ୟଶସ୍ୟର ଗୁଣବତ୍ତା ଉଚ୍ଚକୋଟୀର। ଗୋଦୁଗ୍ଧ ଅମୃତ ତୁଲ୍ୟ ସମାନ। ତେଣୁ ଗୋବଂଶ ବୃଦ୍ଧି ଓ ସୁରକ୍ଷା ପ୍ରତି ସମସ୍ତେ ଧ୍ୟାନ ଦେବା ଉଚିତ। ଏହି ଅବସରରେ କେତେଜଣ ଚିକିତ୍ସକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟାରେ ନବପ୍ରତିଭାର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଜଗନ୍ନାଥ ପଟ୍ଟନାୟକ, ସୁମନ୍ତ କୁମାର ପ୍ରଧାନ, ମହେଶ୍ୱର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।



କାର୍ଯ୍ୟକ୍ରମରେ ନବ ପ୍ରତିଭାର କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

## ସ୍କୁଲସ୍ତରୀୟ ଚେସ୍, ବ୍ୟାଡମିଣ୍ଟନ ପ୍ରତିଯୋଗିତା

ପୁରୀ ଅଫିସ, ୧୮।୧୧:

ଅମଳା କ୍ଲବର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ସୋମବାର ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଚେସ୍ ପ୍ରତିଯୋଗିତାରେ ସନ୍ତୋଷ କୁମାର ବରାଳ, ମନୋଜ କୁମାର ବେହେରା ଓ ସନ୍ତୋଷ ମହାନ୍ତି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି। ବ୍ୟାଡମିଣ୍ଟନରେ ମନୋଜ କୁମାର ବେହେରା ଚାମ୍ପିୟନ ଓ ସନ୍ତୋଷ ବରାଳ ରନର୍ସ ଅପ୍ ହୋଇଛନ୍ତି। ସ୍କୁଲସ୍ତରୀୟ ବ୍ୟାଡମିଣ୍ଟନ (ବାଳକ ସିଙ୍ଗଲ୍ସ)ରେ ଆଦିତ୍ୟ ମହାନ୍ତି ପ୍ରଥମ ଓ ସୌମେନ୍ଦ୍ର ସାହୁ ଦ୍ୱିତୀୟ ହୋଇଛନ୍ତି। ଡବଲ୍ସରେ ଆଦିତ୍ୟ ଓ ସୌମେନ୍ଦ୍ର ଚାମ୍ପିୟନ, ରୋନକ ପାତ୍ର ଓ ଦିବ୍ୟପ୍ରକାଶ ସୁବୁଦ୍ଧି ରନର୍ସ ଅପ ହୋଇଛନ୍ତି। ବାଳିକା ସିଙ୍ଗଲ୍ସରେ ଲିପ୍‌ସା ପ୍ରିୟଦର୍ଶିନୀ ବାରିକ ଚାମ୍ପିୟନ ଓ ପ୍ରୀତି ରେଡ୍ଡୀ ରନର୍ସ ଅପ୍ ହୋଇଛନ୍ତି। ଡବଲ୍ସରେ ପ୍ରୀତି ଓ ଶକ୍ତି ସ୍ୱରୂପ ସାହୁ ଚାମ୍ପିୟନ, ସସ୍ମିତା ଦାଶ ଓ ଟିକିନା ବରାଳ ରନର୍ସ ଅପ୍ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ୧୨ଟି ସ୍କୁଲର ୧୫୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଜିଲାପାଳ ବଲୱନ୍ତ ସିଂ, ଡିଆର୍‌ଡିଏ ନିର୍ଦ୍ଦେଶକ ବିଶାଳ ସିଂ ଅତିଥି ଭାବେ ଯୋଗ ଦେଇଥିଲେ। ଅମଳା କ୍ଲବ ସଭାପତି ଦିଲୀପ ନାୟକ ଓ ସମ୍ପାଦକ ଦୁର୍ଗାପ୍ରସନ୍ନ ମହାନ୍ତି, କ୍ରୀଡ଼ା ସଙ୍ଗଠକ ସବ୍ୟସାଚୀ ମହାପାତ୍ର, ଜିତେନ୍ଦ୍ର ମହାନ୍ତି, ଶ୍ୟାମଲାଲ କୁଣ୍ଡୁ, କ୍ରୀଡ଼ା ଶିକ୍ଷକ ରଞ୍ଜିତ ମିଶ୍ର ଓ ଲକ୍ଷ୍ମୀପ୍ରିୟା ନାଥ ପ୍ରମୁଖ ଖେଳ ପରିଚାଳନା କରିଥିଲେ। କ୍ଲବ ପରିସରରେ ବ୍ୟାଡମିଣ୍ଟନ କୋର୍ଟ ବ୍ୟବସ୍ଥା କରାଯିବାକୁ କ୍ଲବ ପକ୍ଷରୁ ଜିଲା ପ୍ରଶାସନକୁ ପ୍ରସ୍ତାବ ଦିଆଯାଇଛି।

# କୋଣାର୍କ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ

କୋଣାର୍କ,୧୮।୧୧(ଡି.ଏନ.ଏ.)

କୋଣାର୍କସ୍ଥିତ ଯାତ୍ରୀନିବାସ ସମ୍ମେଳନ କକ୍ଷଠାରେ ରବିବାର ୩୦ତମ କୋଣାର୍କ ଉତ୍ସବ ଏବଂ ଆନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟଟନ ବିଭାଗ ସଚିବ ବିଶାଲ ଦେବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ପାର୍କିଂ ଓ ଟ୍ରାଫିକ ବ୍ୟବସ୍ଥା, ବାଲୁକା କଳା ମହୋତ୍ସବର ପ୍ରସ୍ତୁତି, ହସ୍ତଶିଳ୍ପ ପ୍ରଦର୍ଶନୀ ମେଳା, ମିନା ବଜାର, ମୁକ୍ତାକାଶ ରଙ୍ଗମଞ୍ଚର ସୌନ୍ଦର୍ଯ୍ୟକରଣ, ଆଲୋକ ଓ ପାନୀୟଜଳ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, ପରିମଳ ବ୍ୟବସ୍ଥା ଆଦି ବିଷୟରେ ଆଲୋଚନା ହୋଇଥିଲା। ଚନ୍ଦ୍ରଭାଗାଠାରେ ହେବାକୁ ଥିବା ଆନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ ନିମନ୍ତେ ୪୦ଟି ଷ୍ଟଲ ପାଇଁ ଆମେରିକା, ଡେନମାର୍କ, ରୁଷିଆ, କାନାଡା ଓ ଆଫ୍ରିକା ସମେତ ୬ଟି ଦେଶର ବିଦେଶୀ ବାଲୁକା ଶିଳ୍ପୀ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଓଡିଶା ବାହାରର ୧୬ଜଣ ବାଲୁକା ଶିଳ୍ପୀ ଓ ଓଡିଶାର ୧୨୧ଜଣ ବାଲୁକା ଶିଳ୍ପୀ ଭାଗନେବା ପାଇଁ ଆବେଦନ କରିଥିବା ପର୍ଯ୍ୟଟନ ବିଭାଗର ବ୍ରାଣ୍ଡ ଆମ୍ବାସଡର ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପ୍ରକାଶ କରିଛନ୍ତି। କୋଣାର୍କ ଏନଏସି ପକ୍ଷରୁ ୩୦୦ଟି ଷ୍ଟଲ ପ୍ରଦର୍ଶନ କରାଯିବା ସହ ହେଲିପ୍ୟାଡ ପଡିଆରେ ମିନା ବଜାର ହେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସୁରକ୍ଷା ଦୃଷ୍ଟିକୁ ନେଇ ଅଗ୍ନିଶମ ବିଭାଗ ପକ୍ଷରୁ ସମୁଦ୍ର କୂଳରେ ୨୦ଜଣ ଲାଇଫ ଗାର୍ଡ ମୁତୟନ କରାଯିବା ସହ ପର୍ଯ୍ୟଟନ ପୋଲିସ ପକ୍ଷରୁ ୨୪ଘଣ୍ଟିଆ ପାଟ୍ରୋଲିଂ ବ୍ୟବସ୍ଥା କରାଯିବା ପାଇଁ ବୈଠକରେ ସ୍ଥିର କରାଯାଇଛି। ଏଥିରେ ପୁରୀ ଜିଲାପାଳ ବଲୱନ୍ତ ସିଂ, ଓଟିଡିସିର ନିର୍ଦ୍ଦେଶକ ହେମକାନ୍ତ ସେଏ, ପୁରୀ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ବିଶାଳ ସିଂ, ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ବିଜୟ କୁମାର ଜେନା, ଡିଆଇବି ଡିଏସ୍‌ପି ଉମାକାନ୍ତ ମଲ୍ଲିକ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

■ ସ୍ୱର୍ଗଦ୍ୱାରର ବିକାଶ ପାଇଁ ମତ ନେଲା ଜିଲା ପ୍ରଶାସନ

# ୨୦୨୦ ମାର୍ଚ୍ଚ ୩୧ ସୁଦ୍ଧା କାମ ସାରିବାକୁ ଲକ୍ଷ୍ୟ

ପୁରୀ ଅଫିସ, ୧୮।୧୧:

ସ୍ୱର୍ଗଦ୍ୱାରର ବିକାଶ ହେବ। ପ୍ରଥମ ପର୍ଯ୍ୟାୟରେ ଏଥିପାଇଁ ୫ କୋଟି ଟଙ୍କା ଖର୍ଚ୍ଚ କରିବେ ରାଜ୍ୟ ସରକାର। ଚଳିତ ମାସ ଆରମ୍ଭରେ ଏହି ନିଷ୍ପତ୍ତି ନିଆଯାଇଥିବାବେଳେ ଏହାର କାମ ଶୀଘ୍ର ଆରମ୍ଭ କରିବା ଲାଗି ଜିଲା ପ୍ରଶାସନ ମଧ୍ୟ ତତ୍ପରତା ପ୍ରକାଶ କରିଛି। ସ୍ୱର୍ଗଦ୍ୱାର ହେଉଛି ଏକ ପବିତ୍ର ଭୂମି। ଏହା ଉପରେ ସମସ୍ତଙ୍କ ଆସ୍ଥା ଓ ବିଶ୍ୱାସ ରହିଛି। ତେଣୁ ଏହାର ବିକାଶ ନେଇ ରବିବାର ସହରର ବିଶିଷ୍ଟ ବ୍ୟକ୍ତିଙ୍କ ମତ ନେଇଛି ଜିଲା ପ୍ରଶାସନ। ଜିଲାପାଳଙ୍କ କାର୍ଯ୍ୟାଳୟରେ ଏ ସଂକ୍ରାନ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମଠ ମହନ୍ତ, ବୁଦ୍ଧିଜୀବୀ, ଗବେଷକ ଆଦି ବିଶିଷ୍ଟ ବ୍ୟକ୍ତିଙ୍କୁ ଡକାଯାଇ ଆଲୋଚନା କରାଯାଇଥିଲା। ଏ ସଂକ୍ରାନ୍ତ ନକ୍ସାକୁ ସମସ୍ତଙ୍କୁ ଦେଖାଯାଇଥିଲା। କେଉଁଠି କି ପ୍ରକାର ନିର୍ମାଣ କରାଯିବ ତାହା ଦର୍ଶାଯାଇଥିଲା। କାରଣ ଭବିଷ୍ୟତରେ ଏହି ବିକାଶକୁ ନେଇ ଯେପରି କୌଣସି ପ୍ରକାର ଚର୍ଚ୍ଚା ନ ହେବ ତାହାକୁ ଲକ୍ଷ୍ୟ ରଖି ଏହି ବୈଠକ ଅନୁଷ୍ଠିତ ହୋଇଥିବା କୁହାଯାଉଛି। ତେବେ ଚଳିତ ମାସ ଶେଷଆଡକୁ ଏହାର କାମ ଆରମ୍ଭ କରାଯାଇ ୨୦୨୦ ମାର୍ଚ୍ଚ ୩୧ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଆଲୋଚନା କରାଯାଇଛି।

# ସୀତାର ବାଦକ ରବିଶଙ୍କରଙ୍କୁ ସମ୍ବର୍ଦ୍ଧନା



ସୀତାର ବାଦକ ପଣ୍ଡିତ ରବିଶଙ୍କର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କୋଣାର୍କ,୧୮।୧୧(ଡି.ଏନ୍.ଏ.)

ଚଳିତ ମାସ ୧୩ତାରିଖରେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶାର ସୀତାର ବାଦକ ପଣ୍ଡିତ ରବିଶଙ୍କର ପ୍ରଧାନଙ୍କୁ ୨୦୧୭ ମସିହା ପାଇଁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ମାନରେ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସମ୍ମାନିତ କରିଥିଲେ। ଏହି ଅବସରରେ ରବିବାର କୋଣାର୍କ ନାଟ୍ୟମଣ୍ଡପ ପକ୍ଷରୁ ନାଟ୍ୟ ମଣ୍ଡପ ପରିସରରେ ପଣ୍ଡିତ ରବିଶଙ୍କରଙ୍କୁ ସ୍ମୃତିଫଳକ, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉତ୍ସବରେ କୋଣାର୍କ ଜବାହାର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ଡି. ମାଲେଶ୍ୱର ରାଓ, ଗୋଟିପୁଅ ନୃତ୍ୟଗୁରୁ ଜୟକୃଷ୍ଣ ନାୟକ, ରବୀନ୍ଦ୍ରନାଥ ବାହିନିପତି, ସେବେନ୍ଦ୍ର ଦାସ ଓ ବସନ୍ତ ପ୍ରଧାନ, ଭାଓଲିନ ଗୁରୁ ବାନାମ୍ବର ସ୍ୱାଇଁ, ଆଇନଜୀବୀ ପ୍ରତାପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବକୁ ସୁଲୋଚନା ପ୍ରଧାନ, କୋଣାର୍କ ନାଟ୍ୟମଣ୍ଡପର ସମ୍ପାଦକ ଶିବାଶିଷ ପ୍ରଧାନ, କାର୍ଯ୍ୟନିର୍ବାହୀ ସଭାପତି ଡ. ରମଣୀରଞ୍ଜନ ଜେନା, ଉପସଭାପତି ପ୍ରସନ୍ନ ବେଉରିଆ, ଯୁଗ୍ମସମ୍ପାଦକ ଗୁରୁପଦ ବଳିଆରସିଂହ, ଜଟାଧାରୀ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

■ ଫନୀ ଘରଭଙ୍ଗା ସହାୟତା ତାଲିକାରେ ଅନିୟମିତତା

# ପୃଷ୍ଠା ଓଲଟାଇଲେ ଅଡୁଆ ବଢୁଛି

ପୁରୀ ଅଫିସ, ୧୮।୧୧:

ଫନୀ ଘରଭଙ୍ଗା ସହାୟତାକୁ ନେଇ ଅଡୁଆ ତୁଟୁନି। ବରଂ ଦିନ ଯେତେ ଗଡୁଛି ଜିଲା ପ୍ରଶାସନ ପାଇଁ ଚିନ୍ତା ସେତିକି ବଢୁଛି। ହିତାଧିକାରୀ ଚୟନରେ ସାମିଲ ଅଧିକାରୀ ଏବଂ ରାଜସ୍ୱ କର୍ମଚାରୀଙ୍କ ଅନିୟମିତତା ପ୍ରଶାସନକୁ ହରଡ଼ଘଣାରେ ପକାଇଛି। ଘରଭଙ୍ଗା ସହାୟତା ତାଲିକା ଖୋଲିଲେ ଦୁର୍ନୀତିର ଗନ୍ଧ ବାରି ହୋଇପଡୁଛି। ବହୁ ଥିଲାବାଲା ଲୋକେ ସହାୟତା ହାତେଇଥିବାବେଳେ ଅନେକ ଯୋଗ୍ୟ ତଥା ଗରିବ ହିତାଧିକାରୀଙ୍କ ନାଁ ନାହିଁ। ବହୁ ଜନପ୍ରତିନିଧି ଓ ସେମାନଙ୍କ ସମ୍ପର୍କୀୟ ଚଞ୍ଚକତା କରିଥିବାରୁ ଏହାକୁ ନେଇ କ୍ଷତିଗ୍ରସ୍ତଙ୍କ ମଧ୍ୟରେ ଅସନ୍ତୋଷ ତେଜୁଛି। ଫଳରେ ପ୍ରଶାସନ ପାଖରେ ଅଭିଯୋଗ ତାଲିକା ଲମ୍ବିବାରେ ଲାଗିଛି। ପ୍ରତିଦିନ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଲୋକେ ଅଭିଯୋଗ କରୁଥିବାବେଳେ ପ୍ରତ୍ୟେକ ସୋମବାର ସୃଷ୍ଟି ହେଉଛି ଅଣାୟତ୍ତ ପରିସ୍ଥିତି। ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ସକାଳୁ ସଞ୍ଜ ଯାଏ ଲାଗୁଛି ଲମ୍ବା ଲାଇନ। ସୋମବାର ଏ ସଂକ୍ରାନ୍ତ ୬୨୦ଟି ଅଭିଯୋଗ ହୋଇଛି। ପ୍ରତିଦିନ ଏତେ ସଂଖ୍ୟକ ଅଭିଯୋଗ ଆସୁଛି ଯେ, ସେଗୁଡ଼ିକର ଯାଞ୍ଚ କିପରି ହେଉଥିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବାତ୍ୟାରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା ପୁରୀ ଜିଲା। ଏହି ଜିଲାର ପ୍ରାୟ ୧୧ଟି ବ୍ଲକ ପ୍ରଭାବିତ ହୋଇଥିଲା। ଘର କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କୁ ସହାୟତା ଦେବା ଲାଗି ସରକାର ଘୋଷଣା କରିଥିଲେ। ଏହାପରେ ସରକାରୀ କର୍ମଚାରୀମାନେ ଗାଁ ଗାଁ ବୁଲି ତାଲିକା ପ୍ରସ୍ତୁତ କରିଥିଲେ। ସମ୍ପୂର୍ଣ୍ଣ ଭଙ୍ଗା, ମାତ୍ରାଧିକ ଭଙ୍ଗା ଏବଂ ଆଂଶିକ ଭଙ୍ଗା ଏହିପରି ବର୍ଗୀକରଣ କରାଯାଇ ତାଲିକା ହୋଇଥିଲା। ତାଲିକା ଅନୁଯାୟୀ ଫନୀ ସହାୟତା ବଣ୍ଟାଯାଇଛି। ତେବେ ହିତାଧିକାରୀ ଚୟନରେ ଅନିୟମିତତା ହୋଇଛି। ତାଲିକାରେ ଗୋଟିଏ ପରିବାରରୁ ଏକାଧିକ ବ୍ୟକ୍ତିଙ୍କ ସମେତ ବଡବଡ଼ିଆ ଓ ଜନ ପ୍ରତିନିଧିଙ୍କ ନାଁ ରହିଛି। ଅନେକ ଲୋକଙ୍କର କୋଠାଘର ବାତ୍ୟାରେ କିଛି କ୍ଷତି ହୋଇ ନ ଥିଲେ ମଧ୍ୟ ସେମାନଙ୍କୁ ଫନୀ ସହାୟତା ମିଳିଛି। କିନ୍ତୁ ଅନେକ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତଙ୍କ ନାଁ ତାଲିକାରେ ନାହିଁ। ଏଥିଯୋଗୁ ଅସନ୍ତୋଷ ତେଜିବାରେ ଲାଗିଛି। ବଡ଼ବଡ଼ିଆ ଓ ଜନପ୍ରତିନିଧିଙ୍କ ସହ କେତେଜଣ ଅଧିକାରୀ ଓ କର୍ମଚାରୀ ସଲାସୁତୁରା କରି ଏଭଳି ତାଲିକା ପ୍ରସ୍ତୁତ କରିଥିବା ଅଭିଯୋଗ ହେଉଛି। ଏ ନେଇ ଏବେ ସବୁ ବ୍ଲକରେ ଅଡୁଆ ପରିସ୍ଥିତି ଉପୁଜିଲାଣି। ସଦର ବ୍ଲକର ଜଣେ ଜିଆର୍‌ଏସ୍‌ଙ୍କ ପରିବାରର ୬ଜଣ ଘରଭଙ୍ଗା ସହାୟତା ପାଇଥିବାବେଳେ ଜିଲାର ଜଣେ ବ୍ଲକ ଅଧ୍ୟକ୍ଷ ଫନୀ ସହାୟତା ହାତେଇଛନ୍ତି। ସମ୍ପୃକ୍ତ ଜିଆରଏସ୍‌ଙ୍କ ପରିବାରକୁ ଏକାଧିକ ସହାୟତା ମିଳିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି। ଜିଲାପାଳ ବଲୱନ୍ତ ସିଂ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଯଦି କେହି ଚଞ୍ଚକତା କରି ଟଙ୍କା ନେଇଥିବେ ସେମାନଙ୍କଠାରୁ ଫେରସ୍ତ ଅଣାଯିବ। ଏଥିରେ ସରକାରୀ ଅଧିକାରୀ କିମ୍ବା କର୍ମଚାରୀ ସାମିଲ ଥିଲେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି।